ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ମୌଜାରେ ରାଜୁଆ ଡାଇଭର୍ସନ
ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣର

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

(ToR 78-00003)

*ସହାୟତା:*

**ରାଜ୍ୟ ସାମାଜିକ ପ୍ରଭାବ ଆକଳନ ବିଭାଗ**

ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର
ଭୁବନେଶ୍ୱର, ଓଡ଼ିଶା -୭୫୧୦୧୩

*ପ୍ରସ୍ତୁତକର୍ତ୍ତା:*

**କର୍ତ୍ତବ୍ୟ**

ପ୍ଲଟ ନଂ- ୩୩୫/୪୦୭୮ ,ଜୟଦେବ ବିହାର
ଭୁବନେଶ୍ୱର, ଓଡ଼ିଶା -୭୫୧୦୧୩

ମାର୍ଚ୍ଚ, ୨୦୨୬

## ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ମୌଜାରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣର

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

**(ToR 78-00003)**

ମାର୍ଚ୍ଚ,୨୦୨୬




*ସହାୟତା:*

**ରାଜ୍ୟ ସାମାଜିକ ପ୍ରଭାବ ଆକଳନ ବିଭାଗ**
**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର**
**(ଏନ୍.ସି.ଡି.ଏସ) ଭୁବନେଶ୍ୱର, ଓଡ଼ିଶା -୧୩**

*ପ୍ରସ୍ତୁତକର୍ତ୍ତା:*

**କର୍ତ୍ତବ୍ୟ**
**ପ୍ଲଟ ନଂ- ୩୩୩୫/୪୦୭୮ ଜୟଦେବ ବିହାର, ଭୁବନେଶ୍ୱର ଓଡ଼ିଶା -୧୩**

ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ମୌଜାରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ନିମନ୍ତେ ୨.୬୮୮୦ ଏକର ବେସରକାରୀ ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ToR 78-00003)

---

@ ମାର୍ଚ୍ଚ,୨୦୨୬

**ପ୍ରକଳ୍ପ ଅଧିକାରୀ:**

ଅଧୀକ୍ଷଣ ଯନ୍ତ୍ରୀ, ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧା

**ଅଧ୍ୟୟନ ଦଳ:**

ଶ୍ରୀ ପ୍ରଫୁଲ କୁମାର ବେହେରା ,ଟିମ୍ ଲିଡର

ଶ୍ରୀ ବଳରାମ ଜେନା, ତଥ୍ୟ ସଂଗ୍ରହକାରୀ

ମଧୁସ୍ମିତା ଚୌଧୁରୀ, କମ୍ପ୍ୟୁଟର ପରିଚାଳକ

**ସହାୟତା:**

ରାଜ୍ୟ ସାମାଜିକ ଆକଳନ ଅଧ୍ୟୟନ ବିଭାଗ,

ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ୍.ସି.ଡି.ଏସ), ଭୁବନେଶ୍ୱର, ଓଡିଶା- ୭୫୧୦୧୩

**ପ୍ରସ୍ତୁତକର୍ତ୍ତା:**

**କର୍ତ୍ତବ୍ୟ**

ପ୍ଲଟ ନଂ- ୩୩୫/୪୦୭୮, ଜୟଦେବ ବିହାର,

ପୋଷ୍ଟ- ଆର.ଆର.ଏଲ୍ କ୍ୟାମ୍ପସ, ଭୁବନେଶ୍ୱର, ଓଡ଼ିଶା- ୭୫୧୦୧୩

# ସ୍ୱୀକାରୋକ୍ତି

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଗ୍ରାମେଶ୍ୱରପୁର ମୌଜାରୁ ରାଜୁଆ ଡାଇଭର୍ସନ ୱେୟାର ଅଧିନରେ ବ୍ରଜମୋହନପୁର ସବ-ମାଇନର ୨ ପାଇଁ ୨.୬୮୮୦ ଏକର ବ୍ୟକ୍ତିଗତ ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଦ୍ୱାରା ମନୋନୀତ ହୋଇ ତାଲିକାଭୁକ୍ତ ହୋଇଥିବା ଏକ ସ୍ୱାଧୀନ ସଂସ୍ଥା 'କର୍ତ୍ତବ୍ୟ' ସଫଳତାର ସହ ସମ୍ପାଦନ କରିଛନ୍ତି ।

ଏହି ଅଧ୍ୟୟନଟି ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ "ନ୍ୟାୟୋଚିତ କ୍ଷତିପୁରଣ, ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩" ଏବଂ ଏଥିପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶିକା ଆଧାରରେ ପ୍ରସ୍ତୁତି ହୋଇଛି, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ପରିବାରଗୁଡ଼ିକର ସୁମାରି କରିବା ସହ ଏହା ଦ୍ୱାରା ସେମାନଙ୍କ ଜୀବନ ଏବଂ ଜିବୀକା ଉପରେ ପଡ଼ିବାକୁ ଥିବା ସାମାଜିକ ପ୍ରଭାବ ଗୁଡ଼ିକର ଆକଳନ କରିବା । ଉକ୍ତ ଅଧ୍ୟୟନଟି ପ୍ରସ୍ତୁତ କରିବା ପାଇଁ ଆମେ ଅନେକ ଗୁଡ଼ିଏ ପ୍ରତିଷ୍ଠାନ ଏବଂ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟ ସହଯୋଗ ପାଇଛୁ ।

ସର୍ବପ୍ରଥମେ ଆମେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା ସଂସ୍ଥା ପାଖରେ ଆମେ କୃତଜ୍ଞତା ଜ୍ଞାପନ କରିବୁ ଯିଏ ଆମକୁ ଏହି ଗୁରୁଦାୟିତ୍ୱ ସମ୍ପାଦନ କରିବାର ଅନୁମତି ପ୍ରଦାନ କରିଛନ୍ତି । ସେହିପରି ରାଜ୍ୟ ସରକାର ଓ ଅଧୀକ୍ଷଣ ଯନ୍ତ୍ରୀ, ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧା ଏହି କାର୍ଯ୍ୟଟି କରିବା ପାଇଁ ଆର୍ଥିକ ସହଯୋଗ କରିଥିବାରୁ ଆମେ ସେମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛୁ ।

ଡ. ରାଜକୁମାର ଖୋସଲା, ସଂଯୋଜକ, ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରଙ୍କ ପାଖରେ ଆମେ ଚିରଋଣି, ଯିଏ ଏହି ଅଧ୍ୟୟନଟି ପ୍ରସ୍ତୁତି କରିବାପାଇଁ ଆମକୁ ସବୁ କ୍ଷେତ୍ରରେ ଦିଗଦର୍ଶନ ଦେବା ସହ ଗବେଷକ ଦଳକୁ ସଠିକ ଭାବରେ ତଥ୍ୟ ସଂଗ୍ରହ, ତଥ୍ୟ ତର୍ଜମା ଏବଂ ତଥ୍ୟର ଉପଯୁକ୍ତ ପରିପ୍ରକାଶ କରିବାରେ ତାଙ୍କର ମତାମତ ପ୍ରଦାନ କରିଛନ୍ତି ।

ଏହି କାର୍ଯ୍ୟରେ ବିଶେଷଭାବେ ଆମକୁ ସାହାଯ୍ୟ କରିଥିବା ଖୋର୍ଦ୍ଧା ଜିଲ୍ଲା ଜମି ଅଧିଗ୍ରହଣ ଅଧିକାରୀ ଅନନ୍ୟା ଶତପଥୀ, ରାଜୁଆ ଜଳସେଚନ ଉପ-ବିଭାଗର କନିଷ୍ଠ ଯନ୍ତ୍ରୀ ଇଞ୍ଜିନିୟର ପାପୁନ ସ୍ୱାଇଁ ଏବଂ ଖୋର୍ଦ୍ଧା ଭୂମି ଅଧିଗ୍ରହଣ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦଙ୍କୁ ଆମେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ ।

ଯେଉଁମାନଙ୍କ ଅକୁଣ୍ଠ ସହଯୋଗ ବିନା ଏହି ଗବେଷଣା ପାଇଁ ସଠିକ ତଥ୍ୟ ସଂଗ୍ରହ କରିବାରେ ଆମେ କଦାପି କୃତକାର୍ଯ୍ୟ ହେଉନଥାନ୍ତୁ ସେମାନେ ହେଲେ ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ମୌଜାର ମୁଖିଆ, ପ୍ରତିଷ୍ଠିତ ବ୍ୟକ୍ତି, ଅନୁଷ୍ଠାନ ଏବଂ ବ୍ରଜମୋହନପୁର ପଂଚାୟତର ସରପଂଚ ଇତ୍ୟାଦିଙ୍କୁ ଆମେ ମଧ୍ୟ ହୃଦୟର ସହ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ଅଧ୍ୟୟନର ଗବେଷଣା ଦଳର ସମସ୍ତ ସଦସ୍ୟ ମାନଙ୍କୁ ଆମେ ଧନ୍ୟବାଦ ଦେଉଛୁ ଯେଉଁମାନଙ୍କର ନିଷ୍ଠାପର ଉଦ୍ୟମ ଯୋଗୁ ଏହି ମୌଜାର ପରିବାରଙ୍କ ଠାରୁ ସଠିକ୍ ତଥ୍ୟ ସଂଗ୍ରହ କରାଯାଇଛି ।

ପରିଶେଷରେ କର୍ତ୍ତବ୍ୟ ର କାର୍ଯ୍ୟକାରୀ ନିର୍ଦ୍ଦେଶକ, ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା ପୁରା ଅଧ୍ୟୟନ ପାଇଁ ଯୋଜନା ପ୍ରସ୍ତୁତି ତଥା ଏହାକୁ ସୂଚାରୁ ରୂପେ ପରିଚାଳନା କରିଥିବାରୁ ତାଙ୍କୁ ଆମେ ଏଠାରେ ଧନ୍ୟବାଦ ପ୍ରଦାନ କରୁଛୁ । ଆଶା କରୁ ଯେଉଁ ମହତ ଉଦ୍ଦେଶ୍ୟ ପାଇଁ ଏହି ଅଧ୍ୟୟନଟି କରାଯାଇଛି ତାହା ନିଶ୍ଚୟ ଭାବରେ ପୂରଣ ହେବ ।

କର୍ତ୍ତବ୍ୟ

# ସୂଚୀପତ୍ର


*ସୂଚୀପତ୍ର* ........ *୪*
*ସାରଣୀର ତାଲିକା* ........ *୬*
*ଚିତ୍ରର ତାଲିକା* ........ *୬*
*ଅଧ୍ୟୟନର ସାରାଂଶ* ........ *୭*
ଅଧ୍ୟାୟ-୧ ........ ୧୧
ଉପକ୍ରମ ଓ ପ୍ରକଳ୍ପ ସମ୍ବନ୍ଧରେ ବର୍ଣ୍ଣନା ........ ୧୧
୧.୧ ପୃଷ୍ଠଭୂମି ........ ୧୧
୧.୨ ପ୍ରକଳ୍ପ ଏବଂ ପ୍ରକଳ୍ପ ବିକାଶକାରୀଙ୍କ ପୃଷ୍ଠଭୂମି ........ ୧୨
୧.୩ ପ୍ରକଳ୍ପର ପରିଚାଳନା ବ୍ୟବସ୍ଥା ........ ୧୩
୧.୪ ପ୍ରକଳ୍ପର ଯଥାର୍ଥତା ଓ ସାର୍ବଜନୀକ ଉଦ୍ଦେଶ୍ୟ ........ ୧୩
୧.୫ ପ୍ରକଳ୍ପର ଆକାର, ଅବସ୍ଥାନ, କ୍ଷମତା, ଖର୍ଚ୍ଚ ଏବଂ ବିପଦର ବିବରଣୀ: ........ ୧୩
୧.୬ ବିକଳ୍ପ ମାଧ୍ୟମର ବିଶ୍ଳେଷଣ ........ ୧୩
୧.୭ ପ୍ରକଳ୍ପ ନିର୍ମାଣର ପର୍ଯ୍ୟାୟ ........ ୧୪
୧.୮ ଆନୁସଙ୍ଗିକ ଭିତିଭୂମି ସୁବିଧା ପାଇଁ ଆବଶ୍ୟକତା: ........ ୧୪
୧.୯ କର୍ମଜୀବୀ ଆବଶ୍ୟକତା: ........ ୧୪
୧.୧୦ ଜମି ଅଧିଗ୍ରହଣ ସମ୍ପର୍କିତ ସରକାରଙ୍କ ଆଇନକାନୁନ ........ ୧୫
ଅଧ୍ୟାୟ-୨ ........ ୨୧
ଅଧ୍ୟୟନ ଦଳ, କାର୍ଯ୍ୟଧାରା ଏବଂ ପ୍ରକ୍ରିୟା ........ ୨୧
୧.୧ ଅଧ୍ୟୟନର ଉଦ୍ଦେଶ୍ୟ ........ ୨୧
୧.୨ ଅଧ୍ୟୟନର ଗବେଷକ ଦଳର ତାଲିକା ଓ ଯୋଗ୍ୟତା ........ ୨୨
୧.୩ ଅଧ୍ୟୟନ ପଦ୍ଧତିର ବର୍ଣ୍ଣନା ଓ ବ୍ୟବହୃତ ପ୍ରଶ୍ନାବଳି ........ ୨୩
୧.୪ ବ୍ୟବହୃତ ନମୁନା ପଦ୍ଧତି ........ ୨୬
୧.୫ ବ୍ୟବହୃତ ତଥ୍ୟର ଉତ୍ସ ........ ୨୭
୧.୬ ଲୋକ ପ୍ରତିନିଧି ଓ ପ୍ରଭାବିତ ପରିବାରମାନଙ୍କ ସହ ପରାମର୍ଶର କାର୍ଯ୍ୟସୂଚୀ ........ ୨୭
୧.୭ ଆୟୋଜିତ ଜନ ଶୁଣାଣି ଓ ଦଳଗତ ଆଲୋଚନାର ସଂକ୍ଷିପ୍ତ ବିବରଣୀ ........ ୨୮
୧.୮ ଅଧ୍ୟୟନ ରିପୋର୍ଟର ବିଭାଗ ବଂଟନ ........ ୩୨
ଅଧ୍ୟାୟ-୩ ........ ୩୩
ଜମିର ଆକଳନ ........ ୩୩
୩.୧ ପ୍ରକଳ୍ପ ଅଂଚଳର ମାନଚିତ୍ର ........ ୩୩
୩.୨ ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ପରିମାଣ ଓ ଅବସ୍ଥିତି ........ ୩୪
୩.୩ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ହେଉଛି ସର୍ବନିମ୍ନ ଆବଶ୍ୟକତା ........ ୩୪
୩.୪ ପ୍ରକଳ୍ପ ନିମନ୍ତେ ସମ୍ଭାବ୍ୟ ବିକଳ୍ପ ସ୍ଥାନ ଏବଂ ଏହାର ଯଥାର୍ଥତା ........ ୩୪
୩.୫ ଜମିର ପ୍ରକାର ଓ ପ୍ରଭାବିତ ପରିବାରଙ୍କ ଦ୍ୱାରା ଜମିର ବ୍ୟବହାର ........ ୩୫
୩.୬ ଜଳସେଚନ ସୁବିଧା ଏବଂ ଫସଲ ଉତ୍ପାଦନ ........ ୩୫
୩.୭ ପ୍ରଭାବିତ ପରିବାରମାନଙ୍କ ପାଖରେ ଥିବା ବିଭିନ୍ନ ପ୍ରକାର ଜମି ଓ ଏହାର ମାଲିକାନା: ........ ୩୫
୩.୮ ପ୍ରଭାବିତ ଜମିରେ ଥିବା ସ୍ଥପତି/ ସମ୍ପତି ଓ ଅନ୍ୟାନ୍ୟ ଭିତିଭୂମି ର କ୍ଷତି: ........ ୩୬
୩.୯ ପ୍ରକଳ୍ପ ଅଂଚଳରେ ଜମିର ନିର୍ଦ୍ଧାରିତ ମୂଲ୍ୟ: ........ ୩୬
୩.୧୦ ପ୍ରଭାବିତ ଜମିର ମାଲିକାନା ଏବଂ ଦାବିଦାର ........ ୩୭

୩.୧୧ ପ୍ରଭାବିତ ଜମିର କିଣାବିକା ଏବଂ ମାଲିକାନାରେ ଆସିଥିବା ପରିବର୍ତ୍ତନ:........................................ ୩୭
ଅଧ୍ୟାୟ-୪ ........................................ ୩୮
ପ୍ରଭାବିତ ପରିବାରମାନଙ୍କର ଆକଳନ ଓ ଗଣନା........................................ ୩୮
୪.୧ ପ୍ରଭାବିତ ପରିବାରର ଗଣନା........................................ ୩୮
୪.୨ ଉତ୍ପାଦନକାରୀ ସଂପତି ଏବଂ ଗୁରୁତ୍ୱପୂର୍ଣ୍ଣ ଜମିର ତାଲିକା ........................................ ୪୦
ଅଧ୍ୟାୟ-୫ ........................................ ୪୧
ଅଧ୍ୟୟନ ଅଂଚଳ ଓ ପ୍ରଭାବିତ ପରିବାରମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି........................................ ୪୧
୫.୧ ଅଧ୍ୟୟନ ଜିଲ୍ଲା: ଖୋର୍ଦ୍ଧା........................................ ୪୨
୫.୨ ପ୍ରକଳ୍ପ ଅଂଚଳ : ଖୋର୍ଦ୍ଧା ତହସିଲ........................................ ୪୩
୫.୩ ପ୍ରକଳ୍ପ ପ୍ରଭାବିତ ଗ୍ରାମ: ଗ୍ରାମେଶ୍ୱରପୁର/ ବ୍ରଜମୋହନପୁର ........................................ ୪୪
୫.୪ ପ୍ରଭାବିତ ଗ୍ରାମର ସାଧାରଣ ଭିତ୍ତିଭୂମି ଓ ସାମାଜିକ-ସାଂସ୍କୃତିକ ପାର୍ଶ୍ୱଚିତ୍ର ........................................ ୪୪
୫.୪.୧ ପ୍ରକଳ୍ପ ଅଂଚଳର ଜନସଂଖ୍ୟାର ବିବରଣୀ........................................ ୪୪
୫.୪.୨ ପରିବାରର ଜୀବିକା ଓ ଦାରିଦ୍ର୍ୟ ସ୍ଥିତି (ଆୟ, ବ୍ୟୟ ଓ ଦାରିଦ୍ର୍ୟ ସ୍ତର)........................................ ୪୮
୫.୪.୩ ପ୍ରଭାବିତ ଅବହେଳିତ ପରିବାର ........................................ ୫୦
୫.୪.୪ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ........................................ ୫୧
୫.୪.୫ ଜମିର ବ୍ୟବହାର ଏବଂ ଜୀବିକା........................................ ୫୧
୫.୪.୬ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପ (ରୋଜଗାର) ........................................ ୫୧
୫.୪.୭ ସ୍ଥାନୀୟ ଜୀବିକାର ଉତ୍ସ ........................................ ୫୨
୫.୪.୮ ବାସସ୍ଥାନ ପରିବେଶର ଗୁଣବତ୍ତା : (ବାସଗୃହର ଅବସ୍ଥା, ମୌଳିକ ସୁବିଧା ସୁଯୋଗ ଏବଂ ସମ୍ପତ୍ତି) .................... ୫୩
୫.୪.୯ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଏବଂ ମହିଳାମାନଙ୍କ ଭାଗିଦାରିତା........................................ ୫୬
୫.୪.୧୦ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ପାର୍ଶ୍ୱଚିତ୍ର ........................................ ୫୭
ଅଧ୍ୟାୟ-୬ ........................................ ୫୯
ପ୍ରକଳ୍ପର ସାମାଜିକ ପ୍ରଭାବ ଓ ପରିବାରମାନଙ୍କ ମତାମତ........................................ ୫୯
୬.୧ ପ୍ରଭାବ ନିର୍ଦ୍ଧାରଣ କରିବାର ପଦ୍ଧତି ........................................ ୫୯
୬.୨ ପ୍ରକଳ୍ପର ସାମାଜିକ ପ୍ରଭାବ........................................ ୫୯
୬.୩ ପ୍ରଭାବିତ ପରିବାରମାନଙ୍କ ପ୍ରକଳ୍ପ ବିଷୟରେ ମତାମତ........................................ ୬୧
୬.୪ ପରୋକ୍ଷ ଭାବରେ ପ୍ରଭାବିତ ପରିବାରମାନଙ୍କ ମତାମତ........................................ ୬୫
୬.୫ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ.ଆଇ.ଏମ.ପି) ........................................ ୬୫
୬.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ ନିମନ୍ତେ ସାଙ୍ଗଠନିକ ବ୍ୟବସ୍ଥା ........................................ ୬୭
ଅଧ୍ୟାୟ-୭ ........................................ ୬୮
ପ୍ରକଳ୍ପ ଖର୍ଚ୍ଚ ଓ ଲାଭର ବିବରଣୀ ଓ ସୁପାରିଶ ........................................ ୬୮
୭.୧ ପ୍ରକଳ୍ପ ମୂଲ୍ୟ ଲାଭର ବିଶ୍ଳେଷଣ ........................................ ୬୮
୭.୨ ସୁପାରିଶ........................................ ୬୯
ତଥ୍ୟ ସଂଗ୍ରହ ଓ ଜନଶୁଣାଣିର ବିଭିନ୍ନ ଚିତ୍ର ........................................ ୭୧
ସଂଲଗ୍ନ........................................ ୭୨

# ସାରଣୀର ତାଲିକା

ସାରଣୀ ୧: -ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନ ରେ ସ୍ୱଚ୍ଛତା ଆଇନ, ୨୦୧୩ର ମୁଖ୍ୟାଂଶ. ୧୫
ସାରଣୀ ୨: -ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନ ରେ ସ୍ୱଚ୍ଛତା ଆଇନ ଅନୁଯାୟୀପ୍ରାପ୍ୟ........ ୧୭
ସାରଣୀ ୩: ଲକ୍ଷ୍ୟ ଓ ପରିସର ଭିତ୍ତିରେ ପଦ୍ଧତିର ବର୍ଣ୍ଣନା........ ୨୬
ସାରଣୀ ୪: ଅଦ୍ଧୟନର କାର୍ଯ୍ୟସୂଚୀ........ ୨୭
ସାରଣୀ ୫ -ଅଧିଗ୍ରହଣ ହେଉଥିବା ଜମି (ପ୍ରଭାବିତ ଓ ଅଧିଗ୍ରହଣ ହେଉଥିବା ଅଂଚଳ)........ ୩୪
ସାରଣୀ ୬ - ଜମି ଅଧିଗ୍ରହଣର ସାରାଂଶ........ ୩୬
ସାରଣୀ ୭ ପ୍ରଭାବିତ ପରିବାର ଓ ଜନସଂଖ୍ୟାର ଲିଙ୍ଗ ଭିତିକ ବିତରଣ........ ୪୫
ସାରଣୀ ୮: ବୟସ ଭିତିରେ ପ୍ରଭାବିତ ବ୍ୟକ୍ତିମାନଙ୍କରେ ବିଭାଜନ........ ୪୬
ସାରଣୀ-୯ ଲୋକସଂଖ୍ୟାର ଲିଙ୍ଗ ଭିତିକ ଶିକ୍ଷାଗତ ସ୍ତର........ ୪୭
ସାରଣୀ ୧୦: ପେଶା ଅନୁଯାୟୀ ପ୍ରଭାବିତ ଲୋକମାନଙ୍କର ବିତରଣ........ ୫୨
ସାରଣୀ ୧୧: ପ୍ରଭାବିତ ଲୋକମାନଙ୍କର ବାସଗୃହର ଗଠନ ପ୍ରଣାଳୀ........ ୫୩
ସାରଣୀ ୧୨: ପ୍ରଭାବିତ ପରିବାରମାନଙ୍କର ବାସଗୃହରେ ଉପଲବ୍ଧ ମୌଳିକ ସୁବିଧା........ ୫୪
ସାରଣୀ ୧୩ ପରିବାରରେ ଥିବା ଆସବାବ ପତ୍ରର ସ୍ଥିତି........ ୫୫
ସାରଣୀ ୧୪- ପରିବାର ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା........ ୫୭
ସାରଣୀ-୧୪ ସାମାଜିକ ପ୍ରଭାବ ପରିଚାଳନା ଯୋଜନା........ ୬୬

# ଚିତ୍ରର ତାଲିକା

ଚିତ୍ର- ୧: ପ୍ରକଳ୍ପ ଅଂଚଳର ନକ୍ସା........ ୩୩
ଚିତ୍ର- ୨ ଜମିର ବ୍ୟବହାର........ ୩୫
ଚିତ୍ର- ୩ ଖୋର୍ଦ୍ଧା ଜିଲ୍ଲା ମାନଚିତ୍ର........ ୪୧
ଚିତ୍ର- ୪: ସୋନପୁର ଜିଲ୍ଲା ଚିହ୍ନିତ ଓଡିଶା ମାନଚିତ୍ର........ ୪୧
ଚିତ୍ର- ୫ ଲୋକସଂଖ୍ୟା ର ଲିଙ୍ଗ ଭିତିକ ବିତରଣ........ ୪୫
ଚିତ୍ର- ୬ ପ୍ରଭାବିତ ପରିବାରମାନଙ୍କର ସାମାଜିକ ବର୍ଗ........ ୪୬
ଚିତ୍ର- ୭ ପରିବାରର ଆୟର ସ୍ଥିତି........ ୪୮
ଚିତ୍ର- ୮ ପ୍ରଭାବିତ ପରିବାରମାନଙ୍କର ମାସିକ ବ୍ୟୟ........ ୪୯
ଚିତ୍ର- ୯ ଅବହେଳିତ ପରିବାର........ ୫୦
ଚିତ୍ର- ୧୦ ପ୍ରଭାବିତ ପରିବାରମାନଙ୍କର ବାସଗୃହର ପ୍ରକାର........ ୫୩
ଚିତ୍ର- ୧୧ ସମ୍ପ୍ରଦାୟ ସ୍ତରରେ ପ୍ରଭାବିତ ପରିବାରମାନଙ୍କରେ ମହିଳାଙ୍କ ଅଂଶଗ୍ରହଣ........ ୫୭
ଚିତ୍ର- ୧୨ କେନାଲ ପ୍ରକଳ୍ପର ସାମାଜିକ ତଥା ଅର୍ଥନୈତିକ ଉପାଦେୟତା........ ୬୨

# ଅଧ୍ୟୟନର ସାରାଂଶ

**ପ୍ରକଳ୍ପ:** ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ମୌଜାରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ନିମନ୍ତେ ୨.୬୮୮୦ ଏକର ବେସରକାରୀ ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ToR 78-00003)

**ପ୍ରକଳ୍ପର ସାର୍ବଜନୀକ ଉଦ୍ଦେଶ୍ୟ:** ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଧିକ ଫସଲ ଅମଳ ହେବା ସହିତ ଜମିର ଅଧିକ ବ୍ୟବହାର ହୋଇପାରିବ । ଏହା ଖରିଫ ଫସଲକୁ ଅନିୟମିତ ମୌସୁମୀରୁ ରକ୍ଷା କରିବାରେ ସକ୍ଷମ ହେବେ ଓ ବର୍ଷସାରା କୃଷିକାର୍ଯ୍ୟ ହୋଇପାରିବ । ଜଳସେଚନର ଉପଲବ୍ଧ ହେଲେ କୃଷକମାନେ ଉନ୍ନତ କୃଷି ପ୍ରଣାଳୀ ବ୍ୟବହାର ସହିତ ବିଭିନ୍ନ ପ୍ରକାର ଫସଲ ଓ ପନିପରିବା ଚାଷ ଉପରେ ଗୁରୁତ୍ୱ ଦେବେ । ଏହାଦ୍ୱାରା ପରିବାରର ଖାଦ୍ୟ ଅସୁରକ୍ଷିତତା ଦୂର ହେବ ଏବଂ ପରିବାର ପାଇଁ ଅତିରିକ୍ତ ଆୟ ସୃଷ୍ଟି କରିପାରିବ । ଅଧିକନ୍ତୁ, ଏହି ପ୍ରକଳ୍ପ ସ୍ଥାନୀୟ ଚାଷୀମାନଙ୍କୁ ବର୍ଦ୍ଧିତ ଜଳସେଚନ ସହାୟତା ମାଧ୍ୟମରେ ଆଂଚଳିକ ଅର୍ଥନୈତିକ ବିକାଶରେ ଯୋଗଦାନ କରି ଲୋକଙ୍କୁ ଉପକୃତ କରିବ ।

**ପ୍ରକଳ୍ପ ଅଂଚଳ / ଅବସ୍ଥିତି:** ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ।ଅନ୍ତର୍ଗତ ଗ୍ରାମେଶ୍ୱରପୁର ମୌଜା ଅଞ୍ଚଳରେ ଏହି ପ୍ରକଳ୍ପ ନିର୍ମାଣ ହେବ । ଏହି ପ୍ରକଳ୍ପ ପାଇଁ ଖୋର୍ଦ୍ଧା ଜଳସେଚନ ଡିଭିଜନର ଅଧୀକ୍ଷକ ଯନ୍ତ୍ରୀଙ୍କ ଜରିଆରେ ଏହି ଗ୍ରାମରେ ମୋଟ ୨.୬୮୮୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଉଛି ।

**ବିକଳ୍ପ ପରୀକ୍ଷଣ :** ଆଇନ୍ ଅନୁଯାୟୀ ସର୍ବନିମ୍ନ ଆବଶ୍ୟକତା ଥିବା ଜମି ଅଧିଗ୍ରହଣ ଓ ଏହାର ନକରାତ୍ମକ ପ୍ରଭାବକୁ କମ୍ କରିବାପାଇଁ ପ୍ରକଳ୍ପ ଅଧିକାରୀମାନେ ଉପଯୁକ୍ତ ବୈଷୟିକ ଯୋଜନା ମାଧ୍ୟମରେ ଚେଷ୍ଟା କରିଛନ୍ତି । ପ୍ରଭାବକୁ ସରକାରୀ ଜମିରେ ସୀମିତ ରଖିବା ପାଇଁ ଚେଷ୍ଟା କରାଯାଇଛି । ଏଥିପାଇଁ ସ୍ଥାନୀୟ ବାସିନ୍ଦା ଓ ସମୁଦାୟ ସହିତ ଆଲୋଚନା କରାଯାଇ ସେମାନଙ୍କର ମତାମତକୁ ଆବଶ୍ୟକ ସ୍ଥଳେ ଯୋଜନାରେ ସାମିଲ କରାଯାଇଛି । ତେଣୁ, ପ୍ରକଳ୍ପର ଡିଜାଇନ୍ ସମ୍ବନ୍ଧୀୟ ଅନ୍ୟ ବିକଳ୍ପଗୁଡ଼ିକର ଅନୁସନ୍ଧାନର କୌଣସି ଆବଶ୍ୟକତା ନାହିଁ ।

### ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସେଥିରୁ ଉପଲବ୍ଧ ତଥ୍ୟ:

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି "ଓଡ଼ିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬"କୁ ଦୃଷ୍ଟିରେ ରଖି "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩"ର ମାର୍ଗଦର୍ଶିକା (ଧାରା-୪.୧) ଆଧାରରେ କରାଯାଇଛି । ଏହି ଅଧ୍ୟୟନଟିରେ ଘରକୁ ଘର ଯାଇ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପ୍ରତିଟି ପରିବାରଙ୍କୁ ଏବଂ ନମୂନା ସର୍ବେକ୍ଷଣ ମାଧ୍ୟମରେ କିଛି ପରୋକ୍ଷ ଭାବରେ ପ୍ରଭାବିତ ପରିବାରଙ୍କୁ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ଅଧ୍ୟୟନ ପ୍ରକ୍ରିୟାରେ ମୋଟ୍ ୫୩ଟି ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରଙ୍କୁ ସର୍ବେକ୍ଷଣ କରାଯାଇଥିଲା ।

### ସାମାଜିକ ପ୍ରଭାବ

ସରକାରଙ୍କର ୪(୧) ବିଜ୍ଞପ୍ତି ଅନୁଯାୟୀ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ନିମନ୍ତେ ୩୫ଟି ପ୍ଲଟକୁ ନେଇ ସମୁଦାୟ ୨.୬୮୮୦ ଏକର ବେସରକାରୀ ଜମି ପ୍ରଭାବିତ ହେବ । ପ୍ରଭାବିତ ଜମି ଗୁଡିକ ମଧ୍ୟରେ ଶାରଦ ଅଣଜଳସେଚିତ-୧, ଓରାମ ଓ ବନ୍ଧକୂଳ କିସମ ଜମି ରହିଛି ।

ତଥ୍ୟ ଅନୁଯାୟୀ ପ୍ରଭାବିତ ୫୩ଟି ପରିବାରଙ୍କ ଅଧିନରେ ମୋଟ ୭୩.୮୬୭ ଏକର ଜମି ରହିଛି ଯାହାକି ପରିବାର ସେଥିମଧ୍ୟରୁ ୨.୬୮୮୦ ଏକର ଜମି ଅଧିଗ୍ରହଣ କରାଯିବ ଯାହାକି ସମୁଦାୟ ଜମିର ୩.୬% ଅଟେ । ଏହି ଅଂଚଳରେ ପ୍ରଭାବିତ ହେବାକୁ ଥିବା ପରିବାରମାନଙ୍କର ମୁଖ୍ୟ ଜୀବିକା ହେଉଛି ଚାଷ ଓ କିଛି ପରିବାରମାନେ ଦିନମଜୁରୀ ଓ ବେତନଭୋଗୀ ଅଛନ୍ତି । ସେମାନଙ୍କ ମତରେ ଏହି ଜମି ଅଧିଗ୍ରହଣ ହେଲେ ସେମାନଙ୍କର କୃଷି ଉତ୍ପାଦନରେ କ୍ଷତି ଘଟାଇବ, କାରଣ ଏହି ଜମିରୁ ବର୍ତମାନ ସେମାନେ ଏକର ପଛା ବର୍ଷକୁ ୧.୫ କୁଇଂଟାଲ ଧାନ ଅମଳ କରୁଛନ୍ତି । ସେଥିପାଇଁ ସେମାନେ ଯଦିଓ ଜମି ଦେବାକୁ ରାଜି ଅଛନ୍ତି ପ୍ରତିବଦଳରେ ଜମିର କ୍ଷତିପୂରଣ ସହିତ ଫସଲର ମଧ୍ୟ କ୍ଷତିପୂରଣ ଦାବି କରୁଛନ୍ତି ।

ଯେହେତୁ ସମୁଦାୟ ଜମିର ମାତ୍ର ୩.୬% ଅଧିଗ୍ରହଣ କରାଯିବ, ପ୍ରଭାବିତ ପରିବାରର ଜୀବିକା ଉପରେ ଅଧିଗ୍ରହଣର ପ୍ରଭାବ ସାମାନ୍ୟ ହେବ ବୋଲି ଆଶା କରାଯାଉଛି ।

ପ୍ରସ୍ତାବିତ କେନାଲ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ରୋଜଗାର କିମ୍ବା ସାମଗ୍ରିକ ଅର୍ଥନୀତି ଉପରେ କୌଣସି ବଡ଼ ପ୍ରଭାବ ପକାଇବ ବୋଲି ଆଶା କରାଯାଏ ନାହିଁ, କାରଣ ସେମାନଙ୍କର ଅନ୍ୟାନ୍ୟ ଚାଷ ଜମି ଅଛି । ତଥାପି, କେତେକ ପରିବାର ପାଇଁ କୃଷି ଉତ୍ପାଦନରେ ଆଂଶିକ ହ୍ରାସ ହୋଇପାରେ ।

ଏହି ଅଧ୍ୟୟନରୁ ଜଣାପଡିଛି ଯେ; ବ୍ରଜମୋହନପୁର ସବ୍-ମାଇନର କେନାଲ ନିର୍ମାଣ ହେତୁ ପ୍ରକଳ୍ପ ଗ୍ରାମଗୁଡ଼ିକରେ କୌଣସି ସଂରଚନା ପ୍ରଭାବିତ ହେବ ନାହିଁ । ଏହା ବ୍ୟତୀତ ପ୍ରକଳ୍ପ ନିର୍ମାଣ ଯୋଗୁଁ କୌଣସି ସାଧାରଣ ସଂପତି ସମ୍ବଳ ପ୍ରଭାବିତ ହେବ ନାହିଁ ।

କେନାଲ ନିର୍ମାଣ ଯୋଗୁଁ ପ୍ରଭାବିତ ପରିବାରଗୁଡ଼ିକର ସାମାଜିକ-ସାଂସ୍କୃତିକ ଏବଂ ଜନସଂଖ୍ୟାଗତ ଢାଂଚାରେ କୌଣସି ପରିବର୍ତ୍ତନ ହୋଇନପାରେ କାରଣ ସେଠାରେ କୌଣସି ପରିବାର ବିସ୍ଥାପିତ ହୋଇନାହାନ୍ତି ।

## ପ୍ରକଳ୍ପ ଜମି (ପ୍ରଭାବିତ ଓ ଅଧିକୃତ)

ଏହି ପ୍ରକଳ୍ପ ପାଇଁ ସମୁଦାୟ ପ୍ଲଟର ୧୭.୧୮୪ ଏକର ଜମି ମଧ୍ୟରୁ ୨.୬୮୮୦ ଜମି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବ ଯାହାକି ସମୁଦାୟ ପ୍ଲଟର ୧୫.୬୪% ଅଟେ । ସେହିପରି ଅଧିକୃତ ହେବାକୁ ଥିବା ଜମି ସେମାନଙ୍କ ପାଖରେ ଥିବା ମୋଟ ଜମିର ୩.୬% ଅଟେ । ତଥ୍ୟ ଅନୁସାରେ ପରିବାର ପିଛା ହାରାହାରି ୦.୦୫୦ ଏକର ଜମି ଅଧିଗ୍ରହଣ କରାଯିବ

## ପ୍ରଭାବିତ ଜମିର ମାଲିକାନା ଏବଂ ଦାବିଦାର

ବର୍ତ୍ତମାନର ଅଧ୍ୟୟନରେ ଏହା ଜଣାପଡିଛି ଯେ ମୋଟ ୫୩ଟି ପ୍ରଭାବିତ ପରିବାର ମଧ୍ୟରୁ ଅଧିକାଂଶ ପରିବାରରେ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କୌଣସି ଦାବିଦାର ନାହାଁନ୍ତି ।

## ପ୍ରକଳ୍ପ ପ୍ରତି ଗୋଷ୍ଠୀର ଭାବନା / ଚିନ୍ତାଧାରା

ସମସ୍ତ ପ୍ରଭାବିତ ପରିବାରଙ୍କ ମତରେ ସେମାନେ ଏହି ପ୍ରକଳ୍ପ ବିଷୟରେ ଅବଗତ ଅଛନ୍ତି । ଯଦିଓ ସେମାନେ ପ୍ରକଳ୍ପ ବିଷୟରେ ଜାଣନ୍ତି, ତଥାପି ପ୍ରଦାନ କରାଯିବାକୁଥିବା ଜମିର କ୍ଷତିପୂରଣ ମୂଲ୍ୟ ସମ୍ପର୍କରେ ଯଥେଷ୍ଟ ଦ୍ୱନ୍ଦ୍ୱରେ ଅଛନ୍ତି ।

*ପ୍ରକଳ୍ପର ଲାଭ ବିଷୟରେ ପ୍ରଭାବିତ ପରିବାରମାନଙ୍କର ଧାରଣା*

ସର୍ଭେ କରାଯାଇଥିବା ସମସ୍ତ ପରିବାର, ସାମାଜିକ ଏବଂ ଅର୍ଥନୈତିକ ଲାଭ ଆଶା କରି ଏହି ପ୍ରକଳ୍ପ ବିଷୟରେ ଏକ ସକରାତ୍ମକ ଦୃଷ୍ଟିକୋଣ ପ୍ରକାଶ କରିଥିଲେ ।

ଆର୍ଥିକ ଲାଭ ସମ୍ପର୍କରେ; ମତ ପ୍ରକାଶ ପାଇଥିଲା ଯେ, ପ୍ରକଳ୍ପ ଯୋଗୁ ସ୍ଥାନୀୟ ଅଂଚଳରେ ଜମି ମୂଲ୍ୟ ବୃଦ୍ଧି ପାଇବ, ଅଧିକ ଫସଲ ଉତ୍ପାଦନ ଦ୍ୱାରା ପରିବାରର ଆୟ ବୃଦ୍ଧି ପାଇବ, ବିକଳ୍ପ ଜଳସେଚନ ଖର୍ଚ୍ଚ ହ୍ରାସ ପାଇବ ଏବଂ ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡ଼ିକୁ ଉତ୍ତମ କ୍ଷତିପୂରଣ ପ୍ରଦାନ କରିବ ।

ସେହିପରି, ସାମାଜିକ ଲାଭ ସମ୍ପର୍କରେ ସେମାନେ ମତ ଦେଇଥିଲେ ଯେ, ଏହି ପ୍ରକଳ୍ପ ଉନ୍ନତ ଫସଲ ଅମଳ (୬୬%) ମାଧ୍ୟମରେ ଘରୋଇ ଖାଦ୍ୟ ନିରାପତା ସୁନିଶ୍ଚିତ କରିବ ଏବଂ ଫସଲରୁ ଆୟ (୩୪%) ବୃଦ୍ଧି ହେତୁ ଜୀବନଧାରଣ ମାନରେ ଉନ୍ନତି ଆଣିବ ।

*ପ୍ରକଳ୍ପର ପ୍ରତିକୂଳ ପ୍ରଭାବ*

ସର୍ବେକ୍ଷଣରୁ ଜଣାପଡିଛି ଯେ ପ୍ରଭାବିତ ପରିବାର ଦ୍ୱାରା ପ୍ରକଳ୍ପ ସମ୍ବନ୍ଧରେ କୌଣସି ପ୍ରତିକୂଳ ମତ ପ୍ରକାଶ କରାଯାଇ ନାହିଁ । ତଥାପି, କିଛି ପରିବାର ପରାମର୍ଶ ଦେଇଛନ୍ତି ଯେ ବର୍ଷା ଋତୁରେ ସମ୍ଭାବ୍ୟ ଜଳବନ୍ଦୀ ବିଷୟରେ ପ୍ରକଳ୍ପ କର୍ତ୍ତୃପକ୍ଷ ସତର୍କ ରହିବା ଉଚିତ ଏବଂ ନିର୍ମାଣ ସମୟ ମଧ୍ୟରେ ଯନ୍ତ୍ରପାତି ବ୍ୟବହାରକୁ ସତର୍କ ରହିବା ଉଚିତ, କାରଣ ଏହା କୃଷି କାର୍ଯ୍ୟକଳାପକୁ ବାଧା ଦେଇପାରେ ।

*କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରମାନଙ୍କର ଆଶାଆକାଂକ୍ଷା:*

ଅଧିଗ୍ରହଣ ହୋଉଥିବା ଜମି ବଦଳରେ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାର (୧୦୦%) କ୍ଷତିପୂରଣ ବାବଦକୁ ଉପଯୁକ୍ତ ଅର୍ଥ ସହାୟତା ପାଇଁ ଆଶା କରୁଛନ୍ତି ଯାହା ଦ୍ୱାରା ସେମାନଙ୍କ ପରିବାରର ଜୀବିକା ନିର୍ବାହ ସୁନିଶ୍ଚିତ ହୋଇପାରିବ । ପ୍ରକଳ୍ପ ସହାୟତା ବିକଳ୍ପ ସୀମିତ ଅଟେ, କାରଣ ଜମି ଅଧିଗ୍ରହଣ ପ୍ରକ୍ରିୟା ହେତୁ କୌଣସି ପରିବାର ବିସ୍ଥାପିତ ହୋଇନାହାଁନ୍ତି ।

**ସାମାଜିକପ୍ରଭାବ ପରିଚାଳନା ଯୋଜନା (ଏସ.ଆଇ.ଏମ୍.ପି):**

ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ପ୍ରମୁଖ ଅଂଶ ଯେଉଁଠି ଉପଯୁକ୍ତ ପ୍ରଶମନ ଓ ସୁରକ୍ଷା କାର୍ଯ୍ୟକ୍ରମ ହାତକୁ ନେଇ ପ୍ରକଳ୍ପର ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବାକୁ ପ୍ରୟାସ କରାଯାଏ । ପ୍ରକଳ୍ପରେ ଆଶଙ୍କା କରାଯାଉଥିବା ନକରାତ୍ମକ ପ୍ରଭାବକୁ ଭିତ୍ତି କରି ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ପ୍ରସ୍ତାବିତ ପ୍ରଶମନ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯାହା ଏହି ରିପୋର୍ଟର ଷଷ୍ଠ ଅଧ୍ୟୟନରେ ବର୍ଣ୍ଣନା କରାଯାଇଛି ।

**ସୁପାରିଶ**

ମିଳିଥିବା ତଥ୍ୟ ଅନୁଯାୟୀ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିମ୍ନୋକ୍ତ ପଦକ୍ଷେପ ନିଆଯାଇପାରିବ:

- ଚାଷ ଜମିକୁ କୃଷି ଉପକରଣ ପରିବହନ ପାଇଁ ବ୍ୟବସ୍ଥା: ପ୍ରଭାବିତ ପରିବରମାନଙ୍କ ମତରେ, କେନାଲ ନିର୍ମାଣ ପରେ ଚାଷ ଜମିକୁ କୃଷି ଉପକରଣ ପରିବହନରେ ବାଧା ସୃଷ୍ଟି ହୋଇପାରେ । ତେଣୁ, ଏକ ବିକଳ୍ପ ମାର୍ଗ କିମ୍ବା କଲଭର୍ଟ ନିର୍ମାଣ କରିବା ଆବଶ୍ୟକ ଅଟେ ।
- କେନାଲ ନିର୍ମାଣ ସମୟରେ ବଡ ଯନ୍ତ୍ରପାତିଗୁଡ଼ିକର ସତର୍କତା ସହ ବ୍ୟବହାର: କେନାଲ ନିର୍ମାଣ ସମୟରେ ଯନ୍ତ୍ରପାତିଗୁଡ଼ିକର ସତର୍କତା ସହ ବ୍ୟବହାର କରିବା ଉଚିତ, କାରଣ ଏହା କୃଷି କାର୍ଯ୍ୟକଳାପକୁ ବାଧା ଦେଇପାରେ ।

- <u>କ୍ଷତିଗ୍ରସ୍ତ ଜମି ପାଇଁ ଉଚିତ ଏବଂ ଯଥାଶିଘ୍ର କ୍ଷତିପୂରଣ</u> : ପ୍ରଭାବିତ ପରିବାରକୁ ଆର୍ଥିକ ସଙ୍କଟକୁ ଏଡାଇବା ପାଇଁ ଠିକ୍ ସମୟରେ ଆରଏଫସିଟିଏଲଏଆରଆର ଅଧିନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବା ନିଶ୍ଚିତ କରିବା ଉଚିତ୍ ।
- <u>ଜୀବିକା ପୁନରୁଦ୍ଧାର ପଦକ୍ଷେପ</u>: ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ରଭାବିତ ପରିବାରକୁ ଜୀବିକା ସହାୟତା ପ୍ରଦାନ କରିବା ଉଚିତ୍, ଯେଉଁଥିରେ ଫସଲ କ୍ଷତିପୂରଣ, କୃଷି ସହାୟତା ଏବଂ କୃଷି କିମ୍ବା ଜୀବିକା ବୃଦ୍ଧି ଯୋଜନା ସହିତ ସଂଯୋଗ ଅନ୍ତର୍ଭୁକ୍ତ
- <u>ପରିବେଶ ଏବଂ ସାମାଜିକ ସୁରକ୍ଷା</u>: ପ୍ରକଳ୍ପ କର୍ତ୍ତୃପକ୍ଷ ସମ୍ଭାବ୍ୟ ପରିବେଶ ଏବଂ ସାମାଜିକ ପ୍ରଭାବର ଆକଳନ କରିବା ଉଚିତ ଏବଂ ମୃତ୍ତିକା ଅବକ୍ଷୟ, ଜଳବନ୍ଦୀ କିମ୍ବା ନିକଟବର୍ତ୍ତୀ ଅଂଚଳ / ଜମି ଉପରେ ପ୍ରତିକୂଳ ପ୍ରଭାବକୁ ଏଡାଇବା ପାଇଁ ପ୍ରଶମନ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।

ଯାହାହେଉ, ପ୍ରକଳ୍ପ ଅଂଚଳରେ, ଲୋକମାନେ ନୂତନ କେନାଲ ପ୍ରତି ବହୁତ ଉତ୍ସାହିତ ଏବଂ ଏହି କେନାଲ ଆରମ୍ଭ ହେବା ଦ୍ୱାରା ସେମାନଙ୍କ ଜୀବନ ଏବଂ ଜୀବିକାରେ ଉନ୍ନତି ପାଇଁ ଆଶାବାଦୀ ।

# ଅଧ୍ୟାୟ-୧
# ଉପକ୍ରମ ଓ ପ୍ରକଳ୍ପ ସମ୍ବନ୍ଧରେ ବର୍ଣ୍ଣନା

## ୧.୧ ପୃଷ୍ଠଭୂମି

ଫସଲ ଉତ୍ପାଦନ ପାଇଁ ଜମିକୁ ଜଳସେଚନ କରିବା କୃଷକମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଓଡିଶା ସରକାରଙ୍କ ଜଳସଂପଦ ବିଭାଗ ନଦୀ ଓ ଜଳଭଣ୍ଡାରରୁ ଉତ୍ପନ୍ନ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିର୍ମାଣ ମାଧ୍ୟମରେ ଉଚ୍ଚ ଭୂମିରେ କୃଷକମାନଙ୍କୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ମଧ୍ୟମରୁ ଦୀର୍ଘମିଆଦି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହିପରି ଏକ ପ୍ରକଳ୍ପ ହେଉଛି ଡାଇଭର୍ସନ ୱେୟାର, ଯାହା ଜଳସ୍ତର ବୃଦ୍ଧିକରିବା ଏବଂ ଆବଶ୍ୟକ ଉଚ୍ଚତାରେ ଏକ କେନାଲକୁ ଜଳ ଯୋଗାଇବା ପାଇଁ ନଦୀ ଉପରେ ଏକ ପ୍ରତିବନ୍ଧକ ଭାବରେ କାର୍ଯ୍ୟକରେ । ବୃଦ୍ଧି ପାଉଥିବା ଜଳସ୍ତର କୃଷି କାର୍ଯ୍ୟ ପାଇଁ କମାଣ୍ଡ ଏରିଆ ପରିସରକୁ ବୃଦ୍ଧି କରିଥାଏ ଏବଂ ନଦୀ ଜଳସ୍ତରରେ ଅସ୍ଥିରତା ହ୍ରାସ କରିବାରେ ସାହାର୍ଯ୍ୟ କରିଥାଏ । ନଦୀ ଜଳକୁ କେନାଲ ପ୍ରଣାଳୀକୁ ପଠାଇବା ପାଇଁ ସାଧାରଣତଃ କେନାଲର ଉପର ଭାଗରେ ଡାଇଭର୍ସନ ୱେୟାର ନିର୍ମାଣ କରାଯାଇଥାଏ, ଯାହା ସର୍ବନିମ୍ନ ଆବଶ୍ୟକୀୟ ନଦୀ ଜଳକୁ ପଟୁମୁକ୍ତ ଓ ନିରନ୍ତର ଯୋଗାଣ ସୁନିଶ୍ଚିତ କରିଥାଏ

ଡାଇଭର୍ସନ ୱେୟାର ନିର୍ମାଣ ଯୋଗୁ ଅଧିକ ଜମି ଚାଷ କରାଯାଇଥାଏ ଓ ଫସଲ ମଧ୍ୟ ଅଧିକ ଉତ୍ପାଦନ ହୋଇଥାଏ । ଏହି ପ୍ରକାର ଜଳସେଚନ ଯୋଗୁ କୃଷକମାନେ ଉନ୍ନତ କୃଷି ପ୍ରଣାଳୀ ବ୍ୟବହାର କରିବା ସହିତ ଭିନ୍ନ ଭିନ୍ନ ଫସଲ କରିବା ସହିତ ପନିପରିବା ଚାଷ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ଜଳସେଚନ ବ୍ୟତିତ ଘରୋଇ ବ୍ୟବହାର ପାଇଁ ମଧ୍ୟ ଜଳର ଉପଲବ୍ଧତା ହୋଇଥାଏ ଯାହାଫଳରେ ମହିଳାମାନଙ୍କ ଦୂର ସ୍ଥାନରୁ ପାଣି ଆଣିବାର ସମୟକୁ ମଧ୍ୟ ହ୍ରାସ କରିଥାଏ ।

କ୍ଷୁଦ୍ର ଜଳସେଚନ ଏବଂ ଜଳ ଉପଲବ୍ଧତାରେ ସହଜ କରିବା ପାଇଁ ଓଡିଶା ସରକାର ନଦୀ ଓ ଝରଣା ଉପରେ ଛୋଟ ଡ୍ୟାମ ନିର୍ମାଣ କାର୍ଯ୍ୟ ବୃଦ୍ଧି କରୁଛନ୍ତି । ଚାଷକାର୍ଯ୍ୟ ପାଇଁ ଜଳସେଚନ ସହିତ ସ୍ଥାନୀୟ ଅଂଚଳର ଜଳ ଯୋଗାଣ ପାଇଁ ପାରମ୍ପାରିକ ଭିତ୍ତିଭୂମିର ପରିବର୍ତ୍ତନ ଓ ଆଗାମୀ ବର୍ଷରେ ସରକାର ଏହିପରି ୧୦୦୦ରୁ ଅଧିକ ଛୋଟ ଡ୍ୟାମ ନିର୍ମାଣ କରିବାକୁ ଯୋଜନା କରିଛନ୍ତି । ଏହି ସଂରଚନା ନିର୍ମାଣ କରିବାପାଇଁ ଜମି ଅଧିଗ୍ରହଣର ଆବଶ୍ୟକ ହେବ, ଯାହା ସ୍ଥାନୀୟ ଅଂଚଳର ଲୋକମାନଙ୍କୁ ପ୍ରଭାବିତ କରିପାରେ ଓ କେତେକ କ୍ଷେତ୍ରରେ ପରିବାରଗୁଡିକୁ ବିସ୍ଥାପିତ କରିବାର ସମ୍ଭାବନା ମଧ୍ୟ ଥାଏ ।

ବିଶେଷତଃ ଓଡିଶା ପରି ରାଜ୍ୟରେ ଯେହେତୁ ମୋଟ ଜନସଂଖ୍ୟାର ଦୁଇ ତୃତୀୟାଂଶ କୃଷି ଏବଂ ଜମି ଭିତିକ ଜୀବିକା ଉପରେ ନିର୍ଭରଶୀଳ, ସେମାନଙ୍କୁ ଜମିରୁ ଉଚ୍ଛେଦ କଲେ ସେମାନେ ବିଭିନ୍ନ ପ୍ରକାର ଦାରିଦ୍ର୍ୟ ଆଡକୁ ମୁହାଇଁବା ସହ ବିପଦରେ ପଡିବାର ସମ୍ଭାବନା ଅଛି । ସେଗୁଡିକ ହେଉଛି:-ଭୂମିହୀନ ହେବା, ଜୀବିକା ହରାଇବା, ଗୃହହୀନ ହେବା, ବଂଚିତ ହେବା, ଖାଦ୍ୟ ନିରାପତା ବିପନ୍ନ ହେବା, ସର୍ବସାଧାରଣ ଜମି ଏବଂ ସମ୍ବଳ ହରେଇବା, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ହେବା ଏବଂ ସାମାଜିକ ସ୍ତରରେ ଏକାଠି ହେବା ସ୍ଥାନ ନ ମିଳିବା ଇତ୍ୟାଦି (ଏହି ସବୁ ବିପଦ ଗୁଡିକ ପ୍ରଫେସର ମାଇକେଲ୍ ଚାର୍ଣ୍ଣିଆ (୧୯୯୬) ଙ୍କର Impoverishment Risk and Reconstruction ମଡେଲ୍‌ରେ ତାଲିକାଭୁକ୍ତ ହୋଇଛି) । ଦାରିଦ୍ର୍ୟ ଆଡକୁ ମୁହାଁଇ ନେଉଥିବା ଏହିସବୁ ବିପଦ ଗୁଡିକ ସଂପର୍କରେ ଆଗୁଆ ଜାଣିବା ଏବଂ ପ୍ରତ୍ୟକ୍ଷ ଭାବରେ ତାର ଆକଳନ କରିବା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ଫଳରେ ପ୍ରକଳ୍ପର ପ୍ରସ୍ତାବକମାନେ, ବିସ୍ଥାପିତ ଏବଂ ପ୍ରଭାବିତ ହେଉଥିବା ପରିବାରଗୁଡିକ ପାଇଁ ପୁନର୍ବାସ ଓ ଥଇଥାନର ସଠିକ୍ ପଦକ୍ଷେପ ନେଇପାରିବେ । ଯାହାଦ୍ୱାରା ପ୍ରଭାବିତ ଲୋକଙ୍କର ସାମାଜିକ-ଆର୍ଥିକ ସ୍ଥିତି ପୁନସ୍ଥାପିତ ହୋଇପାରିବ ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଭାରତ ସରକାର, ୧ ଜାନୁୟାରୀ ୨୦୧୪ ମସିହାଠାରୁ ଏକ ନୂଆ ଆଇନ ଲାଗୁକରିଛନ୍ତି । ଯାହାର ନାମ ହେଉଛି, "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩" । ଉକ୍ତ ଆଇନ୍‌ଟି ଜମି ଅଧିଗ୍ରହଣ ଏବଂ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ସହିତ ସେହି ଲୋକମାନଙ୍କୁ ଉପଯୁକ୍ତ ଥଇଥାନ ଏବଂ ପୁର୍ନବାସ ପାଇଁ ଆବଶ୍ୟକ ଆଇନ୍‌ଗତ ବ୍ୟବସ୍ଥା ପ୍ରତିଷ୍ଠା କରିଅଛି । ଏହା ସମେତ ଜମି ଅଧିଗ୍ରହଣ ଫଳରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେଉଥିବା ଲୋକମାନଙ୍କର କିପରି ଭାବରେ ପ୍ରକଳ୍ପ କାର୍ଯ୍ୟକାରିତାରେ ଭାଗିଦାରୀତା ରହିବ ଏବଂ ସ୍ୱଚ୍ଛ ପ୍ରକ୍ରିୟାରେ ସଠିକ୍ ଥଇଥାନ ଓ ପୁର୍ନବାସ ହୋଇପାରିବ, ତାର ଆବଶ୍ୟକୀୟ ସଂଜ୍ଞା ନିରୂପଣ କରିଛନ୍ତି । ଏହି ଆଇନଟିର ଉଦ୍ଦେଶ୍ୟ ହେଉଛି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନିୟନ୍ତ୍ରିତ କରିବା ଏବଂ କ୍ଷତିପୂରଣ, ଥଇଥାନ ଓ ପୁର୍ନବାସ ପାଇଁ ଆବଶ୍ୟକୀୟ ପ୍ରଣାଳୀ ଓ ନିୟମାବଳୀ ପ୍ରସ୍ତୁତ କରିବା । ଏତଦ ବ୍ୟତିତ ଜମି ଅଧିଗ୍ରହଣ ପୂର୍ବରୁ ଏକ ସାମାଜିକ ପ୍ରଭାବ ଆକଳନର ଅଦ୍ଧୟନ ହେବ ବୋଲି ଏଥିରେ ଉଲ୍ଲେଖ ଅଛି ।

## ୧.୨ ପ୍ରକଳ୍ପ ଏବଂ ପ୍ରକଳ୍ପ ବିକାଶକାରୀଙ୍କ ପୃଷ୍ଠଭୂମି

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ହେଉଛି ଓଡିଶା ସରକାରଙ୍କର ଜଳସଂପଦ ବିଭାଗ ଅଧୀନରେ ଏକ ମଧ୍ୟମ ଜଳସେଚନ ପ୍ରକଳ୍ପ ଯାହାର ଆର୍ଥିକ ଓ ବୈଷୟିକ ସହାୟତା ନାବାର୍ଡ ସହାୟତା ଯୋଜନା ମାଧ୍ୟମରେ କରାଯାଉଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖୋର୍ଦ୍ଧା ଜିଲ୍ଲାରେ କେନାଲ ଜଳସେଚନ ପାଇଁ ନଦୀ ଜଳର ଗତିପଥକୁ ବଦଳାଇବା । ଏହି ପ୍ରକଳ୍ପ ଅଧିନରେ ଅନେକ ସବ-ମାଇନର କେନାଲ ଅର୍ନ୍ତଭୁକ୍ତ ଯାହାକି ସ୍ଥାନୀୟ ଅଂଚଳର କୃଷି କ୍ଷେତ୍ରକୁ ଜଳସେଚିତ କରିବ । ସେଥିମଧ୍ୟରୁ ବ୍ରଜମୋହନପୁର ସବ-ମାଇନର-୨ ଅନ୍ୟତମ ଯାହାକି ଗ୍ରାମେଶ୍ୱରପୁର ଓ ଏହାର ଆଖପାଖ ମୌଜାରେ ଥିବା କୃଷି କ୍ଷେତ୍ରକୁ ଜଳସେଚିତ କରିବା ସହିତ ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରିବ । ଏହି ପ୍ରଣାଳୀ ନଦୀର ଜଳ ପ୍ରବାହକୁ ନିୟନ୍ତ୍ରଣ କିରବା ସହିତ ଖରିଫ ଓ ରବି କୃଷି ପାଇଁ ଜଳସେଚନର ସୁବିଧା ଯୋଗାଇବ ।

### ପ୍ରକଳ୍ପ ବିକାଶକାରୀ ପୃଷ୍ଠଭୂମି (Khurda Irrigation Division)

ଓଡିଶା ସରକାରଙ୍କ ଜଳସଂପଦ ବିଭାଗ ଅଧୀନରେ ଥିବା ଖୋର୍ଦ୍ଧା ଜଳସେଚନ ଡିଭିଜନ ଖୋର୍ଦ୍ଧା ଜିଲ୍ଲାରେ କେନାଲ ଭିତ୍ତିକ ଜଳସେଚନ କାର୍ଯ୍ୟ ଏବଂ ଆନୁଷଙ୍ଗିକ ଜଳ ପରିଚାଳନା ଯୋଜନା, କାର୍ଯ୍ୟକାରିତା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଦାୟୀ । ଏହି ଡିଭିଜନର ଉଦ୍ଦେଶ୍ୟ ହେଉଛି କେନାଲ ସିଷ୍ଟମ ମାଧମରେ ଚାଷ ଜମିକୁ ଜଳସେଚନ କରାଇବା, ବନ୍ୟା ସମୟରେ ନଦୀ ବନ୍ଧ ଉପରେ ନଜର ରଖିବା ଏବଂ ଉଭୟ ଖରିଫ୍ ଏବଂ ରବି ଫସଲକୁ ଜଳସେଚନ କରିବାପାଇଁ ଶାଳିଆ, ସାପୁଆ, ରାଜୁଆ, ଦୟା, ଏବଂ ମଲାଗୁଣି ଭଳି ସ୍ଥାନୀୟ ନଦୀରେ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ କରିବା ଅନ୍ତର୍ଭୁକ୍ତ । ଏହି ଡିଭିଜନର ଅଧୀକ୍ଷକ ଯନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହାକୁ ଚାରୋଟି ମୁଖ୍ୟ ସବ୍-ଡିଭିଜନରେ ବିଭକ୍ତ କରାଯାଇଛି, ଯଥା; ଖୋର୍ଦ୍ଧା ଜଳସେଚନ ଉପଖଣ୍ଡ, ନୟାଗଡ ଜଳସେଚନ ଉପଖଣ୍ଡ, ଶାଳିଆ ଡ୍ୟାମ ଉପଖଣ୍ଡ (ବାଣପୁର)ଏବଂ କୁଆଁରିଆ ଜଳସେଚନ ଉପଖଣ୍ଡ (ଦଶପଲ୍ଲା) । କୃଷି ଜମିରେ ନିର୍ଭରଯୋଗ୍ୟ ଜଳସେଚନ କରିବା ଏବଂ ଆନୁଷଙ୍ଗିକ ସିଭିଲ୍ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ପରିଚାଳନା କରିବା ପାଇଁ ଏହା ବିଭିନ୍ନ ସ୍ତରର କର୍ମଚାରୀ ମାନଙ୍କ ମାଧମରେ କାର୍ଯ୍ୟ କରେ । ଏହା ମଧ୍ୟ ଉଭୟ ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନଦୀ ପଏଣ୍ଟରେ ନିୟମିତ ବନ୍ୟା ଜଳ ନିଷ୍କାସନ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିଥାଏ ।

## ୧.୩ ପ୍ରକଳ୍ପର ପରିଚାଳନା ବ୍ୟବସ୍ଥା

ଏହା ଏକ ସରକାରୀ ପ୍ରକଳ୍ପ ହୋଇଥିବାରୁ ଏହାର ପରିଚାଳନା ଦାୟିତ୍ୱ ଅଧୀକ୍ଷଣ ଯନ୍ତ୍ରୀ, ଖୋର୍ଦ୍ଧା ଜଳସେଚନ ଡିଭିଜନ ଓଡିଶା ସରକାରଙ୍କ ଉପରେ ନ୍ୟସ୍ତ ରହିଛି । ପ୍ରକଳ୍ପ ପାଇଁ ବୈଷୟିକ ଡିଜାଇନ୍ ମଧ୍ୟ ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର ହୋଇଛି । ଖୋର୍ଦ୍ଧା ଜଳସେଚନ ବିଭାଗ ଏହି ପ୍ରକଳ୍ପ ନିର୍ମାଣ ପାଇଁ ସ୍ୱଳ୍ପ ମିଆଦି ଏବଂ ଦୀର୍ଘକାଳୀନ କାର୍ଯ୍ୟକାରିତା ରଣନୀତି ପ୍ରସ୍ତୁତ କରିଛି ଯାହାକି ଦକ୍ଷ ଅଧିକାରୀଙ୍କ ଅନୁମୋଦନ ଅନୁଯାୟୀ ଏହି ପ୍ରକଳ୍ପ ପର୍ଯ୍ୟାୟକ୍ରମେ ଶେଷ ହେବ ।

## ୧.୪ ପ୍ରକଳ୍ପର ଯଥାର୍ଥତା ଓ ସାର୍ବଜନୀକ ଉଦ୍ଦେଶ୍ୟ

ଡାଇଭର୍ସନ ୱେୟାର ପ୍ରକଳ୍ପ ନିର୍ମାଣ ହେଲେ ଅଧିକ ଫସଲ ଅମଳ ହେବା ସହିତ ଚାଷୀମାନେ ସେମାନଙ୍କର ଜମିର ଅଧିକ ବ୍ୟବହାର କରିବେ । ଏହି ପ୍ରକଳ୍ପ ଦ୍ୱାରା ସେମାନଙ୍କର ଖରିଫ ଫସଲକୁ ଅନିୟମିତ ମୌସୁମୀରୁ ରକ୍ଷା କରିବାରେ ସକ୍ଷମ ହେବେ ଓ ବର୍ଷସାରା କୃଷିକାର୍ଯ୍ୟ କରିପାରିବେ । ଏହାଦ୍ୱାରା କୃଷିକ୍ଷେତ୍ରରେ ନିଯୁକ୍ତି ମଧ୍ୟ ବୃଦ୍ଧିପାଇବ । ଜଳସେଚନର ଉପଲବ୍ଧ ହେଲେ କୃଷକମାନେ ଉନ୍ନତ କୃଷି ପ୍ରଣାଳୀ ବ୍ୟବହାର ସହିତ ବିଭିନ୍ନ ପ୍ରକାର ଫସଲ ଓ ପନିପରିବା ଚାଷ ଉପରେ ଗୁରୁତ୍ୱ ଦେବେ । ଏହାଦ୍ୱାରା ପରିବାରର ଖାଦ୍ୟ ଅସୁରକ୍ଷିତତା ଦୂର ହେବ ଏବଂ ପରିବାର ପାଇଁ ଅତିରିକ୍ତ ଆୟ ସୃଷ୍ଟି କରିପାରିବ । ଏହି ପ୍ରକଳ୍ପ ଯୋଗୁ ଜଳସେଚନ ବ୍ୟତିତ ଘରୋଇ ବ୍ୟବହାର ପାଇଁ ମଧ୍ୟ ଜଳର ଉପଲବ୍ଧତା ହେବ ଯାହାଫଳରେ ମହିଳାମାନଙ୍କ ଦୂର ସ୍ଥାନରୁ ପାଣି ଆଣିବାର ସମୟକୁ ମଧ୍ୟ ହ୍ରାସ କରିବ । ଅଧିକନ୍ତୁ, ଏହି ପ୍ରକଳ୍ପ ସ୍ଥାନୀୟ ଚାଷୀମାନଙ୍କୁ ବର୍ଦ୍ଧିତ ଜଳସେଚନ ସହାୟତା ମାଧ୍ୟମରେ ଆଂଚଳିକ ଅର୍ଥନୈତିକ ବିକାଶରେ ଯୋଗଦାନ କରି ଲୋକଙ୍କୁ ଉପକୃତ କରିବ ।

## ୧.୫ ପ୍ରକଳ୍ପର ଆକାର, ଅବସ୍ଥାନ, କ୍ଷମତା, ଖର୍ଚ୍ଚ ଏବଂ ବିପଦର ବିବରଣୀ:

ପ୍ରସ୍ତାବିତ କେନାଲ ପ୍ରକଳ୍ପ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ଗ୍ରାମେଶ୍ୱରପୁର ମୌଜାରେ ନିର୍ମାଣ ହେବ । ଏହି କେନାଲ ନିର୍ମାଣ ପାଇଁ ଗ୍ରାମେଶ୍ୱରପୁର ଗ୍ରାମରେ ୨.୬୮୮୦ ଏକର ଜମି ଅଧିଗ୍ରହଣ କରାଯିବ । କେନାଲ ବିଷୟରେ ବିଶେଷ ତଥ୍ୟ ଖୋର୍ଦ୍ଧା ଜଳସେଚନ ବିଭାଗ ଦ୍ୱାରା ପ୍ରକଳ୍ପର ଡିପିଆରରେ ଉପଲବ୍ଧ । ତେବେ ବର୍ତ୍ତମାନର ଏସଆଇଏ ଅଧ୍ୟୟନ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଗ୍ରାମେଶ୍ୱରପୁର ଗ୍ରାମର ଜମି ଅଧିଗ୍ରହଣରେ ସୀମିତ ରହିଛି ।

## ୧.୬ ବିକଳ୍ପ ମାଧ୍ୟମର ବିଶ୍ଳେଷଣ

ଯେକୌଣସି ପ୍ରକାରର ଜମି ଅଧିଗ୍ରହଣ ହେଉନା କାହିଁକି ଏହା ଲୋକଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପେ ପ୍ରଭାବିତ କରିଥାଏ ଯେତେବେଳେ କି ଯେକୌଣସି ଉନ୍ନୟନ ପ୍ରକଳ୍ପ ସ୍ଥାପନ କରିବା ନିମନ୍ତେ ଭୂମି ଏକ ମୌଳିକ ପୁଞ୍ଜିରୂପେ ପରିଗଣିତ ହୋଇଥାଏ । ସେଥିପାଇଁ ପ୍ରକଳ୍ପ ନିମନ୍ତେ ନିର୍ମାଣର ପ୍ରକାର/ ସ୍ଥଳ ନିର୍ଣ୍ଣୟ କରିବାର ମାନଦଣ୍ଡ ଓ ମୌଳିକ ବିଚାର ତଥା ଭୂମି ଅଧିଗ୍ରହଣ ଆଦି ନିମ୍ନୋକ୍ତ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ହେବା ଉଚିତ୍ –

କ) ପ୍ରସ୍ତାବିତ ଜମିର ଭୌଗୋଳିକ ଅବସ୍ଥା/ ସ୍ଥିତି (ଭୂଭାଗ, ନଦୀ ସଂଖ୍ୟା, ନାଳ, ରାସ୍ତା ଇତ୍ୟାଦି)

ଖ) ନିର୍ମାଣ ଏବଂ ଅନ୍ୟାନ୍ୟ ସହାୟକ ଉପକରଣ ଓ ସାମଗ୍ରୀର ପରିବହନ ସୁବିଧା;

ଗ) ପରିବେଶ ସମ୍ବନ୍ଧୀୟ ବିଚାର;

ଘ) ଅପସାରିତ ହେବାକୁ ଥିବା ଜଙ୍ଗଲ ଆଚ୍ଛାଦନ ଏବଂ ବୃକ୍ଷ ସଂଖ୍ୟା;

ଙ) ସମ୍ଭାବିତ ପୁନଃର୍ବାସ ଓ ଥଇଥାନ ସମସ୍ୟା;
ଚ) ହେବାକୁ ଥିବା ଖର୍ଚ୍ଚ ବଦଳରେ ମିଳୁଥିବା ସାମାଜିକ ଓ ଆର୍ଥିକ ଲାଭ ବିଚାର ।

ଏହି ପରିପ୍ରେକ୍ଷୀରେ ବିଚାରକଲେ, ବର୍ତ୍ତମାନର ଜମି ଅଧିଗ୍ରହଣ ଦ୍ୱାରା ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ମୌଜାର ଲୋକମାନେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେବେ । ତେଣୁ ଆଇନ୍ ଅନୁଯାୟୀ ସର୍ବନିମ୍ନ ଆବଶ୍ୟକତା ଥିବା ଜମି ଅଧିଗ୍ରହଣ ଓ ଏହାର ନକରାତ୍ମକ ପ୍ରଭାବକୁ କମ୍ କରିବାପାଇଁ ପ୍ରକଳ୍ପ ଅଧିକାରୀମାନେ ଉପଯୁକ୍ତ ବୈଷୟିକ ଯୋଜନା ମାଧ୍ୟମରେ ଚେଷ୍ଟା କରିଛନ୍ତି । ପ୍ରଭାବକୁ ସରକାରୀ ଜମିରେ ସୀମିତ ରଖିବା ପାଇଁ ଚେଷ୍ଟା କରାଯାଇଛି । ଏଥିପାଇଁ ସ୍ଥାନୀୟ ବାସିନ୍ଦା ଓ ସମୁଦାୟ ସହିତ ଆଲୋଚନା କରାଯାଇ ସେମାନଙ୍କର ମତାମତକୁ ଆବଶ୍ୟକସ୍ଥଳେ ଯୋଜନାରେ ସାମିଲ କରାଯାଇଛି । ତଥାପି, ଅତ୍ୟନ୍ତ ଆବଶ୍ୟକ ସ୍ଥଳେ କେତେକ ସ୍ଥାନରେ ବେସରକାରୀ ଜମି ଅଧିଗ୍ରହଣ କରାଯାଉଛି ଯାହାପାଇଁ ସାମାଜିକ ଆକଳନ ଅଦ୍ଧୟନ କରାଯାଉଛି ।

## ୧.୭ ପ୍ରକଳ୍ପ ନିର୍ମାଣର ପର୍ଯ୍ୟାୟ

ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବିଭିନ୍ନ ଛୋଟ କେନାଲ ଖନନ କାର୍ଯ୍ୟ କରାଯାଉଛି ଯାହାକି ସ୍ଥାନୀୟ ଚାଷଜମିକୁ ଜଳସେଚିତ କରିବ । ଏଥିମଧ୍ୟରୁ ବ୍ରଜମୋହନପୁର କେନାଲ ଅନ୍ୟତମ ଓ ଏହି କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କରାଯାଉଛି । ଏହାର ସଂପୂର୍ଣ୍ଣ ବିବରଣୀ ପ୍ରକଳ୍ପର ଡିପିଆର ରେ ଉପଲବ୍ଧ ।

## ୧.୮ ଆନୁସଙ୍ଗିକ ଭିତ୍ତିଭୂମି ସୁବିଧା ପାଇଁ ଆବଶ୍ୟକତା:

ଯେହେତୁ ଏହି ପ୍ରକଳ୍ପ ସର୍ବସାଧାରଣ ଉଦ୍ଦେଶ୍ୟରେ ବ୍ୟବହୃତ ହେବ, ବ୍ରଜମୋହନପୁର ସବ-ମାଇନର-୨ ଜଳସେଚନ ପ୍ରକଳ୍ପ ନିର୍ମାଣ ସହିତ କିଛି ଆନୁସଙ୍ଗିକ ଭିତ୍ତିଭୂମି ସୁବିଧା ଆବଶ୍ୟକ ହେବ । ସେଗୁଡ଼ିକ ହେଉଛି:

୧) ବିଭିନ୍ନ କାରଣ ଯୋଗୁ ଜଳ କ୍ଷୟକୁ ହ୍ରାସ କରିବା ପାଇଁ କେନାଲ ଲାଇନିଂ ଏବଂ କ୍ରସ ଡ୍ରେନେଜ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି ।
୨) ଚାଷଜମିକୁ ସମାନ ଏବଂ ନିୟନ୍ତ୍ରିତ ଜଳ ବିତରଣକୁ ସକ୍ଷମ କରିବା ପାଇଁ ଫଲ୍ଟି ଆଉଟଲେଟ ଓ ନିୟନ୍ତ୍ରଣ ଗେଟ ନିର୍ମାଣ କରାଯିବା ।
୩) ନିରାପତା ପାଇଁ ବାସସ୍ଥାନ ନିକଟରେ ସୁରକ୍ଷା ବାଡ ଏବଂ ସାଇନେଜ ନିର୍ମାଣ ।
୪) କମାଣ୍ଡ ଏରିଆରେ ଜଳବନ୍ଦିକୁ ରୋକିବା ପାଇଁ ଡ୍ରେନେଜ ଆଉଟଲେଟ ନିର୍ମାଣ ।
୫) କାର୍ଯ୍ୟ ନିରିକ୍ଷଣ ଓ ନିୟମିତ ରକ୍ଷଣାବେକ୍ଷଣ ପାଇଁ ଯାତୟାତ କରିବସ ରାସ୍ତା ଓ ନିରିକ୍ଷଣ ପଥ ନିର୍ମାଣ ଆବଶ୍ୟକ
୬) କେତେକ ଅସ୍ଥାୟୀ ନିର୍ମାଣ ଯଥା ଶ୍ରମିକମାନଙ୍କ ପାଇଁ ଆଶ୍ରୟ ସ୍ଥାନ, ଜିନିଷ ରଖିବା ସ୍ଥାନ ଓ ନିର୍ମାଣ କାର୍ଯ୍ୟ ପାଇଁ ଜଳ ଯୋଗାଣ ଇତ୍ୟାଦି ନିର୍ମାଣ କରାଯିବ ।

ଏହା ବ୍ୟତୀତ, ଅନ୍ୟ କେତେକ ଆନୁସଙ୍ଗିକ ଭତ୍ତିଭୂମି ସୁବିଧା ଆବଶ୍ୟକ ହୋଇପାରେ ।

## ୧.୯ କର୍ମଜୀବୀ ଆବଶ୍ୟକତା:

ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ବହୁ ସଂଖ୍ୟକ କର୍ମଜୀବୀ ଆବଶ୍ୟକ ହେବ । କିନ୍ତୁ ଲାଗୁଛି ଏହି ପ୍ରକଳ୍ପରେ କାର୍ଯ୍ୟ କରିବା ପାଇଁ ସମସ୍ତ କର୍ମଜୀବୀ ଅସ୍ଥାୟୀ ଭିତ୍ତିରେ ନିୟୋଜିତ ହେବେ । ଏହା ପରିଲକ୍ଷିତ ହୋଇଛି ଯେ ଏହି

ରାସ୍ତା ଦ୍ୱାରା ଅତିକ୍ରମ କରୁଥିବା ଅଂଚଳଟି ଅତ୍ୟନ୍ତ ଜନବହୁଳ । ଏହି ଅଂଚଳରେ ବାସ କରୁଥିବା ସ୍ଥାନୀୟ ଜନସଂଖ୍ୟା ଆଂଶିକ ଅଣକୁଶଳୀ ଶ୍ରମର ଆବଶ୍ୟକତାକୁ ପୂରଣ କରିପାରନ୍ତି । କିନ୍ତୁ ଅଧିକାଂଶ କୁଶଳୀ ଶ୍ରମ ଏବଂ ଅବଶିଷ୍ଟ ଅର୍ଦ୍ଧ କୁଶଳୀ ଏବଂ ଅଣକୁଶଳୀ ଶ୍ରମକୁ ଅନ୍ୟକ୍ଷେତ୍ରରୁ ନିୟୋଜିତ କରିବାକୁ ପଡିବ ।

## ୧.୧୦ ଜମି ଅଧିଗ୍ରହଣ ସମ୍ପର୍କିତ ସରକାରଙ୍କ ଆଇନକାନୁନ

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବିଭିନ୍ନ ପ୍ରକାର ଆଇନ /ନୀତି ପ୍ରଯୁଜ୍ୟ । ପ୍ରକଳ୍ପ କାର୍ଯ୍ୟକାରୀ କରିବାପାଇଁ ଥିବା ଆଇନଗତ ପ୍ରକ୍ରିୟାକୁ ବୁଝିବା, ପ୍ରଭାବିତ ଲୋକମାନଙ୍କ ପାଇଁ ପୁର୍ନବାସ ଓ ଥଇଥାନ ନୀତିରେ ରହିଥବା ଦୁର୍ବଳତାକୁ ଚିହ୍ନଟ କରିବା ଏବଂ ସେଗୁଡିକୁ ଦୂର କରିବା ତଥା ଆଦିବାସୀ ଅଧ୍ୟୁଷିତ ଅଂଚଳଗୁଡିକରେ ବିକାଶମୂଳକ ଯୋଜନା ପ୍ରସ୍ତୁତି କରିବା ପାଇଁ ଏହିସବୁ ଆଇନର ତର୍ଜମା କରିବା ଏକାନ୍ତ ଅପରିହାର୍ଯ୍ୟ ଅଟେ । ପୁର୍ନବାସ ଓ ଥଇଥାନ ଆଇନ୍, ୨୦୧୩ ତଥା ବିଭିନ୍ନ ସାମାଜିକ ବିଷୟକୁ ବିଚାରକୁ ନେଇ ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ପାଇଁ କଣ ସବୁ ଆଇନଗତ ଆଧାର ରହିଛି, ତାହା ପରବର୍ତ୍ତୀ ଭାଗ ଗୁଡିକରେ ବର୍ଣ୍ଣନା କରାଯାଇଛି । ପ୍ରକଳ୍ପ କାର୍ଯ୍ୟକାରୀ ହେବା ଯୋଗୁଁ ଯେଉଁସବୁ ସାମାଜିକ ଓ ପୁର୍ନବାସ ସମସ୍ୟା ଦେଖାଯିବ, ସେଗୁଡିକୁ ଦୂର କରିବା ପାଇଁ ପ୍ରଚଳିତ ନିୟମ ସମେତ ନିର୍ଦ୍ଦିଷ୍ଟ ପୁର୍ନବାସ ଓ ଥଇଥାନ ନିୟମ ପ୍ରସ୍ତୁତ କରାଯାଇଅଛି । ପ୍ରକଳ୍ପଟିର କାର୍ଯ୍ୟଧାରା ଯେପରି ଜାତୀୟ, ରାଜ୍ୟସ୍ତରୀୟ, ସ୍ଥାନୀୟ ଏବଂ ଆଇନଗତ ଆଧାର ଅନୁରୂପ ହେବ, ଏହା ପ୍ରକଳ୍ପର କର୍ତୃପକ୍ଷ ସୁନିଶ୍ଚିତ କରିବେ ।

### ୧.୧୦.୧ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନ ରେ ସ୍ୱଚ୍ଛତା ଆଇନ, ୨୦୧୩

୧୮୯୪ର ଜମି ଅଧିଗ୍ରହଣ ଆଇନ ବଦଳରେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନରେ ସ୍ୱଚ୍ଛତା ଆଇନ, ୨୦୧୩", ୧ ଜାନୁୟାରୀ ୨୦୧୪ ମସିହା ଠାରୁ କାର୍ଯ୍ୟକାରୀ ହେଲା । ପୁରୁଣା ଜମି ଅଧିଗ୍ରହଣ ଆଇନ୍‌ରେ ଥିବା ଦୁର୍ବଳତାକୁ ଦୂର କରି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ପାଇଁ ଏହି ଆଇନ୍‌ରେ ସମ୍ପୂର୍ଣ୍ଣ ପ୍ରୟାସ କରାଯାଇଅଛି । ଜମି ମାଲିକ ଏବଂ ଅନ୍ୟ ପ୍ରଭାବିତ ଲୋକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଏହି ଆଇନ୍ ଖୁବ୍ ଉପକାରୀ ଏବଂ ଆବଶ୍ୟକ ବୋଲି ସାବ୍ୟସ୍ତ ହୋଇଛି ।

ସାରଣୀ ୧: -ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନ ରେ ସ୍ୱଚ୍ଛତା ଆଇନ, ୨୦୧୩ର ମୂଖ୍ୟାଂଶ

| ଅନୁଚ୍ଛେଦ | ଅନୁଚ୍ଛେଦ ସମ୍ପର୍କିତ ବର୍ଣ୍ଣନା |
|---|---|
| ଅନୁଚ୍ଛେଦ ୪ (୧)- ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିଜ୍ଞପ୍ତି | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ |
| ଅନୁଚ୍ଛେଦ ୫ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଭିତିରେ ଜନଶୁଣାଣି |
| ଅନୁଚ୍ଛେଦ ୬ (୧) | ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସହ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ର ପ୍ରକାଶନ |
| ଅନୁଚ୍ଛେଦ ୭ (୧)- ବିଶେଷଜ୍ଞ ଦଳଙ୍କ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ର ମୂଲ୍ୟାଙ୍କନ | • ୨ଜଣ ବେ-ଦପ୍ତରି (ବେସରକାରୀ) ସାମାଜିକ ବିଜ୍ଞାନୀ, ୨ଜଣ ପଂଚାୟତ ଗ୍ରାମସଭା ପ୍ରତିନିଧି, ପୁର୍ନବାସ ଏବଂ ଥଇଥାନ ସମ୍ପର୍କିତ ୨ଜଣ ବିଶେଷଜ୍ଞ ଏବଂ ଜଣେ ଉକ୍ତ କ୍ଷେତ୍ରର କୁଶଳୀ ବିଶେଷଜ୍ଞ ଙ୍କୁ ନେଇ ଗଠିତ ବିଶେଷଜ୍ଞ ଦଳଙ୍କ ଦ୍ୱାରା ସାମାଜିକ ପ୍ରଭାବ ଆକଳନ |

| | |
|---|---|
| | ଅଧ୍ୟୟନ ବିବରଣୀ ର ମୂଲ୍ୟାଙ୍କନ ।<br>● ସୁପାରିଶଗୁଡିକର ପ୍ରକାଶନ |
| ଅନୁଚ୍ଛେଦ ୮ | ଉପଯୁକ୍ତ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପ୍ରସ୍ତାବ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ର ପରୀକ୍ଷଣ |
| ଅନୁଚ୍ଛେଦ ୧୧ (୧)-ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି | ଜମି ଅଧିଗ୍ରହଣ ନିମନ୍ତେ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶନ |
| ଅନୁଚ୍ଛେଦ ୧୧ (୫)- ଜମି ସମ୍ପର୍କିତ ଦଲିଲର ନବୀକରଣ | ୨ ମାସ ସମୟ ଅବଧି ମଧ୍ୟରେ ଜମି ସମ୍ପର୍କିତ ଦଲିଲର ନବୀକରଣ |
| ଅନୁଚ୍ଛେଦ ୧୪- ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ବିଳମ୍ବ ଅବଧି ପାଇଁ ପଦକ୍ଷେପ | ଅନୁଚ୍ଛେଦ ୭ ଭିତିରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ଦାଖଲ ହେବାର ୧୨ ମାସ ଭିତରେ ୪ (୧) ବିଜ୍ଞପ୍ତି ଠାରୁ ୧୮ ମାସ) ଯଦି ୧୧ (୧) ବିଜ୍ଞପ୍ତି ପ୍ରକାଶ ନ ହୋଇପାରିଲା ତେବେ ଉକ୍ତ ବିବରଣୀ ଆଉ କାର୍ଯ୍ୟକ୍ଷମ ହେବ ନାହିଁ । ଅନୁଚ୍ଛେଦ ୧୧ ଭିତିରେ ଜମି ଅଧିଗ୍ରହଣ ହେବା ପୂର୍ବରୁ ପୁନଶ୍ଚ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ହେବ । ମାତ୍ର ଉପଯୁକ୍ତ ସରକାରଙ୍କର କ୍ଷମତା ରହିଛି କି ସେ ଏହି ଅବଧିକୁ ଆଉ ୧୨ ମାସ ବଢାଇ ପାରିବେ । |
| ଅନୁଚ୍ଛେଦ ୧୫ (୧)- ଅଭିଯୋଗର ଶୁଣାଣି | ୧୧ (୧) ବିଜ୍ଞପ୍ତି ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ଅଭିଯୋଗର ଶୁଣାଣି କରାଯିବ |
| ଅନୁଚ୍ଛେଦ ୧୬ (୧)- ପୁର୍ନବାସ ଏବଂ ଥଇଥାନ ଯୋଜନା ପ୍ରସ୍ତୁତି | ● ଜିଲ୍ଲାପାଳଙ୍କ ଦ୍ୱାରା ୧୧ (୧) ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୁର୍ନବାସ ଏବଂ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକ ପ୍ରଭାବିତ ପରିବାରଗୁଡ଼ିକର ଜନସଂଖ୍ୟା ସର୍ବେକ୍ଷଣ କରିବେ ।<br>● ଉକ୍ତ ପ୍ରଶାସକ (ଓଡିଶା ସରକାରଙ୍କ ଦ୍ୱାରା ନିଯୁକ୍ତ) ରାଜସ୍ୱ ବିଭାଗର ଜଣେ ଉପ-ଜିଲ୍ଲାପାଳ ବା ସେହି ପାହ୍ୟାରୁ କମ୍ ହୋଇ ନ ଥିବେ । |
| ଅନୁଚ୍ଛେଦ ୧୬ (୫) | ପୁଃର୍ନବାସ ଏବଂ ଥଇଥାନ ଯୋଜନାର ଶୁଣାଣି |
| ଅନୁଚ୍ଛେଦ ୧୬ (୬) | ଜିଲ୍ଲାପାଳଙ୍କ ନିକଟରେ ପୁର୍ନବାସ ଏବଂ ଥଇଥାନ ଯୋଜନା ଦାଖଲ |
| ଅନୁଚ୍ଛେଦ ୧୭ (୧) | ପୁର୍ନବାସ ଏବଂ ଥଇଥାନ କମିଟି ସହ ମିଳିତ ଭାବେ ଜିଲ୍ଲାପାଳ ପୁର୍ନବାସ ଏବଂ ଥଇଥାନ ଯୋଜନାର ସମୀକ୍ଷା କରିବେ । |
| ଅନୁଚ୍ଛେଦ ୧୮- କମିଶନରଙ୍କ ଦ୍ୱାରା ପୁର୍ନବାସ ଏବଂ ଥଇଥାନ ଯୋଜନାର ଅନୁମୋଦନ | ଓଡିଶା ସରକାରଙ୍କର ସଚିବ ବା କମିଶନର ପାହ୍ୟାର ଜଣେ ଅଧିକାରୀ |
| ଅନୁଚ୍ଛେଦ ୧୯ (୧)- ପୁର୍ନବାସ ଏବଂ ଥଇଥାନ ଯୋଜନାର ଘୋଷଣା ଓ ସାରାଂଶ ପ୍ରକାଶନ | କୋର୍ଟର ଆଦେଶ ବା ରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ ୧୧ (୧) ବିଜ୍ଞପ୍ତି ପ୍ରକାଶ ପାଇବାର ୧୨ ମାସ ମଧ୍ୟରେ |
| ଅନୁଚ୍ଛେଦ ୧୯ (୭)- ୧୧ (୧) ବିଜ୍ଞପ୍ତି ପ୍ରକାଶ ବିଳମ୍ବ ଅବଧି ପାଇଁ ପଦକ୍ଷେପ | କୋର୍ଟର ଆଦେଶ ବା ରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ ୧୧ (୧) ବିଜ୍ଞପ୍ତି ପ୍ରକାଶ ପାଇବାର ୧୨ ମାସ ମଧ୍ୟରେ ଯଦି କୌଣସି ଘୋଷଣା କରାନଗଲା । |
| ଅନୁଚ୍ଛେଦ ୨୩ | ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ |
| ଅନୁଚ୍ଛେଦ ୨୫- ଭୂମି ଅଧିଗ୍ରହଣ ସଂକ୍ରାନ୍ତିୟ ସମସ୍ତ କାର୍ଯ୍ୟରେ ବିଳମ୍ବ ଅବଧି ପାଇଁ ପଦକ୍ଷେପ | ଭୂମି ଅଧିଗ୍ରହଣ କାର୍ଯ୍ୟଅନୁଚ୍ଛେଦ୧୯ରେ ଘୋଷଣାପ୍ରକାଶ ପାଇବାର ୧୨ ମାସ ମଧ୍ୟରେ ସମାପନ ହେବ ମାତ୍ର ଓଡିଶା ସରକାରଙ୍କର କ୍ଷମତା ରହିଛି କି ସଠିକ୍ |

| | |
|---|---|
| | ଯୁକ୍ତି ଦର୍ଶାଇ ସେ ଉକ୍ତ ଅବଧିକୁ ବୃଦ୍ଧି କରି ପାରିବେ । |
| ଅନୁଚ୍ଛେଦ ୨୬ | ଜିଲ୍ଲାପାଳଙ୍କ ଦ୍ୱାରା ଜମିର ବଜାର ମୂଲ୍ୟ ସ୍ଥିର କରିବା |
| ଅନୁଚ୍ଛେଦ ୨୭ | କ୍ଷତିଗ୍ରସ୍ତ ପରିବାର କେତେ କ୍ଷତିପୂରଣ ପାଇବେ ତାହା ଜିଲ୍ଲାପାଳ ସ୍ଥିର କରିବେ |
| ଅନୁଚ୍ଛେଦ ୨୯ | ଜମି ବା ଘର ସଂଲଗ୍ନିତ ଆସବାବ/ ଦ୍ରବ୍ୟର ମୂଲ୍ୟ ସ୍ଥିର କରିବା |
| ଅନୁଚ୍ଛେଦ ୩୧ (୧) | • ଜିଲ୍ଲାପାଳଙ୍କ ଦ୍ୱାରା ପୁର୍ନବାସ ଏବଂ ଥଇଥାନ କାର୍ଯ୍ୟ ଆରମ୍ଭ<br>• ଶତ ପ୍ରତିଶତ କ୍ଷତିପୂରଣ ପ୍ରଦାନ / ପୁର୍ନବାସ ଏବଂ ଥଇଥାନ କାର୍ଯ୍ୟ ସମାପନ ପରେ ଜିଲ୍ଲାପାଳ ଜମି ଦଖଲକୁ ନେବେ କିମ୍ୱା<br>• କ୍ଷତିପୂରଣ ପ୍ରଦାନ ପାଇଁ ୩ ମାସ ଏବଂ ପୁର୍ନବାସ ଏବଂ ଥଇଥାନ କାର୍ଯ୍ୟ ପାଇଁ ୬ ମାସ ସମୟ ନେବେ |
| ଅନୁଚ୍ଛେଦ ୩୮ (୧) | ଜିଲ୍ଲାପାଳଙ୍କ ଦ୍ୱାରା ଅଧିଗ୍ରହଣ ହେବାକୁ ଥିବା ଜମିକୁ ଦଖଲକୁ ନେବା ପାଇଁ କ୍ଷମତା ପ୍ରଦାନ |
| ଅନୁଚ୍ଛେଦ ୩୮ (୨) | ପ୍ରକଳ୍ପ ପ୍ରଭାବିତ ପରିବାରଙ୍କୁ ବିସ୍ଥାପିତ କରିବା ପୂର୍ବରୁ ପୁର୍ନବାସ ଏବଂ ଥଇଥାନ କାର୍ଯ୍ୟ ସବୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ ହୋଇଥିବା ଆବଶ୍ୟକ |
| ଅନୁଚ୍ଛେଦ ୪୧ | ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧାସୁଯୋଗ |

ପୁନଶ୍ଚ, ଅଧିନୀୟମରେ ଉଲ୍ଲେଖିତ ପ୍ରାପ୍ୟଗୁଡିକ ନିମ୍ନ ସାରଣୀରେ ପ୍ରଦତ୍ତ କରାଗଲା –

**ସାରଣୀ ୨: -ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନ ରେ ସ୍ୱଚ୍ଛତା ଆଇନ ଅନୁଯାୟୀପ୍ରାପ୍ୟ**

| କ୍ଷତିର ଆକାର-ପ୍ରକାର | ପ୍ରାପ୍ୟ/ ହକ୍ ର ଏକକ | ଅଧିନିୟମର ପ୍ରବନ୍ଧନ |
|---|---|---|
| ଏକାଧିକ ଫସଲ ହେଉଥିବା ଜମିର କ୍ଷତି | ମାଲିକାନାସତ୍ୱ ଥିବା ବ୍ୟକ୍ତି | • କେତେକ ବ୍ୟତିକ୍ରମ ପରିସ୍ଥିତିକୁ ଛାଡିଦେଲେ ଅନ୍ୟାନ୍ୟ କ୍ଷେତ୍ରରେ ଏକାଧିକ ଫସଲ ହେଉଥିବା ଜମିକୁ ଅଧିଗ୍ରହଣ କରାଯାଇପାରିବ ନାହିଁ ।<br>• ଜମି ଅଧିଗ୍ରହଣ କ୍ଷେତ୍ରରେ, ସମ ପରିମାଣର ପତିତ ଜମିକୁ କରାଯିବ କିମ୍ୱା ଖାଦ୍ୟ ନିରାପତ୍ତା ନିମନ୍ତେ ସମ ପରିମାଣର ଅର୍ଥ ସରକାରଙ୍କ ନିକଟରେ ଜମା ରଖାଯିବ ।<br>• ମାତ୍ର ଏହି ପ୍ରବନ୍ଧନ ରେଳ ଧାରଣା/ ପଥ, ବିଦ୍ୟୁତ ତାର ସଂଯୋଗ, କେନାଲ ପ୍ରକଳ୍ପ ଭଳି ସରଳରୈଖିକ ପ୍ରକଳ୍ପ ପାଇଁ ଲାଗୁ ହେବନାହିଁ । |
| ଚାଷ ଜମିର କ୍ଷତି | ମାଲିକାନାସତ୍ୱ ଥିବା ବ୍ୟକ୍ତି | କ) ଭାରତୀୟ ଷ୍ଟାମ୍ପ ଆକ୍ଟ, ୧୮୯୯ ଅନୁଯାୟୀ, ଜମି ଅବସ୍ଥିତି ଅଂଚଳର ବିକ୍ରି ଦଲିଲ କିମ୍ୱା ବିକ୍ରି ବୁଝାମଣା ପତ୍ର ଅନୁଯାୟୀ ତାହାର ବଜାର ମୂଲ୍ୟ ସ୍ଥିର କରାଯିବ, କିମ୍ୱା<br>ଆଖପାଖ ଅଂଚଳର ସେହି ପ୍ରକାର ଜମିର ପୂର୍ବ ୩ ବର୍ଷର ସର୍ବାଧିକ ମୂଲ୍ୟର କିଣାବିକାର ୫୦ ପ୍ରତିଶତ ଜମିର ହାରାହାରି ମୂଲ୍ୟ ବିଚାରକୁ ନିଆଯିବ ।<br>ତତ୍ ସହିତ ବଜାର ମୂଲ୍ୟର ୧୦୦ ପ୍ରତିଶତ ସାନ୍ତ୍ୱନାମୂଳକ ରାଶି ରୂପେ ଦିଆଯିବ । ମାନଙ୍କ ରାଶି ବୈଧ ସରକାରଙ୍କ ଦ୍ୱାରା ସ୍ଥିର କରାଯିବ । |

| | | |
|---|---|---|
| | | ତତ୍ ସହିତ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିଜ୍ଞପ୍ତି ଠାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା / ଦଖଲ ନେବା ପର୍ଯ୍ୟନ୍ତ ଦିନଗୁଡିକ ନିମନ୍ତେ ସ୍ଥିରିକୃତ ବଜାର ମୂଲ୍ୟ ଉପରେ ବାର୍ଷିକ ୧୨ ପ୍ରତିଶତ ସୁଧ ରାଶି ପ୍ରଦାନ କରାଯିବ ।<br>ଖ) ଯେଉଁଠାରେ ପ୍ରକଳ୍ପ ଦ୍ଵାରା କାର୍ଯ୍ୟ ସୃଷ୍ଟି କରାଯାଇପାରୁଛି, ସେଠାରେ ଆବଶ୍ୟକୀୟ ତାଲିମ ଦେଇ ଏବଂ କୌଶଳରେ ଉନ୍ନତି ଆଣି/ ଦକ୍ଷତା ବୃଦ୍ଧି କରାଇ ନିଯୁକ୍ତିର ସୁଯୋଗ ର ପ୍ରବନ୍ଧନ କରାଯିବ ଏବଂ କୌଣସି ପରିସ୍ଥିତିରେ ସର୍ବନିମ୍ନ ମଜୁରି ଠାରୁ କମ୍ ମଜୁରି ଦିଆଯିବ ନାହିଁ , କିମ୍ବା<br>ପ୍ରତ୍ୟେକ ପ୍ରଭାବିତ ପରିବାରକୁ ଏକକାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ , କିମ୍ବା<br>ଖାଉଟି ମୂଲ୍ୟ ସୂଚନାଙ୍କ ଅନୁଯାୟୀ କୃଷି ଶ୍ରମିକ ମାନଙ୍କୁ ବାର୍ଷିକ ବୀମା ଯୋଜନା ରେ ମାସିକ ୨୦୦୦ଟଙ୍କା ଲେଖାଏଁ ୨୦ ବର୍ଷ ପାଇଁ ଦିଆଯିବ । |
| ବିସ୍ଥାପନ କ୍ଷେତ୍ରରେ ଯଦି ବାସଗୃହ କ୍ଷତିଗ୍ରସ୍ତ ହେଉଥାଏ | ଘରର ମାଲିକ | • ଗ୍ରାମାଂଚଳରେ ଯଦି ଘରଟିଏ କ୍ଷତିଗ୍ରସ୍ତ ହେଉଥାଏ ତେବେ ଇନ୍ଦିରା ଆବାସ ଯୋଜନା ମାନର ଏକ ଘର ନିର୍ମାଣ କରାଯାଇ ଦିଆଯିବ ।<br>• ପ୍ରତ୍ୟେକ ବିସ୍ଥାପିତ ପରିବାରଙ୍କୁ ଜିବୀକା ନିର୍ବାହ ଭତା ଆକାରରେ ମାସିକ ୩୦୦୦ ଟଙ୍କା ଗୋଟଏ ବର୍ଷ ପ୍ରଦାନ କରାଯିବ ।<br>• ପ୍ରତ୍ୟେକ ପ୍ରଭାବିତ ପରିବାର ଯିଏ କି ବିସ୍ଥାପିତ ହେବେ ତାଙ୍କୁ ପରିବହନ ଖର୍ଚ୍ଚ ପାଇଁ ୫୦୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।<br>• ପ୍ରତ୍ୟେକ ପ୍ରଭାବିତ ପରିବାରଙ୍କୁ ୫୦୦୦୦ ଟଙ୍କା ପୁର୍ନବାସ ସହାୟତା ୧ ଥର ଦିଆଯିବ ।<br>• ପ୍ରଭାବିତ ପରିବାରଙ୍କୁ ଦିଆଯାଉଥିବା ଜମିର ନିବନ୍ଧନ ରାଶି ଏବଂ ଅନ୍ୟାନ୍ୟ ଦେୟ ଜମି ଅଧିଗ୍ରହଣ କରୁଥିବା ସଂସ୍ଥା ବହନ କରିବ । |
| ବିସ୍ଥାପନ କ୍ଷେତ୍ରରେ ଯଦି ଭଡାଟିଆଙ୍କ ବାସଗୃହ କ୍ଷତିଗ୍ରସ୍ତ ହେଉଥାଏ | ଭଡାଟିଆ ବ୍ୟକ୍ତି | ବାସଗୃହର ସୁବିଧା ପ୍ରତ୍ୟେକ ପ୍ରଭାବିତ ପରିବାର ପାଇଁ ପ୍ରଯୁଜ୍ୟ ଯାହାଙ୍କର ଘରବାଡି ଜମି ନାହିଁ ଏବଂ ସେ ସେହି ଅଂଚଳରେ ବିଜ୍ଞପ୍ତି ପ୍ରକାଶ ହେବାପୂର୍ବରୁ ଲଗାତର ଭାବେ ୩ ବର୍ଷ ରହି ଆସୁଛନ୍ତି । |
| ଗୁହାଳ ଏବଂ ଅନ୍ୟାନ୍ୟ କୃଷି ଉପକରଣର କ୍ଷତି | ନିର୍ମିତ ଭିତ୍ତି ଭୂମିର ମାଲିକ | ପ୍ରତ୍ୟେକ ପ୍ରଭାବିତ ପରିବାର ଯିଏ କି ତାଙ୍କର ଗୁହାଳ ହରାଇବେ ସେ ୨୫୦୦୦ ଟଙ୍କାର ଏକକାଳୀନ ଆର୍ଥିକ ସହାୟତା ପାଇବେ କିମ୍ବା ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ ମୂଲ୍ୟ ପାଇବେ ।<br>ଜମିରେ ଥିବା ଫସଲ ଓ କୃଷି ଉପକରଣର ମୂଲ୍ୟ ଉପଯୁକ୍ତ ଅଧିକାରୀଙ୍କ ଦ୍ଵାରା ନିର୍ଦ୍ଧାରଣ କରାଯାଇ କ୍ଷତିପୂରଣ ଅର୍ଥ ସହ ପ୍ରଦାନ କରାଯିବ । |

## ୧.୧୦.୨ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନ ରେ ସ୍ୱଚ୍ଛତା ନିୟମ, ୨୦୧୬

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ-ଅର୍ଜନ, ପୁର୍ନବାସ ଏବଂ ଥଇଥାନରେ ସ୍ୱଚ୍ଛତା ଆଇନ, ୨୦୧୩ (RTFCTLARR) ର ଧାରା ୧୦୯(କ) ଅନୁସାରେ ଏହି ନିୟମକୁ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ସରକାର ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ -ଅର୍ଜନ, ପୁର୍ନବାସ ଏବଂ ଥଇଥାନରେ ସ୍ୱଚ୍ଛତା ନିୟମ, ୨୦୧୬ଟି ପ୍ରଚଳନ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ ମାଇନର-୨ ନିର୍ମାଣ ନିମନ୍ତେ ଅଧିଗ୍ରହଣ ହେବାକୁ ଥିବା ଘରୋଇ ଜମି ପାଇଁ କରାଯାଉଥିବା ବର୍ତ୍ତମାନର SIA ଅଧ୍ୟୟନଟି ଏହି ଧାରା ଉପରେ ପର୍ଯ୍ୟବେକ୍ଷିତ ।

ଏହି ଧାରାର ନିୟମ-୬ ଅନୁସାରେ ଓଡ଼ିଶା ସରକାର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS) କୁ ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଏକକ କେନ୍ଦ୍ର (SIA Unit)ଭାବରେ ଘୋଷଣା କରିଛି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାର ବିଭାଗର ସଚିବଙ୍କୁ ଏହାର ନୋଡାଲ ଅଫିସର ଭାବରେ ଚୟନ କରାଯାଇଛି । ଏହି SIA Unit କୁ ବିଭିନ୍ନ କାର୍ଯ୍ୟ ନିର୍ବାହ କରିବାର ଦାୟିତ୍ୱ ଦିଆଯାଇଛି ଯଥା- SIA କାର୍ଯ୍ୟକ୍ରମ ପାଇଁ ସମ୍ବଳ/ ସହଯୋଗୀ ସଂସ୍ଥା ଚୟନ, ପ୍ରକଳ୍ପ ଭିତ୍ତିକ TOR ତିଆରି କରିବା, SIA ଟିମ୍‌କୁ ତାଲିମ୍ ଦେବା ଓ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା, ଗବେଷଣାର ତଥ୍ୟର ଗୁଣାତ୍ମକ ମାନକୁ ପର୍ଯ୍ୟାଲୋଚନା କରିବା ଇତ୍ୟାଦି ।

ନିୟମ-୮ ଅନୁସାରେ SIA ଅଧ୍ୟୟନର ୩୦ଦିନ ପୂର୍ବରୁ ଓଡ଼ିଶା ସରକାର ଏକ ବିଜ୍ଞପ୍ତି ଜାରି କରିବେ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ଗ୍ରାମରେ ବର୍ତ୍ତମାନର SIA ଅଧ୍ୟୟନ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଚିଠି ସଂଖ୍ୟା- RDM-LAA-KHD-0008-2025/ 49116/ R&DM ତା ୩୦ ଡିସେମ୍ବର ୨୦୨୫ରେ ବିଜ୍ଞପ୍ତି ଜାରି କରାଯାଇଥିଲା ।

ନିୟମ-୯ ଅନୁସାରେ SIA ଅଧ୍ୟୟନ ସଂପୃକ୍ତ ଗ୍ରାମର ପଂଚାୟତ /ପୌରପରିଷଦର ସହମତିରେ କରାଯିବ ଏବଂ ଏହାର ରିର୍ପୋଟ୍ ଏକ ନିର୍ଦ୍ଧିଷ୍ଟ ପ୍ରଣାଳୀ / ଢ଼ାଂଚାରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ସହିତ ଉପସ୍ଥାପନ କରାଯିବ । ଏହି ପରିପ୍ରେକ୍ଷିରେ କର୍ତ୍ତବ୍ୟ, ଜୟଦେବ ବିହାର, ଭୁବନେଶ୍ୱର ର SIA ସର୍ବେକ୍ଷଣ ଦଳ ପ୍ରକଳ୍ପ ଗ୍ରାମକୁ ଯାଇଥିଲେ ଏବଂ ଗ୍ରାମବାସୀ/ ପଂଚାୟତ ସଭ୍ୟମାନଙ୍କୁ ଭେଟି ଆଲୋଚନା କରିଥିଲେ । ପୁନଶ୍ଚ, ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ରିପୋଟ୍ ଟି ଫର୍ମ-ଘ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଟି ଫର୍ମ- ଙ କୁ ଭିତ୍ତି କରି ପ୍ରସ୍ତୁତ କରାଯାଇଛି ।

ନିୟମ-୧୧ ରେ ସାମାଜିକ ପ୍ରଭାବ ଆକଳନ (SIA) ଅଧ୍ୟୟନର ପ୍ରଣାଳୀ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହା କର୍ତ୍ତବ୍ୟର SIA ସର୍ବେକ୍ଷଣ ଦଳ ଦ୍ୱାରା ଅନୁପାଳନ କରାଯାଇଛି । ଘରବାରି ଜମି ଅଧିଗ୍ରହଣ ଓ ପରିବାର ସ୍ଥାନାନ୍ତରଣ କ୍ଷେତ୍ରରେ SIA ସର୍ବେକ୍ଷଣ ଦଳର ସଦସ୍ୟମାନେ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଭେଟି ସେମାନଙ୍କ ଠାରୁ ସେମାନଙ୍କର ବିକଳ୍ପ ସ୍ଥାନ ଓ ତାହାର ସାମାଜିକ ଓ ଅର୍ଥନୈତିକ ସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ ।

ନିୟମ-୧୨ ଅନୁସାରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ରେ ସମସ୍ତ କ୍ଷତିଗ୍ରସ୍ତ ପରିବାର ଓ ବାସଚ୍ୟୁତ ପରିବାରମାନଙ୍କର ପ୍ରାପ୍ୟ ସମ୍ବନ୍ଧରେ ସାରଣୀ ପ୍ରସ୍ତୁତ କରାଯିବ ଯାହାକି SIA ସର୍ବେକ୍ଷଣ ଦଳ ଦ୍ୱାରା ତିଆରି ହୋଇଛି ଏବଂ ରିର୍ପୋଟ୍‌ରେ ସଂଲଗ୍ନ କରାଯାଇଛି ।

ନିୟମ -୧୪ ଅନୁସାରେ ପ୍ରଭାବିତ ଅଂଚଳରେ ଡ୍ରାଫ୍ଟ ରିର୍ପୋଟ୍ (ଚିଠା ବିବରଣୀ) ଉପରେ ଜନମତ ଉଦ୍ଦେଶ୍ୟରେ ଜନ ଶୁଣାଣି ର ଆୟୋଜନ କରାଯିବ । ଏଥିରେ ବିଭିନ୍ନ ଅଂଶୀଦାର ମାନଙ୍କର ମତାମତ ଓ ଛାଡି ଯାଇଥିବା ତଥ୍ୟ/ ଅଧିକ ସୂଚନାକୁ ନେଇ ଚୁଡାନ୍ତ ରିପୋଟ୍ ପ୍ରସ୍ତୁତ କରାଯିବ । ନିୟମାନୁଯାୟୀ ଡ୍ରାଫ୍ଟ ରିପୋଟ୍ (ଚିଠା ବିବରଣୀ) ଉପସ୍ଥାପନ କରିବା ପରେ ଜନ ଶୁଣାଣି ର ଆୟୋଜନ କରାଯିବ ।

### ୧.୧୦.୩ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ, ୨୦୦୬:

ଏହି ନିୟମ ଜଙ୍ଗଲରେ ବାସକରୁଥିବା ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲବାସୀଙ୍କ ଜଙ୍ଗଲ ଜମିରେ ଜଙ୍ଗଲ ଅଧିକାର ତଥା ଦଖଲକୁ ଚିହ୍ନିବା ଏବଂ ନ୍ୟସ୍ତ କରିବାରେ ସକ୍ଷମ କରେ । ଯେଉଁ ଜନଜାତିର ଲୋକମାନେ ବହୁପିଢ଼ି ଧରି ଜଙ୍ଗଲରେ ରହିଆସୁଥିଲେ ମଧ୍ୟ ତାଙ୍କର ଅଧିକାର ସାବ୍ୟସ୍ତ ହୋଇପାରିନଥିଲା । ଏହି ଅଧିନିୟମ, ଜଙ୍ଗଲରେ ବାସକରୁଥିବା ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲବାସୀଙ୍କ ଦୀର୍ଘ ଦିନର ନିରାପତା ତଥା ରାଜ୍ୟ ବିକାଶ ମୂଳକ କାର୍ଯ୍ୟକ୍ରମ କାରଣରୁ ସେମାନଙ୍କ ବାସସ୍ଥାନ ସ୍ଥାନାନ୍ତର ନିରାପିତ୍ତାକୁ ସମାଧାନ କରିଥାଏ ।

ଏହି ପ୍ରକୃତିର ଯେକୌଣସି SIA ଅଧ୍ୟୟନରେ RFCTLAR&R Act, 2013 U/s 42 (3) ରେ ଜମି ମାଲିକଙ୍କ ସଂଜ୍ଞା ଭାବରେ ପ୍ରାସଙ୍ଗିକତା ଅଛି, ଯାହା ଅନୁସୂଚିତ ଜନଜାତି ଅନ୍ୟ ପାରମ୍ପାରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ, ୨୦୦୬ ଅଧୀନରେ ଜଙ୍ଗଲ ଅଧିକାର ପ୍ରଦାନ କରାଯାଇଥିବା ଯେକୌଣସି ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ।

# ଅଧ୍ୟାୟ-୨
# ଅଧ୍ୟୟନ ଦଳ, କାର୍ଯ୍ୟଧାରା ଏବଂ ପ୍ରକ୍ରିୟା

ଭାରତ ସରକାରଙ୍କର "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩" ର ଧାରା ୪(୧) ଅନୁସାରେ କୌଣସି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପୂର୍ବରୁ ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବାଧ୍ୟତାମୂଳକ କରାଯାଇଛି । ଓଡ଼ିଶା ସରକାରଙ୍କ ଦ୍ୱାରା ସାମାଜିକ ପ୍ରକଳ୍ପ ଆକଳନର ଅଧ୍ୟୟନ କରିବା ପାଇଁ ନବକୃଷ୍ଣ ଚୌଧୁରୀ ଗବେଷଣା କେନ୍ଦ୍ରକୁ ମନୋନିତ କରାଯାଇଛି । ପରବର୍ତ୍ତୀ ସମୟରେ ନବକୃଷ୍ଣ ଚୌଧୁରୀ ଗବେଷଣା କେନ୍ଦ୍ର ଅଭିଜ୍ଞତା ସଂପୂର୍ଣ୍ଣ ବିଭିନ୍ନ ସଂସ୍ଥାମାନଙ୍କୁ ଏହି ପ୍ରକାର ଅଧ୍ୟୟନ କରିବା ପାଇଁ ତାଲିକାଭୂକ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନବକୃଷ୍ଣ ଚୌଧୁରୀ ଗବେଷଣା କେନ୍ଦ୍ର, ରାଜୁଆ ଡାଇଭର୍ସନ ୱ୍ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ଗ୍ରାମରେ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ପାଇଁ "କର୍ତ୍ତବ୍ୟ" ଅନୁଷ୍ଠାନକୁ ସ୍ଥିର କରିଛନ୍ତି ଏବଂ ବିଜ୍ଞପ୍ତି ମଧ୍ୟ ଜାରି କରିଛନ୍ତି ।

ଜମି ଅଧିଗ୍ରହଣ ନିୟମ ୨୦୧୩ ଅନୁଯାଇ ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତା ୩୦ ଡିସେମ୍ବର ୨୦୨୫ରେ ଗ୍ରାମେଶ୍ୱରପୁର ଗ୍ରାମରେ ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ପାଇଁ ଚିଠି ସଂଖ୍ୟା RDM-LAA-KHD-0008-2025/ 49116/ R&DM ରେ ଏକ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ବିଜ୍ଞପ୍ତି ଅନୁସାରେ ଗ୍ରାମେଶ୍ୱରପୁର ମୌଜାରେ ୨.୬୮୮୦ ଏକର ଘରୋଇ ଅଧିଗ୍ରହଣ ହେବ ଯାହା ପାଇଁ ବର୍ତ୍ତମାନର SIA ଅଧ୍ୟୟନ କରାଯାଇଛି ।ଏହି ଅଧ୍ୟାୟରେ ଅଧ୍ୟୟନର ଦଳ, କାର୍ଯ୍ୟଧାରା ଓ ପ୍ରକ୍ରିୟା ବିଷୟରେ ବର୍ଣ୍ଣନା କରାଯାଇଛି ।

## ୧.୧ ଅଧ୍ୟୟନର ଉଦ୍ଦେଶ୍ୟ

ଉକ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପ୍ରମୁଖ ଉଦ୍ଦେଶ୍ୟଗୁଡିକ ହେଉଛି:

କ) ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଗ୍ରାମେଶ୍ୱରପୁର ମୌଜାରେ ହେବାକୁ ଥିବା ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣ ଉଦ୍ଦେଶ୍ୟରେ ହେଉଛି କି ନାହିଁ ତାହା ପରୀକ୍ଷା କରିବା;

ଖ) ପ୍ରଭାବିତ ପରିବାର ଗୁଡିକର ସଂଖ୍ୟା ଗଣନା କରିବା, କ୍ଷୟକ୍ଷତିର ପ୍ରଗାଢତା, ପରିବାର ଗୁଡିକର ପ୍ରକୃତ ପକ୍ଷେ କେତେ ଜମି ଅଛି, ଜମି ଅଧିଗ୍ରହଣ ଯୋଗୁଁ କେତୋଟି ପରିବାର ବିସ୍ଥାପିତ ହେଉଛନ୍ତି, ସେହି ଆଧାରରେ ଜମିର କ୍ଷତି କେତେ ହେଉଛି, ତାହା ଆକଳନ କରିବା ;

ଗ) ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ କେତେ ପରିମାଣର ଉଭୟ ସର୍ବସାଧାରଣ ଏବଂ ବ୍ୟକ୍ତିଗତ ଜମି, ବାସଗୃହ ଓ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତି ପ୍ରଭାବିତ ହେଉଛି, ତାର ଆକଳନ କରିବା ।

ଘ) ଯେତିକି ପରିମାଣର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଛି ପ୍ରକଳ୍ପ ପାଇଁ ଅତିକମ୍‌ରେ ସେତିକି ଆବଶ୍ୟକ କି ନାହିଁ, ତାହା ପରୀକ୍ଷା କରିବା ।

ଙ) ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବିକଳ୍ପ ସ୍ଥାନ ବିଚାର କରାଯାଇଛି କି ନାହିଁ ତାହା ଜାଣିବା

ଚ) ପ୍ରକଳ୍ପ ଦ୍ୱାରା ସିଧାସଳଖ ଭାବରେ ଜମି ହରାଉଥିବା ପରିବାର ଗୁଡିକ ଉପରେ କଣ ପ୍ରଭାବ ପଡୁଛି ତଥା ସର୍ବ ସାଧାରଣ ସମ୍ପତ୍ତି ହରାଇଥିବା ଯୋଗୁଁ ପରିବାର ଗୁଡିକ ଉପରେ କଣ ପରୋକ୍ଷ ପ୍ରଭାବ ପଡୁଛି, ତାହା ଆକଳନ କରିବା । ସାମାଜିକ ଆର୍ଥିକସଂରଚନା ଉପରେ କଣ ପ୍ରଭାବ ପଡୁଛି ଏବଂ ଏହିସବୁ ବ୍ୟୟର ପ୍ରଭାବ ମୋଟ ପ୍ରକଳ୍ପର ବ୍ୟୟ ଓ ପ୍ରକଳ୍ପରୁ ମିଳିବାକୁ ଥିବା ସୁବିଧା ଗୁଡିକର ତୁଳନାତ୍ମକ ସମୀକ୍ଷା କରିବା ।

ଛ) ସାମାଜିକ ପ୍ରଭାବ ପରିଚ୍ଛଳନା ଯୋଜନା ମାଧ୍ୟମରେ କେଉଁ ସବୁ ସରକାରୀ ନୀତି / ଯୋଜନା ଅଧିନରେ ପ୍ରତିକାର ବ୍ୟବସ୍ଥା ନିଆଯାଇପାରିବ, ତାହା ପ୍ରସ୍ତାବ ଦେବା ।

## ୧.୨ ଅଧ୍ୟୟନର ଗବେଷକ ଦଳର ତାଲିକା ଓ ଯୋଗ୍ୟତା

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟିରେ ଅଭିଜ୍ଞ ଗବେଷକ ମାନଙ୍କ ଦ୍ୱାରା କରାଯାଇଛି । ଅଧ୍ୟୟନ ପାଇଁ ୩ ଜଣିଆ ଗବେଷକ ଦଳଗଠନ କରାଯାଇ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ କାମ ପାଇଁ ସଦସ୍ୟମାନଙ୍କୁ କର୍ତ୍ତବ୍ୟ ଦ୍ୱାରା ଦାୟିତ୍ୱ ବଂଟନ ହୋଇଥିଲା । ଅଧ୍ୟୟନ ଦଳ ଦଳଗତ ଆଲୋଚନା (ଏଫ୍‌ଜିଡି), ସାମାଜିକ ମାନଚିତ୍ର, ସମ୍ବଳ ମାନଚିତ୍ର, ପ୍ରଭୃତି ମଧ୍ୟ କରିଥିଲେ ଓ ଗାଁ ସ୍ତରରେ ସୂଚନା ସଂଗ୍ରହ କରିବା ସମେତ ଏହା ସାଙ୍ଗରେ ସଂଗୃହୀତ ତଥ୍ୟ ଠିକ୍ ଅଛି କି ନାହିଁ, ତାର ଗୁଣାତ୍ମକ ଦିଗ ଇତ୍ୟାଦି ଉପରେ ଆଲୋଚନା କରୁଥିଲେ । ରିପୋର୍ଟ ପ୍ରସ୍ତୁତି ପାଇଁ ତଥ୍ୟଗୁଡିକୁ ସାରଣୀରେ ସଜାଇବା ଏବଂ ତଥ୍ୟ ବିଶ୍ଳେଷଣ କରାଯାଇଥିଲା । କ୍ଷେତ୍ର ଅଧ୍ୟୟନ ଏବଂ ସାରଣୀ ପ୍ରସ୍ତୁତି ସରିବା ପରେ ଦଳ ସଦସ୍ୟମାନଙ୍କର ମତାମତ ନେଇ ବିଶାରଦମାନଙ୍କ ଦ୍ୱାରା ରିପୋର୍ଟ ପ୍ରସ୍ତୁତ ହୋଇଥିଲା । ଗବେଷକ ମାନଙ୍କର ଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ବିଷୟରେ ନିମ୍ନ ସାରଣୀରେ ବର୍ଣ୍ଣନା କରାଯାଇଛି ।

୧. ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, ଟିମ ଲିଡର

ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାମାଜିକ ବିଜ୍ଞାନରେ ସ୍ନାତକୋତର ଓ ଆଇନ ରେ ଡିଗ୍ରୀ ହାସଲ କରିବା ସହିତ ୧୮ ବର୍ଷର ଗବେଷଣା ଅଭିଜ୍ଞତା ଏବଂ ବିଭିନ ପ୍ରକାର ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ର ଆକଳନ କ୍ଷେତ୍ରରେ ଅଭିଜ୍ଞତା ଓ ସରକାରୀ ଓ ବେସରାକାରୀ ପ୍ରକଳ୍ପ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଅଭିଜ୍ଞତା ହାସଲ କରିଛନ୍ତି । ସେ ମଧ୍ୟ ପୂର୍ବରୁ ସରକାରୀ ଏବଂ ବିଭିନ୍ନ କମ୍ପାନୀ ପାଇଁ ଜମି ଅଧିଗ୍ରହଣର ସାମାଜିକ-ଅର୍ଥନୈତିକ ଅଧ୍ୟୟନ, ପ୍ରଭାବ ମୂଲ୍ୟାଙ୍କନ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଇତ୍ୟାଦି ଅଧ୍ୟୟନରେ କାମ କରିଛନ୍ତି । ବିଭିନ୍ନ ପ୍ରକଳ୍ପର ଜମି ଅଧିଗ୍ରହଣ ପାଇଁ SIA ଅଧ୍ୟୟନ କରିବାରେ ମଧ୍ୟ ୯ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି ।

୨. ଶ୍ରୀ ବଳରାମ ଜେନା, କ୍ଷେତ୍ର ଅନୁସନ୍ଧାନକାରୀ

ସେ ଅର୍ଥନୀତିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି ଏବଂ ସରକାରୀ, ଏନ୍‌ଜିଓ ଏବଂ କର୍ପୋରେଟ ସେକ୍ଟରରେ ୧୦ ବର୍ଷର ଗବେଷଣା ଅଭିଜ୍ଞତା ରହିଛି । ସେ ବିଭିନ୍ନ କ୍ଷେତ୍ରରେ ଅନେକ ଗବେଷଣା ଅନୁସନ୍ଧାନ ପାଇଁ କାର୍ଯ୍ୟ କରିଆସୁଛନ୍ତି । ସରକାରୀ ତଥା କମ୍ପାନୀଗୁଡିକର ବିଭିନ୍ନ ପ୍ରକଳ୍ପ ପାଇଁ SIA ଅଧ୍ୟୟନରେ ମଧ୍ୟ ଅଭିଜ୍ଞତା ହାସଲ କରିଛନ୍ତି । ତାଙ୍କ କାର୍ଯ୍ୟରେ ମୁଖ୍ୟତଃ କ୍ଷେତ୍ର କାର୍ଯ୍ୟର ତଦାରଖ ଏବଂ ମନିଟରିଂ, ବିଭିନ୍ନ ପ୍ରକାର କୌଶଳ ମାଧ୍ୟମରେ ପ୍ରାଥମିକ ତଥ୍ୟ ସଂଗ୍ରହ, ସାମାଜିକ ମାନଚିତ୍ର, PRA ଏବଂ ପ୍ରକଳ୍ପର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ହିତାଧିକାରୀଙ୍କ ସହ ପାରସ୍ପରିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

୩. ମଧୁସ୍ମିତା ଚୌଧୁରୀ, କମ୍ପ୍ୟୁଟର ଅପରେଟର

ସେ PGDCA ସହିତ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ଏବଂ ୫ ବର୍ଷ ହେବ ବିଭିନ୍ନ ସାମାଜିକ ଅନୁସନ୍ଧାନ ପ୍ରକଳ୍ପରେ କମ୍ପ୍ୟୁଟର ଅପରେଟର ଓ ତଥ୍ୟ ତଦାରଖ ଭାବରେ କାର୍ଯ୍ୟ କରୁଛନ୍ତି । ସେ ଅନେକ ଗୁଡିଏ SIA ଅଧ୍ୟୟନରେ କମ୍ପ୍ୟୁଟର ଅପରେଟର ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ତାଙ୍କର କାର୍ଯ୍ୟ ମୁଖ୍ୟତଃ ତଥ୍ୟ ତଦାରଖ, ବିଶ୍ଳେଷଣ ଏବଂ ଅଧ୍ୟୟନ ରିପୋର୍ଟ ପାଇଁ ଟେବୁଲଗୁଡିକର ପ୍ରସ୍ତୁତ ଇତ୍ୟାଦି ଅନ୍ତର୍ଭୁକ୍ତ କରେ ।

ଉପରୋକ୍ତ ଦଳର ସଦସ୍ୟଙ୍କ ବ୍ୟତୀତ, ଆମେ ଉଭୟ ଅଂଚଳରେ କିଛି ସ୍ଥାନୀୟ ପ୍ରତିନିଧୀଙ୍କୁ ମଧ୍ୟ ଏହି ଅଧ୍ୟୟନରେ ଜଡିତ କରିଥିଲୁ ଯେଉଁମାନଙ୍କ ମାଧ୍ୟମରେ ଆମେ ପ୍ରତ୍ୟେକ ପ୍ରଭାବିତ ପରିବାର ତଥା ଗାଁ ବିଷୟରେ ସୂଚନା ସଂଗ୍ରହ କରିଛୁ । ଉଭୟ ଅଂଚଳରେ ଜନ ଶୁଣାଣି ବୈଠକ ଆୟୋଜନ କରିବାବେଳେ ଆମେ ସେମାନଙ୍କର ସାହାଯ୍ୟ ଏବଂ ସହଯୋଗ ମଧ୍ୟ ଆବଶ୍ୟକ କରିବୁ ।

## ୧.୩ ଅଧ୍ୟୟନ ପଦ୍ଧତିର ବର୍ଣ୍ଣନା ଓ ବ୍ୟବହୃତ ପ୍ରଶ୍ନାବଳି

### ଅଧ୍ୟୟନର କାର୍ଯ୍ୟଧାରା

ସାମାଜିକ ପ୍ରଭାବ ଅଧ୍ୟୟନ ପ୍ରକଳ୍ପ ଅଂଚଳର ବର୍ତ୍ତମାନର ସ୍ଥିତି ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଲାପରେ ଯେଉଁସବୁ ପରିବର୍ତ୍ତନ ହେବ ସେଗୁଡିକର ତଥ୍ୟ ପ୍ରଦାନ କରେ । ନିୟମ ଅନୁସାରେ ଯଦି ଏହା ପ୍ରଭାବିତ ଲୋକମାନଙ୍କର ସାମାଜିକ ସ୍ଥିତିରେ ଉନ୍ନତ କରିବ ତେବେ ପ୍ରକଳ୍ପକୁ ସହମତି ମିଳିଥାଏ । ଯଦିବା ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଜମି ଅଧିଗ୍ରହଣ ଓ ସ୍ଥାନାନ୍ତରଣର ଆବଶ୍ୟକତା ରହିଛି ତଥାପି ଏଥିପାଇଁ ଏକ ପୁର୍ନବାସ କାର୍ଯ୍ୟଧାରା ର ଆବଶ୍ୟକ ରହିଛି ।

ସାମାଜିକ ଭତ୍ତିଭୂମି ଓ ସାମାଜିକ ପ୍ରଭାବ ଆକଳନ କରିବାପାଇଁ ଗୋଷ୍ଠିଗତ ପଦ୍ଧତି ଅବଲମ୍ବନ କରାଯାଇଛି । ଏହି ଅଧ୍ୟୟନରେ ସ୍ଥାନୀୟ ଲୋକମାନଙ୍କ ମତାମତକୁ ସଂଗ୍ରହ କରାଯାଇ ଥିଲା ଓ ସେହି ଅନୁସାରେ ପ୍ରଭାବ ନିୟନ୍ତ୍ରଣ କରିବାକୁ ଯୋଜନା କରାଯାଇଛି ।

*ଅବଲମ୍ବନ କରାଯାଇଥିବା ଗୋଷ୍ଠିଗତ ପଦ୍ଧତି ଗୁଡିକ ହେଲା*

- ପରିପୂରକ ସୂତ୍ରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଗୁଡିକର ବିଶ୍ଳେଷଣ କରିବା ସହିତ ପ୍ରଭାବିତ ଉଭୟ ଗ୍ରାମରେ ବସବାସ କରୁଥିବା ଲୋକ ଓ ଜମି ହରାଉଥିବା ମାଲିକମାନଙ୍କର ମତାମତ ଗୁଡିକୁ ବିଶ୍ଳେଷଣ କରାଯାଇଛି ।
- ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟକୁ ବିଶ୍ଳେଷଣ କରି ଏକ ସାମାଜିକ ଓ ଅର୍ଥନୈତିକ ଖସଡା ପ୍ରସ୍ତୁତ କରିବା
- ପ୍ରଭାବିତ ଲୋକମାନଙ୍କର ପ୍ରକଳ୍ପ ବିଷୟରେ ମତାମତ କୁ ବୁଝିବା ଓ ପ୍ରକଳ୍ପ ନିର୍ମାଣବେଳେ ପ୍ରଭାବ ଗୁଡିକୁ ଚିହ୍ନଟକରି ଏହାକୁ ପ୍ରତିହତ କରିବାର ଖସଡା ପ୍ରସ୍ତୁତ କରିବା

### ଅଧ୍ୟୟନର ବ୍ୟାପକତା

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅର୍ନ୍ତଗତ ଗ୍ରାମେଶ୍ୱରପୁର ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଦ୍ୱାରା ପଡୁଥିବା ପ୍ରଭାବକୁ ଆକଳନ କରିବା ଏହି ଅଧ୍ୟୟନର ପରିସରଭୁକ୍ତ । ରାଜ୍ୟ ସାମାଜିକ ପ୍ରଭାବ ଆକଳନର ସର୍ତ୍ତ ଏବଂ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ/ ଭୂ -ଅର୍ଜନ, ପୁର୍ନବାସ ଏବଂ ଥଇଥାନ ରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁଯାୟୀ ନିମ୍ନୋକ୍ତ ଦିଗଗୁଡ଼ିକ ଦୃଷ୍ଟିରେ ରଖି କର୍ତ୍ତବ୍ୟ, ଭୁବନେଶ୍ୱର ମାଧ୍ୟମରେ ଏହି ଅଧ୍ୟୟନଟି କରାଯାଇଛି ।

କ. ଉଭୟ ଗୁଣାତ୍ମକ ଓ ସାଂଖ୍ୟିକ ତଥ୍ୟସଂଗ୍ରହ ମାଧ୍ୟମରେ ପ୍ରସ୍ତାବିତ ପ୍ରକଳ୍ପର ବର୍ଣ୍ଣନା ଏବଂ ପ୍ରଭାବିତ ପରିବାର ଗଣନା

ଖ. ସାକ୍ଷାତକାର, ପ୍ରଶ୍ନପତ୍ର ଏବଂଦଳଗତ ଆଲୋଚନା ଇତ୍ୟାଦି ମାଧ୍ୟମରେ ସର୍ବସାଧାରଣଙ୍କ ସହ ଆଲୋଚନା

ଗ. ପ୍ରଭାବିତ ଅଂଚଳର ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ସ୍ଥିତି ସମ୍ବନ୍ଧରେ ପ୍ରାଥମିକ ତଥ୍ୟ ସଂଗ୍ରହ

ଘ. ପ୍ରଭାବିତ ହେବାକୁ ଥିବା ଜମି ସମ୍ପର୍କିତ ସମସ୍ତ ଦସ୍ତାବିଜ ଏବଂ ସଂଗୃହିତ ତଥ୍ୟ ର ତନଖି କରିବା, କ୍ଷେତ୍ର ଯାଂଚ, ଅନୁଶୀଳନ ତଥା ସେହିପରି ପ୍ରକଳ୍ପ ସହ ତୁଳନା

ଙ. ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଯୋଗୁ ପଡ଼ିବାକୁ ଥିବା ସାମାଜିକ ପ୍ରଭାବକୁ ଆକଳନ କରିବା ।

ଚ. ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ଚିହ୍ନଟ ହୋଇଥିବା ନକାରାତ୍ମକ ସାମାଜିକ ପ୍ରଭାବଗୁଡିକ ପ୍ରଶମନ କରିବା ଉଦ୍ଦେଶ୍ୟରେ ଉନ୍ନତି ମୂଳକ ପଦକ୍ଷେପ ଥାଇ ସାମାଜିକ ପ୍ରଭାବ ଯୋଜନା ପ୍ରସ୍ତୁତି

ଛ. ସ୍ଥାନୀୟ ପ୍ରଶାସନ ଏବଂ ଜମି ଆବଶ୍ୟକ କରୁଥିବା ବିଭାଗ ସହାୟତାରେ ଜନଶୁଣାଣି ର ଆୟୋଜନ ଏବଂ ଅଧ୍ୟୟନର ଫଳାଫଳ ଉପରେ ସମସ୍ତଙ୍କର ମତାମତ ଓ ଆଉ ଅଧିକ ସୂଚନା ଜାଣିବାପାଇଁ ଏବଂ ସେଗୁଡିକୁ ଚୂଡାନ୍ତ ରିପୋର୍ଟରେ ସାମିଲ କରିବା ।

## ଅଧ୍ୟୟନର ପଦ୍ଧତି

ଅଧ୍ୟୟନର ଉପରୋକ୍ତ ଉଦ୍ଦେଶ୍ୟ ଓ ଯଥାର୍ଥତାକୁ ଦୃଷ୍ଟିରେ ବର୍ତ୍ତମାନର ଅଧ୍ୟୟନଟିର ପଦ୍ଧତି ସ୍ଥିର କରାଯାଇଛି । ଅଧ୍ୟୟନର ବିସ୍ତୃତ ପଦ୍ଧତିଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି;

### କ) ପୂର୍ବରୁ କରାଯାଇଥିବା ଗବେଷଣା ଗୁଡିକର ସମୀକ୍ଷା

ସାମାଜିକ ପ୍ରଭାବ ଆକଳନର ପୃଷ୍ଠଭୂମିକୁ ବୁଝିବା ପାଇଁ ଏହା ପୂର୍ବରୁ କରାଯାଇଥବା ଗବେଷଣା ଗୁଡିକର ଏକ ବ୍ୟାପକ ସମୀକ୍ଷା କରାଯାଇଥିଲା । ତଦନୁଯାୟୀ ସାମାଜିକ ପ୍ରଭାବ ଆକଳନର ପ୍ରକ୍ରିୟା, ପରିଚ୍ଛଳନା ଯୋଜନା, ଜନଶୁଣାଣି ପ୍ରଭୃତିକୁ ବୁଝିବାପାଇଁ ବିଭିନ୍ନ ରିପୋର୍ଟ, ଏଥିପାଇଁ ପ୍ରଯୁଜ୍ୟ ବିଭିନ୍ନ ଆଇନ୍ ଓ ନୀତିନିୟମ, ଗବେଷଣାମୂଳକ ଲେଖାଗୁଡିକ ସମୀକ୍ଷା କରାଯାଇଥିଲା । ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଏହି ଅଧ୍ୟୟନ କରିବା ପୂର୍ବରୁ ଆଉ ଯେଉଁ ପ୍ରକଳ୍ପ ପାଇଁ ସମାନ ପ୍ରକାର ଅଧ୍ୟୟନ ହୋଇଛି, ସେଗୁଡିକୁ ସ୍ୱତନ୍ତ୍ର ଭାବରେ ସମୀକ୍ଷା ହୋଇଥିଲା । ଯାହା ଫଳରେ ଏହି ଅଧ୍ୟୟନ ପାଇଁ ଏବଂ ଗଭୀର ଭାବରେ ବିଶ୍ଳେଷଣ କରିବା ପାଇଁ ପୃଷ୍ଠଭୂମି ମିଳିଗଲା ।

### ଖ) କ୍ଷେତ୍ର ପରିଦର୍ଶନ, ପରାମର୍ଶ ଏବଂ ସୂଚନା ପ୍ରସାର

କ୍ଷେତ୍ର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ "କର୍ତ୍ତବ୍ୟ"ର ଗବେଷକ ଦଳ, ସ୍ଥାନୀୟ ଅଂଚଳର ସାଂପ୍ରତିକ ପରିସ୍ଥିତିକୁ ବୁଝିବାପାଇଁ ଅନେକ ଥର ପରିଦର୍ଶନ କରିଥିଲେ । ସେହିସବୁ ପରିଦର୍ଶନ ସମୟରେ ଗବେଷକ ଦଳ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ଓ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଥମେ ସର୍ଭେ ଦଳ ପ୍ରଭାବିତ ଅଂଚଳରେ ଗୋଷ୍ଠି ସଭାର ଆୟୋଜନ କରିଥିଲେ । ଏହି ସଭାମାନଙ୍କରେ ଉକ୍ତ ପ୍ରକଳ୍ପ ଏବଂ ସର୍ଭେର ପ୍ରକ୍ରିୟା ସଂପର୍କରେ ବୁଝାଇଥିଲେ । ଆହୁରି ମଧ୍ୟ ସର୍ଭେ ସମୟରେ ଆବଶ୍ୟକ ହେବାକୁ ଥିବା ତଥ୍ୟ ଯୁକ୍ତ କାଗଜପତ୍ର ପ୍ରସ୍ତୁତ କରି ରଖିବା ପାଇଁ ସେମାନଙ୍କୁ ସୂଚନା ଦିଆଯାଇଥିଲା । ସର୍ବେକ୍ଷଣ ତାରିଖ ଓ ସମୟ ସମ୍ପର୍କରେ ଲୋକମାନଙ୍କୁ ଆଗରୁ ସୂଚନା ଦିଆଯାଇଥିଲା ଓ ସେହି ଅନୁସାରେ ସର୍ବେକ୍ଷଣ କରାଯାଇଥିଲା ।

### ଗ) ଜନଗଣନା ସର୍ବେକ୍ଷଣ ଏବଂ ପ୍ରତକ୍ଷ୍ୟ ପ୍ରଭାବିତ ପରିବାର ଗୁଡିକର ଚିହ୍ନଟ

ସାମାଜିକ-ଅର୍ଥନୈତିକ ସର୍ଭେ କରିବା ପୂର୍ବରୁ ସରକାରଙ୍କ ଅଧିସୂଚନା ଅନୁଯାୟୀ ଜମି ସତ୍ୱାଧିକାରୀଙ୍କର ତାଲିକାକୁ ତନଖି କରାଯାଇଥିଲା । ଏହାପରେ "କର୍ତ୍ତବ୍ୟ" ସର୍ବେକ୍ଷଣଦଳ ପ୍ରଭାବିତ ଅଂଚଳକୁ ଯାଇ ମିଳିଥିବା ତାଲିକା ଅନୁସାରେ ପ୍ରଭାବିତ ପରିବାରଗୁଡିକୁ ଚିହ୍ନଟ କଲେ, ଏବଂ ପଟ୍ଟାଧାରୀଙ୍କ ନାମ, ସଂପୂର୍ଣ୍ଣ ଠିକଣା, ଆଇନଗତ ଭାବରେ ଜମିର ଦାବୀଦାର, ସମ୍ପତ୍ତିର ହିତାଧିକାରୀ ପ୍ରଭୃତିର ସମୀକ୍ଷା କଲେ । ସାମାଜିକ ପ୍ରଭାବ ଆକଳନ ନୀତି ଅନୁଯାୟୀ "କର୍ତ୍ତବ୍ୟ" ସର୍ଭେଦଳ ପ୍ରଭାବିତ ଜମିର ସମସ୍ତ ଅଂଶୀଦାର ମାନଙ୍କର ସର୍ଭେ କଲେ । ତଦନୁଯାୟୀ ଏହିଦଳ, ଜମି ଉପରେ ଆଇନଗତ ଅଧିକାର ସମସ୍ତ ପରିବାର ଗୁଡିକୁ ଚିହ୍ନଟ କଲେ । ଏହି ପ୍ରକ୍ରିୟାରେ ମୋଟ୍ ୫୩ଟି ଘରକୁ ସର୍ଭେ କରାଯାଇଛି

### ଘ) ତଥ୍ୟ ବିଶ୍ଳେଷଣ ଏବଂ ରିପୋର୍ଟ ପ୍ରସ୍ତୁତି

ସାମାଜିକ ପ୍ରଭାବ ଆକଳନ ପାଇଁ ଅନେକ ପ୍ରକାର ପ୍ରାଥମିକ ଏବଂ ଆନୁସଙ୍ଗିକ ବା ପରିପୂରକ ତଥ୍ୟ ବ୍ୟବହାର କରାଯାଇଛି । ଏହି ଆକଳନ ପାଇଁ ବିଭିନ୍ନ ସୂତ୍ରରୁ ସଂଗୃହୀତ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ଉପରେ ପର୍ଯ୍ୟବେସିତ । ପ୍ରଥମ ପର୍ଯ୍ୟାୟରେ ସଂଗୃହିତ ଆନୁସଙ୍ଗିକ ବା ପରିପୂରକ ତଥ୍ୟଗୁଡିକ ବିଶ୍ଳେଷଣ କରି ସର୍ବେକ୍ଷଣ ଆକଳନ ପ୍ରକ୍ରିୟାରେ ବ୍ୟବହାର କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ପରିମାଣାତ୍ମକ ତଥ୍ୟର ଯାଂଚ, ସାଙ୍କେତିକ ଶବ୍ଦ (କୋଡିଂ), କମ୍ପ୍ୟୁଟରରେ ତଥ୍ୟ ସଂକଳନ, ତଥ୍ୟ ସଂକଳନରେ ଥିବା ତ୍ରୁଟି ସୁଧାରିବା ପ୍ରଭୃତି କାର୍ଯ୍ୟ, ପ୍ରଶିକ୍ଷିତ ତଥ୍ୟ ପରିଚାଳନା ଦଳ ମାଧ୍ୟମରେ କରାଯାଇଛି । ବିଭିନ୍ନ ପରିସଂଖ୍ୟାନ ପଦ୍ଧତିରେ ତଥ୍ୟ ବିଶ୍ଳେଷଣ କରାଯାଇଛି, ଯାହା ଏହି ରିପୋର୍ଟରେ ବିଭିନ୍ନ ସାରଣୀ ଓ ସାଙ୍କେତିକ ଚିତ୍ର (ଗ୍ରାଫ୍) ମାଧ୍ୟମରେ ଉପସ୍ଥାପିତ ହୋଇଛି । ତେବେ ସାମାଜିକ ପ୍ରଭାବ ଆକଳନରେ ଏହି ରିପୋର୍ଟ, ଦଳର ସମସ୍ତଙ୍କ ସହ ଆଲୋଚନା ଏବଂ ବିଭିନ୍ନ ତଥ୍ୟର ବର୍ଗୀକରଣ ମାଧ୍ୟମରେ କରାଯାଇଛି । ରାଜ୍ୟ SIA ୟୁନିଟ୍ (NCDS)ର ସଂଯୋଜକଙ୍କ ସହ ପରାମର୍ଶ କରି ରିପୋର୍ଟର ଢାଂଚା ପ୍ରସ୍ତୁତ ହୋଇଛି । ପରିଶେଷରେ ଏହି ରିପୋର୍ଟଟି NCDS କୁ ଦାଖଲ କରାଯାଉଛି ।

### ଙ) ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି (SIMP)

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୪(୬) ଅନୁସାରେ ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟାରେ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ଯାହାକି ଚିହ୍ନଟ କରାଯାଉଥିବା ସାମାଜିକ ପ୍ରଭାବ ଗୁଡିକର ପ୍ରତିକାର ପାଇଁ କଣ ସବୁ ଉନ୍ନତିମୂଳକ ପଦକ୍ଷେପ ନିଆଯିବ ତାହା ପ୍ରସ୍ତୁତ କରିବ । ଏଣୁ "କର୍ତ୍ତବ୍ୟ"ର ଗବେଷକ ଦଳ ଚିହ୍ନଟ କରାଯାଇଥିବା ପ୍ରତିକୂଳ ପ୍ରଭାବ ଅନୁସାରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଯୋଜନାରେ ପ୍ରଭାବ ଉପଶମ କରିବାର ସାଧ୍ୟତା, ପରିଚାଳନାର ରଣନୀତି ସମେତ ଖର୍ଚ୍ଚର ସଠିକ୍ ସୂଚନା ଆବଶ୍ୟକ ସମୟ ଏବଂ ଦକ୍ଷତା ପ୍ରଭୃତି ଅନ୍ତର୍ଭୁକ୍ତ । ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନା କୁ ଓଡିଆ ଭାଷାରେ ପ୍ରସ୍ତୁତ କରାଯାଇଛି, ଫଳରେ ପ୍ରଭାବିତ ଗ୍ରାମରେ ବଂଟନ କରାଯାଇପାରିବ

### ପଦ୍ଧତିର ବର୍ଣ୍ଣନା

"ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩" ଓ ଓଡିଶା ନିୟମ ୨୦୧୬ ଅନୁଯାୟୀ ଓ ରାଜ୍ୟ ସାମାଜିକ ପ୍ରଭାବ ଅଧ୍ୟୟନ କେନ୍ଦ୍ର ଦ୍ୱାରା ସ୍ଥିରିକୃତ ଅଧ୍ୟୟନର ଲକ୍ଷ୍ୟ ଓ ପରିସରକୁ ନେଇ ପଦ୍ଧତି ଅନୁସରଣ କରାଯାଇଛି । ଏହା ନିମ୍ନ ସାରଣୀରେ ବର୍ଣ୍ଣନା କରାଯାଇଛି ।

**ସାରଣୀ ୩: ଲକ୍ଷ୍ୟ ଓ ପରିସର ଭିତ୍ତିରେ ପଦ୍ଧତିର ବର୍ଣ୍ଣନା**

| ଲକ୍ଷ୍ୟ ଓ ପରିସର | ବ୍ୟବହୃତ ପଦ୍ଧତି |
|---|---|
| ପ୍ରକଳ୍ପର ମୂଳ ଆଧାର, ବିକଳ୍ପ ସ୍ଥାନର ବର୍ଣ୍ଣନା ଓ ସର୍ବନିମ୍ନ ଜମି ଅଧିଗ୍ରହଣ | ରାଜସ୍ୱ ଅଧୀକାରୀ ଓ ପ୍ରକଳ୍ପ ଅଧିକାରୀମାନଙ୍କ ସହ ଆଲୋଚନାଓ ପୂର୍ବରୁ କରାଯାଇଥିବା ଗବେଷଣା ଗୁଡିକର ସମୀକ୍ଷା |
| ପ୍ରଭାବିତ ପରିବାରମାନଙ୍କର ଗଣନା | ଜମିର ସାରଣୀ ଓ ପଦ୍ଧତିକୁ ନେଇ ଜନଗଣନା ସର୍ବେକ୍ଷଣ |
| ଜମି ଓ ଜୀବିକା ହରାଉଥିବା ପରିବାରମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି | ପ୍ରଶ୍ନାବଳୀକୁ ନେଇ ଘରକୁ ଘର ତଥ୍ୟ ସଂଗ୍ରହ |
| ସାମାଜିକ ଓ ଅର୍ଥନୈତିକ ସ୍ଥିତି, ସର୍ବସାଧାରଣ ସଂପତି ଓ ପ୍ରଭାବିତ ସ୍ଥାନର ସମ୍ବଳ ମାନଚିତ୍ର | ପ୍ରଶ୍ନାବଳୀକୁ ନେଇ ଗ୍ରାମର ତଥ୍ୟ ସଂଗ୍ରହ |
| ଜିବିକା ହରାଉଥିବା ପରିବାରମାନଙ୍କୁ ଚିହ୍ନଟ | ଜମି ହରାଉଥିବା ପରିବାରମାନଙ୍କର ତଥ୍ୟ ସଂଗ୍ରହ |
| ପ୍ରଭାବିତ ପରିବାରମାନଙ୍କ ଜମିର ଆକଳନ | ପ୍ରଶ୍ନାବଳୀକୁ ନେଇ ପରିବାରମାନଙ୍କର ତଥ୍ୟ ସଂଗ୍ରହ |
| ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ପରିବେଶଜନିତ ପ୍ରଭାବର ଆକଳନ | ଜିବିକା ଓ ଜମି ହରାଉଥିବା ପରିବାରମାନଙ୍କର ତଥ୍ୟ ସଂଗ୍ରହ, ପରୋକ୍ଷଭାବରେ ପ୍ରଭାବିତ ହେଉଥିବା ପରିବାରମାନଙ୍କର ତଥ୍ୟ ସଂଗ୍ରହ । ଏହା ବ୍ୟତିତ ଗ୍ରାମରେ ଦଳଗତ ଆଲୋଚନା |

### ଚ) ବ୍ୟବହୃତ ପ୍ରଶ୍ନାବଳୀ

ଏହିସବୁ ତଥ୍ୟ ସଂଗ୍ରହ କରିବାପାଇଁ ୪ଟି ପ୍ରଶ୍ନାବଳୀ ବ୍ୟବହାର କରାଯାଇଥିଲା

- ପରିବାର ପାଇଁ ଉଦ୍ଦିଷ୍ଟ ସର୍ଭେ ପ୍ରଶ୍ନାବଳୀ
- ସାଧାରଣ ସଂପତ୍ତିର ତଥ୍ୟ ପାଇଁ ପ୍ରଶ୍ନାବଳୀ
- ସାମାଜିକ ଓ ସାଂସ୍କୃତିକ ତଥ୍ୟ ପାଇଁ ପ୍ରଶ୍ନାବଳୀ
- ଦଳଗତ ଆଲୋଚନା ପାଇଁ ପ୍ରଶ୍ନାବଳୀ

ଏହିସବୁ ପ୍ରଶ୍ନାବଳୀ ଗୁଡିକ ରାଜ୍ୟ ସାମାଜିକ ଅଧ୍ୟୟନ ବିଭାଗର ମତାମତ ଓ "ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩" କୁ ଭିତ୍ତିକରି ତିଆରି କରାଯାଇଥିଲା ।

## ୧.୪ ବ୍ୟବହୃତ ନମୁନା ପଦ୍ଧତି

ଏହି ଅଧ୍ୟୟନରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ଗୁଡିକୁ ଜନଗଣନା ସର୍ବେକ୍ଷଣ ପଦ୍ଧତି ରେ ଏବଂ ପରୋକ୍ଷ ପ୍ରଭାବିତ ପରିବାର ଗୁଡିକୁ ନମୁନା ସର୍ବେକ୍ଷଣ ପଦ୍ଧତିରେ ଆକଳନ କରାଯାଇଛି । ନମୁନା ସର୍ଭେ ପ୍ରଣାଳୀ ପାଇଁ ସିମ୍ପଲ ରେଣ୍ଡମ୍ ସାମ୍ପଲିଂ(Simple Random Sampling) ପଦ୍ଧତି ଗ୍ରହଣ କରାଯାଇଛି । ଆହୁରି ମଧ୍ୟ ଏହି ଅଧ୍ୟୟନରେ ବିଭିନ୍ନ ପ୍ରକାର ପାରସ୍ପରିକ ସହଭାଗୀତା ଆଲୋଚନା ପ୍ରଣାଳୀ (PRA)ଯଥା ସାମାଜିକ ମାନଚିତ୍ର, ସମ୍ବଳ ମାନଚିତ୍ର, ଏବଂ ଦଳଗତ ଆଲୋଚନା ପ୍ରଭୃତି ବ୍ୟବହାର କରାଯାଇଛି । ଅଧ୍ୟୟନ ପଦ୍ଧତିର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ବର୍ଣ୍ଣନା କରାଯାଇଛି

## ୧.୫ ବ୍ୟବହୃତ ତଥ୍ୟର ଉତ୍ସ

ସମସ୍ତ ବ୍ୟକ୍ତିବିଶେଷ ତଥା ଗୋଷ୍ଠିର ସଦସ୍ୟମାନଙ୍କ ସହ ଆଲୋଚନା ପରେ, ପ୍ରଭାବିତ ପରିବାରମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତି ଓ ପ୍ରକଳ୍ପ ଯୋଗୁଁ ସେମାନଙ୍କ ଜୀବନରେ କେଉଁ ପ୍ରକାର ପ୍ରଭାବ ପଡିବ ସେଥିପାଇଁ ପରିବାର ସ୍ତରରେ ସର୍ଭେ କରାଯାଇ ପ୍ରକଳ୍ପର ପ୍ରଭାବ ବିଷୟରେ ଅନୁଧ୍ୟାନ କରାଯାଇଥିଲା ।

### (କ) ବିଭିନ୍ନ ପରିପୂରକ ସୂତ୍ରରୁ ତଥ୍ୟସଂଗ୍ରହ

ସାମାଜିକ ପ୍ରଭାବ ଅଧ୍ୟୟନର ଗବେଷକ ଦଳ ଅନ୍ୟ ବିଭିନ୍ନ ସୂତ୍ରରୁ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲେ । ଇଂଟରନେଟ୍ ମାଧ୍ୟମରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା । ଅନ୍ୟାନ୍ୟ ମାଧ୍ୟମ ଯଥା ଜନଗଣନା ୨୦୧୧ ର ତଥ୍ୟ, ଉପଯୁକ୍ତ ସରକାରୀ ତଥ୍ୟ ଓ କେନାଲ ନିର୍ମାଣ ପ୍ରକଳ୍ପ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥିଲା । ଯେଉଁସବୁ ନଥିଗୁଡିକରୁ  ତଥ୍ୟ ସଂଗ୍ରହ କରାଯାଇଥିଲା ସେଗୁଡିକ ହେଲା - ଜମି ରେକର୍ଡ, ପ୍ରଭାବିତ ଗ୍ରାମର ସାମାଜିକ ତଥ୍ୟ, ଉପଯୁକ୍ତ ଆଇନ ଓ ନିୟମାବଳୀ, ଜିଲ୍ଲା ପରିସଂଖ୍ୟାନ ପୁସ୍ତକ ଓ ଅନ୍ୟାନ୍ୟ ରିପୋର୍ଟ ଇତ୍ୟାଦି । ଏହା ବ୍ୟତିତ ଅନ୍ୟାନ୍ୟ ତଥ୍ୟ ଯଥା, ଜମିର ନିର୍ଦ୍ଧାୟକ ମୂଲ୍ୟ, ଜମିର କିସମ ଏବଂ ବ୍ୟବହାର, ଜଳସେଚନର ପରିମାଣ, କେଉଁ ଫସଲ ଚାଷ ହେଉଛି, ସର୍ବସାଧାରଣ ସମ୍ବଳ ଏବଂ ଗୋଷ୍ଠିର ସାମାଜିକ ଅର୍ଥନୈତିକ ସାଂସ୍କୃତିକ ଗଠନ ଇତ୍ୟାଦିର ତଥ୍ୟ ସଂଗ୍ରହ କରାଯାଇଥିଲା ।

### (ଖ) ପ୍ରାଥମିକ ସୂତ୍ରରୁ ତଥ୍ୟ

ପ୍ରାଥମିକ ସୂତ୍ରରୁ ବିଭିନ୍ନ ପ୍ରକାର ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରିବା ପାଇଁ ଏକ ଦଳଗତ ଆଲୋଚନା ଏବଂ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା ଆୟୋଜନ କରାଯାଇଥିଲା । ଗ୍ରାମରେ ପ୍ରଭାବିତ ଲୋକଙ୍କର ଏକ ନିର୍ଦ୍ଦିଷ୍ଟ ଦଳ ଏବଂ ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ସେମାନଙ୍କର ପ୍ରକଳ୍ପ ଉପରେ ମତାମତ, ଜୀବନ ଉପରେ ପ୍ରଭାବ, ତାହା ଜାଣିବାପାଇଁ ଦଳଗତ ଆଲୋଚନା କରାଯାଇଥିଲା । ସାମାଜିକ ମାନଚିତ୍ର ଜରିଆରେ ଘର, ସାମାଜିକ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଗାଁରେ କେଉଁଠି ସବୁ ଅଛି ତାହା ଚିହ୍ନଟ କରାଯାଇଥିଲା । ଆହୁରି ମଧ୍ୟ ଗାଁରେ ପରିବାର ଗୁଡିକ ମଧ୍ୟରେ କଣ ସବୁ ସାମାଜିକ ଓ ଅର୍ଥନୈତିକ ତାରତମ୍ୟ ରହିଛି, ତାହା ଜାଣିବା ଏହାର ଉଦ୍ଦେଶ୍ୟ ଥିଲା । ସେହିପରି ଗାଁରେ ଏବଂ ଗାଁ ଚାରିପାଖରେ କଣ ସବୁ ପ୍ରାକୃତିକ ସମ୍ବଳ ରହିଛି ସେ ବିଷୟରେ ଗାଁ ଲୋକଙ୍କର ଧାରଣା ଜାଣିବା, ସମ୍ବଳର ବ୍ୟବହାର କିପରି ହେଉଛି ଏବଂ ଉକ୍ତ ପ୍ରକଳ୍ପ ଯୋଗୁଁ ତା ଉପରେ କଣ ପ୍ରଭାବ ପଡିବ, ଏହାସବୁ ଜାଣିବାପାଇଁ ସମ୍ବଳ ମାନଚିତ୍ର କରାଯାଇଥିଲା ।

## ୧.୬ ଲୋକ ପ୍ରତିନିଧି ଓ ପ୍ରଭାବିତ ପରିବାରମାନଙ୍କ ସହ ପରାମର୍ଶର କାର୍ଯ୍ୟସୂଚୀ

ଅଧ୍ୟୟନ ଅବଧି ମଧ୍ୟରେ କର୍ତ୍ତବ୍ୟ ଟିମ୍ ସୂଚନା ସଂଗ୍ରହ ପାଇଁ ପ୍ରମୁଖ ଅଂଶୀଦାର ଏବଂ ଜନପ୍ରତିନିଧିଙ୍କ ସହ ଏହି ରେଳ ଲାଇନର ପ୍ରଭାବ ଓ ଉପକାରିତା ସମ୍ବନ୍ଧରେ ପରାମର୍ଶ କରିଥିଲେ । ସଂପୂର୍ଣ୍ଣ ଅଦ୍ଧୟନ କାର୍ଯ୍ୟ ଭିନ୍ନ ଭିନ୍ନ ପର୍ଯ୍ୟାୟରେ କରାଯାଇଥିଲା । ନିମ୍ନଲିଖିତ ସାରଣୀରେ ଅଧ୍ୟୟନ ପାଇଁ କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ /ପରାମର୍ଶ ପାଇଁ ସମୟସୀମା ଦର୍ଶାଯାଇଛି  ।

**ସାରଣୀ ୪: ଅଦ୍ଧୟନର କାର୍ଯ୍ୟସୂଚୀ**

| ସମୟସୀମା | କାର୍ଯ୍ୟକ୍ରମ |
|---|---|
| ୩୧ଡିସେମ୍ବର ୨୦୨୫ ରୁ | ପୂର୍ବରୁ କରାଯାଇଥିବା ଗବେଷଣା ଗୁଡିକର ସମୀକ୍ଷା |
| ୫ ଜାନୁୟାରୀ ୨୦୨୬ | ଅଦ୍ଧୟନ ଦଳ ଚୟନ ଏବଂ ପ୍ରଶ୍ନାବଳୀ ଗୁଡିକର ପ୍ରସ୍ତୁତି  । |

| | |
|---|---|
| | ପ୍ରାଥମିକ କ୍ଷେତ୍ର ପରିଦର୍ଶନ, ପରାମର୍ଶ ଏବଂ ସୂଚନା ବିସ୍ତାର |
| | ସଂପୃକ୍ତ ସରକାରୀ ଅଧିକାରୀ ଓ ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ସହ ସାକ୍ଷାତ |
| ୬ ଜାନୁୟାରୀ ୨୦୨୬ ରୁ ୧୨ ଜାନୁୟାରୀ ୨୦୨୬ | ତଥ୍ୟ ସଂଗ୍ରହ ଏବଂ ଅଦ୍ଧୟନ ଅଂଚଳର ମାନଚିତ୍ର ପ୍ରସ୍ତୁତି |
| | ଦଳଗତ ଆଲୋଚନା ଆୟୋଜନ ମାଧ୍ୟମରେ ତଥ୍ୟ ସଂଗ୍ରହ |
| | ତଥ୍ୟର ବିଶ୍ଳେଷଣ |
| ୨୭ ଜାନୁୟାରୀ ୨୦୨୬ | ଚିଠା ବିବରଣୀ ପ୍ରସ୍ତୁତି ଓ NCDS କୁ ପ୍ରଦାନ |
| ୨୭ ଫେବୃଆରି ୨୦୨୬ | ଜନଶୁଣାଣିର ଆୟୋଜନ |
| ୭ ମାର୍ଚ୍ଚ ୨୦୨୬ | ଜନଶୁଣାଣିର ପ୍ରସ୍ତାବ ଭିତିରେ ମୁଖ୍ୟ ରିପୋର୍ଟ ପ୍ରସ୍ତୁତି ଓ NCDS କୁ ପ୍ରଦାନ |

## ୧.୭ ଆୟୋଜିତ ଜନ ଶୁଣାଣି ଓ ଦଳଗତ ଆଲୋଚନାର ସଂକ୍ଷିପ୍ତ ବିବରଣୀ

**ଜନଶୁଣାଣୀ:**

ଜମି ଅଧିଗ୍ରହଣ ନିୟମ ୨୦୧୩ ଧାରା (୫) ଅନୁସାରେ,୨୭ ଫେବୃଆରୀ ୨୦୨୬ରେ ଖୋର୍ଦ୍ଧା ଜିଲ୍ଲା ବ୍ରଜମୋହନପୁର ଗ୍ରାମ ପଂଚାୟତ ଭବନରେ ଏକ ଜନଶୁଣାଣି ଆୟୋଜନ କରାଯାଇଥିଲା ଯାହାର ସୂଚନା ପୂର୍ବରୁ ଲୋକମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଜୁଆ ଡାଇଭରସନ ୱେୟାର ଅଧିନରେ ବ୍ରଜମୋହନପୁର ସବ-ମାଇନର ପ୍ରକଳ୍ପ ନିର୍ମାଣ ପାଇଁ ୨.୬୮୮୦ ଏକର ଘରୋଇ ଜମି ଅଧିଗ୍ରହଣ ସମ୍ବନ୍ଧୀୟ SIA ଅଧ୍ୟୟନ ଉପରେ ପ୍ରଭାବିତ ପରିବାରଙ୍କର ମତାମତ ସଂଗ୍ରହ କରିବା । ଏହି ଜନଶୁଣାଣି ଜିଲ୍ଲା ପ୍ରଶାସନ ସହାୟତାରେ ଆୟୋଜିତ କରାଯାଇଥିଲା ଓ ସଂପୃକ୍ତ ଜମି ଅଧିଗ୍ରହଣ ଅଧିକାରୀ ଏବଂ "କର୍ତ୍ତବ୍ୟ" ସର୍ବେକ୍ଷଣ ଦଳ ସଭା ପରିଚାଳନା କରି ପ୍ରଭାବିତ ପରିବାର ସଦସ୍ୟଙ୍କ ନିକଟରେ ଏସଆଇଏ ରିପୋର୍ଟ ଉପସ୍ଥାପନ କରିଥିଲେ । ବୈଠକର ବିସ୍ତୃତ ପ୍ରକ୍ରିୟା ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିଡ଼ିଓ ରେକର୍ଡିଂ କରାଯାଇଥିଲା । ଜନଶୁଣାଣି ସଭାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଉପସ୍ଥାପିତ କରାଯାଇଛି ।

**ତାରିଖ:** ୨୭.୦୨.୨୦୨୬ **ସମୟ :** ପୂର୍ବାହ୍ନ ୧୧:୦୦

**ସ୍ଥାନ:** ବ୍ରଜମୋହନପୁର ଗ୍ରାମ ପଂଚାୟତ ଭବନ

**ଅଂଶଗ୍ରହଣକାରୀ:**

- ଅନନ୍ୟା ଶତପଥୀ, ଜମି ଅଧିଗ୍ରହଣ ଅଧିକାରୀ ଖୋର୍ଦ୍ଧା
- ଶ୍ରୀ ରଂଜନ କୁମାର ମହାନ୍ତି, ଡେପୁଟୀ କଲେକ୍ଟର, ଖୋର୍ଦ୍ଧା
- ଶ୍ରୀ ସୌମେନ୍ଦ୍ର ପ୍ରସାଦ ବାରିକ, ଏସଡିଓ, ରାଜୁଆ ଜଳସେଚନ ଉପ ବିଭାଗ
- ଶ୍ରୀ ପୁପୁନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ, ରାଜୁଆ ଜଳସେଚନ ଉପ ବିଭାଗ
- ଶ୍ରୀ ବଦ୍ରୀନାରାୟଣ ଭୁଜବଳ, ସରପଞ୍ଚ, ବ୍ରଜମୋହନପୁର ଗ୍ରାମପଂଚାୟତ
- ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, ଟିମ ଲିଡର, ଏସଆଇଏ, ଅଧ୍ୟୟନ
- ଶ୍ରୀ ଦେବୀପ୍ରସାଦ ସାହୁ, ଆର ଆଇ, ଅଧିଗ୍ରହଣ କାର୍ଯ୍ୟାଳୟ, ଖୋର୍ଦ୍ଧା
- ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସଦସ୍ୟଗଣ

## ଜନଶୁଣାଣୀର ବିବରଣୀ:

ରାଜୁଆ ଡାଇଭରସନ ୱେୟାର ଅଧିନରେ ବ୍ରଜମୋହନପୁର ସବ-ମାଇନର ପ୍ରକଳ୍ପ ନିର୍ମାଣ ପାଇଁ ୨.୬୮୮୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବାକୁ ନେଇ ଯେଉଁ ଏସଆଇଏ ଅଧ୍ୟୟନ କରାଯାଇଥିଲା ତା'ର ଚିଠା ବିବରଣୀ ସ୍ଥାନୀୟ ଲୋକମାନଙ୍କୁ ଅବଗତ କରାଇବା ପାଇଁ ଏହି ଜନଶୁଣାଣିର ଆୟୋଜନ କରାଯାଇଥିଲା । ଏହି ବୈଠକ ବ୍ରଜମୋହନପୁର ଗ୍ରାମପଞ୍ଚାୟତର ସରପଞ୍ଚ ବଦ୍ରୀନାରାୟଣ ଭୁଜବଳଙ୍କ ଅଧ୍ୟକ୍ଷତା ଆୟୋଜିତ ହୋଇଥିଲା ।

ତା'ପରେ କନିଷ୍ଠ ଯନ୍ତ୍ରୀ ପ୍ରକଳ୍ପର ବିସ୍ତୃତ ବର୍ଣ୍ଣନା ପ୍ରଦାନ କରି ସ୍ଥାନୀୟ ସମ୍ପ୍ରଦାୟଠାରୁ ମିଳିଥିବା ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ କେନାଲ ପାଇଁ ମୋଟ ୨.୬୮୮୦ ଏକର ଜମି ଅଧିଗ୍ରହଣ କରାଯିବ ଏବଂ ସମସ୍ତ ନିର୍ମାଣ କାର୍ଯ୍ୟ ଏହି ଅଧିଗ୍ରହଣିତ ଅଂଚଳ ମଧ୍ୟରେ କରାଯିବ । କେନାଲର ଉଭୟ ପାର୍ଶ୍ୱରେ ଥିବା ବନ୍ଧଗୁଡ଼ିକୁ ଚାଷୀମାନେ ସେମାନଙ୍କର କୃଷି କ୍ଷେତ୍ରକୁ ପ୍ରବେଶ ରାସ୍ତା ଭାବରେ ବ୍ୟବହାର କରିବେ । ନିର୍ମାଣ ସମୟ ମଧ୍ୟରେ ଯେପରି କୌଣସି ଅତିରିକ୍ତ ଜମି ପ୍ରଭାବିତ ନ ହୁଏ ତାହା ନିଶ୍ଚିତ କରିବା ପାଇଁ ପ୍ରୟାସ କରାଯିବ ।

ଏହା ପରେ, ଏସ ଆଇ ଏ ଅଧ୍ୟୟନର ଟିମ୍ ଲିଡର ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ପ୍ରକଳ୍ପ ବିଷୟରେ ସେମାନଙ୍କର ପରାମର୍ଶ ଏବଂ ମତାମତ ରଖିବାକୁ ଜମି ମାଲିକମାନଙ୍କୁ ଅନୁରୋଧ କରିଥିଲେ ।

### ଜମି ମାଲିକଙ୍କ ଅଭିଯୋଗ ଏବଂ ଅଧିକାରୀଙ୍କ ପରାମର୍ଶ

ଶ୍ରୀ ଶରତ ଚନ୍ଦ୍ର ମାନସିଂହ, ପିତା ଗୋବିନ୍ଦ ଚନ୍ଦ୍ର ମାନସିଂହ (ଖାତା ନଂ: ୬୫ ପ୍ଲଟ୍ ନଂ: ୬୦ ଏବଂ ଖାତା ନଂ: ୬୬, ପ୍ଲଟ୍ ନଂ: ୧୪) କହିଛନ୍ତି ଯେ ବର୍ତମାନର ଅଧିଗ୍ରହଣ ପୂର୍ବରୁ, ସେ ସମାନ ପ୍ରକଳ୍ପ ପାଇଁ ଗୋପୀନାଥପୁର ମୌଜାରେ ୦.୮୬୫ ଏକର ଜମି ହରାଇଥିଲେ କିନ୍ତୁ ତାଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ମିଳିନଥିଲା । ସେ ଉଲ୍ଲେଖ କରିଥିଲେ ଯେ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ ବହୁତ କମ୍ ଥିଲା । ଯଦିଓ ସେ ସର୍ବସାଧାରଣ ଉପକାର ପାଇଁ ଜମି ଯୋଗାଇବାକୁ ଇଚ୍ଛୁକ, ପ୍ରତିବଦଳରେ ସେ ବର୍ତମାନ ଜମିର ବଜାର ମୂଲ୍ୟର ଦଶ ଗୁଣ କ୍ଷତିପୂରଣ ଦାବି କରିଥିଲେ କିମ୍ବା ବିକଳ୍ପ ଭାବରେ, ସହରାଂଚଳରେ ସମାନ ପରିମାଣର ଜମି ଦେବାକୁ ଦାବି କରିଥିଲେ । ସେ ଆହୁରି ଚିନ୍ତା ପ୍ରକାଶ କରିଥିଲେ ଯେ କେନାଲ ନିର୍ମାଣ ସମାପ୍ତ ହେବା ପରେ, ଉଭୟ ପାର୍ଶ୍ୱର ବନ୍ଧକୁ ରାସ୍ତା ଭାବରେ ବ୍ୟବହାର କରାଯାଇପାରେ ଏବଂ ଶେଷରେ ଏହା ପ୍ରଶସ୍ତ ହୋଇଯାଇପାରେ, ଯାହା ଫଳରେ ଜମି ମାଲିକଙ୍କ ପାଇଁ ଅଧିକ ଜମି କ୍ଷତି ହୋଇପାରେ । ସେ ପ୍ରଶ୍ନ କରିଥିଲେ ଯେ ଭବିଷ୍ୟତରେ ଏପରି ସମ୍ଭାବ୍ୟ ଜମି କ୍ଷତିକୁ ସମାଧାନ କରିବା ପାଇଁ କୌଣସି ଆଇନଗତ ବ୍ୟବସ୍ଥା ଅଛି କି ନାହିଁ । *(ଅଭିଯୋଗ ଆବେଦନ ସଂଲଗ୍ନ)*

ତାଙ୍କ ଅଭିଯୋଗର ଉତର ଦେଇ, ଭୂମି ଅଧିଗ୍ରହଣ ଅଧିକାରୀ (LAO) କହିଥିଲେ ଯେ ସମସ୍ତ ପ୍ରକାରର କ୍ଷତିର ସଠିକ୍ ମୂଲ୍ୟାଙ୍କନ କରାଯିବ ଏବଂ ସେହି ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ । ସେ ସ୍ପଷ୍ଟ କରିଥିଲେ ଯେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନର୍ବାସରେ ନିରପେକ୍ଷ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ର ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ । ସେ ଆହୁରି ଉଲ୍ଲେଖ କରିଥିଲେ ଯେ ଯଦି କାହାର କୌଣସି ଅଭିଯୋଗ ଅଛି, ତେବେ ସେମାନେ ଲିଖିତ ଭାବରେ ଦାଖଲ କରିପାରିବେ, ଯାହାର ଯଥାଶୀଘ୍ର ସମାଧାନ କରାଯିବ । ତେଣୁ, ଏହି ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କ କୌଣସି ଦ୍ୱନ୍ଦ୍ୱ ରହିବା ଉଚିତ୍ ନୁହେଁ । ସେ ଶ୍ରୀ ମାନସିଂଙ୍କୁ ଏହା ମଧ୍ୟ ଜଣାଇଥିଲେ ଯେ ତାଙ୍କର ଦାବିଗୁଡ଼ିକୁ ଉଚ୍ଚ କର୍ତୃପକ୍ଷଙ୍କ ନିକଟକୁ ପଠାଯିବ ଏବଂ ୨୦୧୩ ଆଇନର ବ୍ୟବସ୍ଥା ଅନୁଯାୟୀ ବିଚାର କରାଯିବ ।

<u>ଶ୍ରୀ ଜ୍ଞାନରଞ୍ଜନ ପଟ୍ଟନାୟକ</u>, ପିତା ରବିନ୍ଦ୍ରନାଥ ପଟ୍ଟନାୟକ (ଖାତା ନମ୍ବର: ୩୧୩/୫୦ ପ୍ଲଟ୍ ନମ୍ବର: ୪୭) କହିଛନ୍ତି ଯେ ପୂର୍ବ ଅଧିଗ୍ରହଣ ସମୟରେ, ଠିକାଦାରମାନେ ନିର୍ମାଣ କାର୍ଯ୍ୟ ପାଇଁ ଭାରୀ ଯନ୍ତ୍ରପାତି ବ୍ୟବହାର କରିଥିଲେ ଏବଂ ସେମାନଙ୍କ ଜମିରୁ ମାଟି ଖନନ କରିଥିଲେ, ଯାହା ଫଳରେ ସେମାନେ ଗତ ୫ ବର୍ଷ ଧରି ଜମି ଚାଷ କରିପାରି ନାହାଁନ୍ତି । ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଠିକାଦାରମାନେ ନିର୍ମାଣ ସମୟ ମଧ୍ୟରେ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ପାଳନ କରୁ ନାହାଁନ୍ତି । ତେଣୁ, ଭବିଷ୍ୟତରେ ଏପରି ଅଭ୍ୟାସକୁ ରୋକିବା ପାଇଁ କଠୋର ପଦକ୍ଷେପ ନିଆଯିବା ଉଚିତ । ସେ ଏହି ପ୍ରକଳ୍ପ ଅଧୀନରେ ଅଧିଗ୍ରହଣ ହେବାକୁ ଥିବା ତାଙ୍କର ତିନୋଟି ପ୍ଲଟର କ୍ଷତି ପାଇଁ ଉପଯୁକ୍ତ କ୍ଷତିପୂରଣ ମଧ୍ୟ ଅନୁରୋଧ କରିଥିଲେ ।

ତାଙ୍କ ଅଭିଯୋଗର ଉତର ଦେଇ, ପ୍ରକଳ୍ପର JEE କହିଛନ୍ତି ଯେ ସମସ୍ତ ନିର୍ମାଣ କାର୍ଯ୍ୟକଳାପ ଅଧିଗ୍ରହଣିତ ଜମି ଅଂଚଳ ମଧ୍ୟରେ ସୀମିତ ରହିବ । ସେ ନିଶ୍ଚିତ କରିଛନ୍ତି ଯେ ଯଦି କୌଣସି ଅତିରିକ୍ତ ଆବଶ୍ୟକତା ଆବଶ୍ୟକ ପଡେ, ତେବେ ସମ୍ପୃକ୍ତ ଜମି ମାଲିକଙ୍କଠାରୁ ପୂର୍ବ ସମ୍ମତି ନିଆଯିବ ।

LAO ମଧ୍ୟ ପ୍ରକଳ୍ପ କର୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ଯେ ଭବିଷ୍ୟତରେ ଏପରି ପରିସ୍ଥିତି ଯେପରି ନ ଘଟେ ତାହା ନିଶ୍ଚିତ କରିବା ପାଇଁ ସତର୍କତା ଅବଲମ୍ବନ କରିବେ । ଆହୁରିମଧ୍ୟ ସେ ସ୍ପଷ୍ଟ କରିଛନ୍ତି ଯେ ପ୍ରକଳ୍ପଟି ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଏବଂ ଏଥିପାଇଁ କୌଣସି ବ୍ୟକ୍ତି ଅଯଥା ଅସୁବିଧାର ସମ୍ମୁଖୀନ ହେବା ଉଚିତ୍ ନୁହେଁ । ଜମି ଅଧିଗ୍ରହଣ ପ୍ରକ୍ରିୟା ନୂତନ ବ୍ୟବସ୍ଥା ଅନୁଯାୟୀ ଆଇନଗତ ଭାବରେ କରାଯିବ, ଯାହା ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଡିଜାଇନ୍ କରାଯାଇଛି ଯାହା ଦ୍ୱାରା ଅଧିକାଂଶ ଲୋକ ପ୍ରକଳ୍ପରୁ ଉପକୃତ ହେବେ । ସେ SIA ଟିମ୍ ଲିଡରଙ୍କୁ ପରାମର୍ଶ ଦେଇଥିଲେ ଯେ ପ୍ରଭାବିତ ବ୍ୟକ୍ତିମାନଙ୍କର ଅଭିଯୋଗଗୁଡ଼ିକୁ ଚୂଡ଼ାନ୍ତ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବେ ।

<u>ଶ୍ରୀ ବାଜି ସେଠୀ</u> କହିଛନ୍ତି ଯେ, ସେ ଏକ ଜମି କିଣିଥିଲେ କିନ୍ତୁ ସଠିକ ଆଜି ପର୍ଯ୍ୟନ୍ତ ମ୍ୟୁଟେସନ୍ କରି ନଥିଲେ । ଫଳସ୍ୱରୂପ, ଯଦିଓ ସେ ବର୍ତମାନ ଜମିର ଦଖଲରେ ଅଛନ୍ତି, ବିକ୍ରେତାଙ୍କ ନାମ ଅଧିଗ୍ରହଣ ପାଇଁ ସରକାରୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ଏହି ପରିସ୍ଥିତିରେ ସେ କିପରି କ୍ଷତିପୂରଣ ପାଇବେ ସେ ବିଷୟରେ ସେ କର୍ତୃପକ୍ଷଙ୍କଠାରୁ ଜାଣିବାକୁ ଚାହୁଁଥିଲେ । ଶ୍ରୀମତୀ ରସ୍ମିତା ମଞ୍ଜରୀ ସାହୁ ମଧ୍ୟ ବୈଠକରେ ସମାନ ପ୍ରସଙ୍ଗ ଉଠାଇଥିଲେ ।

<u>ଶ୍ରୀ ଅର୍ଜୁନ ସେଠୀ</u> କହିଛନ୍ତି ଯେ ତାଙ୍କ ଜମିର ମଧ୍ୟଭାଗ ଦେଇ କେନାଲ ଯୋଜନା କରାଯାଇଛି, ଯାହା ଫଳରେ କେବଳ ଏକ ଅତି ଛୋଟ ପରମାଣ ଜମିର ଅଂଶ ବାକି ରହିଛି । ତେଣୁ, ସେ କେବଳ ଅଧିଗ୍ରହଣ ହେଉଥିବା ଅଂଶ ପରିବର୍ତେ ସମଗ୍ର ପ୍ଲଟ୍ ପାଇଁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ ।

ଏହି ପ୍ରଶ୍ନଗୁଡ଼ିକର ଉତର ଦେଇ, LAO ସେମାନଙ୍କୁ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ସହିତ ଏକ ଆନୁଷ୍ଠାନିକ ଭାବରେ ଅଭିଯୋଗ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ ଓ ଆଶ୍ୱାସନା ଦେଇଥିଲେ ଯେ ଏହି ମାମଲାକୁ ଯାଂଚ କରାଯିବ ଏବଂ ସେହି ଅନୁଯାୟୀ ବିଚାର କରାଯିବ ।

ଭୂମିହୀନ ପରିବାରମାନଙ୍କ ପକ୍ଷରୁ ସରପଂଚ କହିଥିଲେ ଯେ ରାଜୁଆ କେନାଲ ନିର୍ମାଣ ସମୟରେ ଲୋକମାନେ ସେମାନଙ୍କର ଜମି ଯୋଗାଇ ଦେଇଥିଲେ କିନ୍ତୁ ସେମାନଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ମିଳିନଥିଲା । ସେମାନେ ସମାଜର ଲାଭ ପାଇଁ ଓ ଚାଷ ପାଇଁ ବର୍ଷସାରା ନିଶ୍ଚିତ ଜଳସେଚନ ଆଶା କରି ସ୍ୱେଚ୍ଛାକୃତ ଭାବରେ ସେମାନଙ୍କର ଜମି ଦେଇଥିଲେ । ସେ ଆହୁରି ଉଲ୍ଲେଖ କରିଥିଲେ ଯେ ସେମାନେ ଏବେ ବ୍ରଜମୋହନପୁର ସବ-ମାଇନର ୨ ପ୍ରକଳ୍ପ ପାଇଁ ମଧ୍ୟ ଜମି ଯୋଗାଇବାକୁ ପ୍ରସ୍ତୁତ, କିନ୍ତୁ ସେମାନେ ଏଥର ନ୍ୟାୟପୂର୍ଣ୍ଣ ଏବଂ ଉପଯୁକ୍ତ କ୍ଷତିପୂରଣ ଦାବି କରୁଛନ୍ତି ।

ଡେପୁଟି କଲେକ୍ଟର ପ୍ରତିକ୍ରିୟା ଦେଇଥିଲେ ଯେ ଆଇନ ଏବେ ପରିବର୍ତନ ହୋଇଛି, ଏବଂ "ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ବ୍ୟବସ୍ଥା ଅନୁଯାୟୀ ଜମିମାଲିକମାନେ ଉପଯୁକ୍ତ କ୍ଷତିପୂରଣ ପାଇବେ ।

ଭୂମିହୀନ ପରିବାର ପକ୍ଷରୁ, ସରପଂଚ ସମସ୍ତ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ ଯେ ଲୋକମାନେ ପ୍ରକଳ୍ପ ପାଇଁ ସେମାନଙ୍କର ଜମି ଯୋଗାଇବାକୁ ଇଚ୍ଛୁକ, କିନ୍ତୁ ପ୍ରକଳ୍ପ କର୍ତୃପକ୍ଷ ଉପଯୁକ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା କରନ୍ତୁ ଯାହା ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକ ଲାଭବାନ ହେବେ ।

ବୈଠକ ଶେଷରେ, ସରପଂଚ ଏହି ଜନଶୁଣାଣି ସଭାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ, ଜମି ହରାଉଥିବା ପରିବାର ସଦସ୍ୟ ଓ ଅନ୍ୟାନ୍ୟ ଜନସାଧାରଣମାନେ ସେମାନଙ୍କର ମୂଲ୍ୟବାନ ସମୟ ଓ ମତାମତ ଦେଇ ଜନଶୁଣାଣିକୁ ସଫଳ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣକରି ଜନଶୁଣାଣିକୁ ସମାପ୍ତ କରିଥିଲେ

**ଦଳଗତ ଆଲୋଚନାର ବିବରଣୀ:**

ସାମାଜିକ ପ୍ରଭାବ ଆକଳନର ଅଂଶରୂପେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ପରିବାରମାନଙ୍କୁ ନେଇ କୈନ୍ଦ୍ରିକ ଦଳଗତ ଆଲୋଚନାର ଆୟୋଜନ ବ୍ରଜମୋହନପୁର ଗ୍ରାମରେ ତା ୧୨ ଜାନୁଆରୀ ୨୦୨୬ରେ କରାଯାଇଥିଲା । ଗ୍ରାମେଶ୍ୱରପୁର ଗ୍ରାମ, ଯେଉଁଠାରେ ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି, ତାହା ଜନଶୂନ୍ୟ ଏବଂ ଜମି ମାଲିକମାନେ ବ୍ରଜମୋହନପୁର ଗ୍ରାମରେ ରୁହନ୍ତି । ତେଣୁ ବ୍ରଜମୋହନପୁରରେ ଫୋକସ୍ ଗ୍ରୁପ୍ ଆଲୋଚନା (ଏଫ୍ ଜିଡି) ଅନୁଷ୍ଠିତ ହୋଇଥିଲା । ପ୍ରଭାବିତ ପରିବାର ତଥା ଗୋଷ୍ଠି ଉପରେ ପ୍ରକଳ୍ପର ସାମାଜିକ-ଅର୍ଥନୈତିକ ପ୍ରଭାବକୁ ଆକଳନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆଲୋଚନା ସମୟରେ ଅଂଶଗ୍ରହଣକାରୀମାନେ ଏହି ଜଳସେଚନ ପ୍ରକଳ୍ପ ନିମନ୍ତେ ହେଉଥିବା ଜମି ଅଧିଗ୍ରହଣ ସମ୍ପର୍କିତ ବିଭିନ୍ନ ସମସ୍ୟାଗୁଡ଼ିକୁ ଉପସ୍ଥାପନ କରିଥିଲେ । ଏଠାରେ କରାଯାଇଥିବା କୈନ୍ଦ୍ରିକ ଦଳଗତ ଆଲୋଚନାର ସାରାଂଶ ଉପସ୍ଥାପନ କରାଯାଇଛି।

- ବ୍ରଜମୋହନପୁର ଗ୍ରାମ ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଏକ ଗ୍ରାମ ପଂଚାୟତ ମୁଖ୍ୟ ଗ୍ରାମ ଅଟେ । ଆଲୋଚନା ଅନୁଯାୟୀ, ଗାଁରେ ପ୍ରାୟ ୪୨୦ ପରିବାର ବାସ କରନ୍ତି ଓ ମୋଟ ଜନସଂଖ୍ୟା ୨୮୦୦ । ଅଧିକାଂଶ ଲୋକ ଓବିସି ବର୍ଗର (ଖାଣ୍ଡାୟତ) ଏବଂ ସମସ୍ତେ କେନାଲ ପ୍ରକଳ୍ପ ବିଷୟରେ ଅବଗତ ଅଛନ୍ତି ।
- ଗାଁର ଲୋକମାନେ ମୁଖ୍ୟତ କୃଷି ଉପରେ ନିର୍ଭର କରନ୍ତି ଓ ସେମାନେ ପ୍ରାୟତଃ ମୁଖ୍ୟ ଫସଲ ଭାବରେ ଧାନ ଚାଷ କରନ୍ତି । ଗ୍ରାମବାସୀଙ୍କ ହାରାହାରି ୧ ରୁ ୨ ଏକର ମଧ୍ୟରେ ଜମି ରହିଛି । ଅନେକ ଯୁବକ ଚାକିରୀ ପାଇଁ ବାଙ୍ଗାଲୋର, ହାଇଦ୍ରାବାଦ ଏବଂ ଗୋଆ ଭଳି ସହରକୁ ଯାଇଛନ୍ତି । ସର୍ବେକ୍ଷଣ ସମୟରେ ଦେଖାଯାଇଛି ଯେ ପ୍ରଭାବିତ ପରିବାରମାନଙ୍କର ଆର୍ଥିକ ଅବସ୍ଥା ଅପେକ୍ଷାକୃତ ଭଲ ଅଟେ ।
- ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ ହେଉଛି ନଳକୂପ ଏବଂ ସେଥିମଧ୍ୟରୁ କେତେକରେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପାଇପ୍ ଜଳ ସଂଯୋଗ ରହିଛି । ଗାଁରେ ଏକ ସ୍ୱାସ୍ଥ୍ୟ ଏବଂ ୱେଲନେସ୍ କେନ୍ଦ୍ର ଅଛି ଏବଂ ଲୋକମାନେ ସାଧାରଣ ରୋଗ ପାଇଁ ଚିକିତ୍ସା ପାଇଥାଆନ୍ତି । ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିରେ ସେମାନେ ଭୁବନେଶ୍ୱରର ଜିଲ୍ଲା ଡାକ୍ତରଖାନା କିମ୍ବା ଘରୋଇ ଡାକ୍ତରଖାନାକୁ ପସନ୍ଦ କରନ୍ତି ।

- ପ୍ରଭାବିତ ପରିବାରମାନେ କହିଛନ୍ତି ଯେ ଅଧିଗ୍ରହଣ ପ୍ରକ୍ରିୟା ହେତୁ ୩୫ ଟି ପ୍ଲଟରେ ସମୁଦାୟ ୨.୬୮୮୦ ଏକର ଜମି ଅଧିଗ୍ରହଣ ହେବ, ଯେଉଁଥିରେ ସେମାନେ ବିର୍ତ୍ତମାନ କେବଳ ଧାନ ଚାଷ କରୁଛନ୍ତି । ପ୍ରଭାବିତ ଜମି ମାଲିକମାନେ ଉଭୟ ଅଧିଗ୍ରହଣ ହୋଇଥିବା ଜମି ଏବଂ ବର୍ତମାନ ହୋଇଥିବା ଫସଲ ପାଇଁ କ୍ଷତିପୂରଣ ଦାବି କରୁଛନ୍ତି ।
- ଏହି ପ୍ରକଳ୍ପର ଲାଭ ବିଷୟରେ ଅଂଶଗ୍ରହଣକାରୀମାନେ କହିଛନ୍ତି ଯେ ଏହି ଅଂଚଳର ଅଧିକାଂଶ ଜମି ବର୍ତ୍ତମାନ ଜଳସେଚିତ ହୋଇନାହିଁ ଏବଂ ମୌସୁମୀରେ ଅସ୍ଥିରତା ହେତୁ ନିୟମିତ ଫସଲ ଚାଷ ସମ୍ଭବ ନୁହେଁ । କେନାଲ ନିର୍ମାଣ ହେବା ପରେ ଚାଷୀମାନେ ବିଭିନ୍ନ ଋତୁରେ ଏକାଧିକ ଫସଲ ଚାଷ କରିପାରିବେ ବୋଲି ସେମାନେ ଉଲ୍ଲେଖ କରିଛନ୍ତି । ସେମାନେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ କମାଣ୍ଡ ଏରିଆ ବୃଦ୍ଧି ପାଇବ ଏବଂ କେନାଲ ମାଧ୍ୟମରେ ଜଳସେଚନର ଉପଲବ୍ଧତା କୃଷି କାର୍ଯ୍ୟକଳାପର ଆଗ୍ରହକୁ ପ୍ରୋତ୍ସାହିତ କରିବ ।
- ଅଂଶଗ୍ରହଣକାରୀମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ ଯଦି କେନାଲ ନିର୍ମାଣ ହୁଏ, ତେବେ ଏକ ନିୟମିତ ଏବଂ ନିଶ୍ଚିତ ଜଳ ଯୋଗାଣ ବଜାୟ ରଖାଯିବା ଉଚିତ ଯାହା ଦ୍ୱାରା କୃଷକମାନେ ଜଳସେଚନ ସୁବିଧାକୁ ସବୁସମୟରେ ପାଇପାରିବେ, ଉନ୍ନତ ଚାଷ ପଦ୍ଧତି ଗ୍ରହଣ କରିପାରିବେ ଏବଂ ପନିପରିବା ଚାଷ ଉପରେ ଅଧିକ ଗୁରୁତ୍ୱ ଦେଇପାରିବେ । ଟ୍ରାକ୍ଟର ଏବଂ ଅନ୍ୟାନ୍ୟ କୃଷି ଉପକରଣର ଗତିବିଧିକୁ ସୁଗମ କରିବା ପାଇଁ ସେମାନେ କେନାଲ ଉପରେ କଲଭର୍ଟ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ ।
- କିଛି ଅଂଶଗ୍ରହଣକାରୀ ଏହା ମଧ୍ୟ ରିପୋର୍ଟ କରିଛନ୍ତି ଯେ ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ସମୟରେ ସେମାନେ ଜମି ହରାଇଛନ୍ତି । ସେହି ସମୟରେ, ପ୍ରକଳ୍ପ କର୍ତ୍ତୃପକ୍ଷ ସେମାନଙ୍କର କ୍ଷତିପୂରଣ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିଲେ, କାରଣ ପ୍ରଭାବିତ ପରିବାରଗୁଡ଼ିକୁ ଦିଆଯାଇଥିବା ଜମିର ମୂଲ୍ୟ ପର୍ଯ୍ୟାପ୍ତ ନଥିଲା । ତେଣୁ, ଅଂଶଗ୍ରହଣକାରୀମାନେ ଅନୁରୋଧ କରିଛନ୍ତି ଯେ ବର୍ତ୍ତମାନ ଅଧିଗ୍ରହଣ କରାଯାଉଥିବା ଜମି ପାଇଁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ।

## ୧.୮ ଅଧ୍ୟୟନ ରିପୋର୍ଟର ବିଭାଗ ବଂଟନ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟଟି ୭ଟି ଅଧ୍ୟାୟରେ ବିଭକ୍ତ । ପ୍ରଥମ ଅଧ୍ୟାୟଟି ହେଉଛି ଉପକ୍ରମ, ଯେଉଁଥିରେ କି ପ୍ରକଳ୍ପର ବର୍ଣ୍ଣନା ଓ ସରକାରୀ ନୀତି, ଆଇନଗତ ଆଧାର ଇତ୍ୟାଦି ବର୍ଣ୍ଣନା କରାଯାଇଛି । ୨ୟ ଅଧ୍ୟାୟରେ ଅଧ୍ୟୟନର ଗବେଷକ ଦଳ, ପରିସର, ଉଦ୍ଦେଶ୍ୟ ଓ ପ୍ରଣାଳୀ ଇତ୍ୟାଦି ବର୍ଣ୍ଣନା କରାଯାଇଛି । ୩ୟ ଅଧ୍ୟାୟରେ ପ୍ରକଳ୍ପ ଅଂଚଳର ଜମି ଓ ଅଧିକୃତ ହେଉଥିବା ଜମି ବିଷୟରେ ବିଷଦ୍ ଭାବରେ ଉଲ୍ଲେଖ କରାଯାଇଛି । ୪ର୍ଥ ଅଧ୍ୟାୟରେ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ବର୍ଗୀକରଣ, ଗଣନା ଓ ସେମାନଙ୍କ ସଂପତି ବିଷୟରେ ତଥ୍ୟ ପ୍ରଦାନ କରାଯାଇଛି । ୫ମ ଅଧ୍ୟାୟରେ ଅଧ୍ୟୟନ ହୋଇଥିବା ପ୍ରକଳ୍ପ ଅଂଚଳ ଓ ପ୍ରଭାବିତ ପରିବାରମାନଙ୍କର ସାମାଜିକ ଓ ସାଂସ୍କୃତିକ ସ୍ଥିତି ବିଷୟରେ ବର୍ଣ୍ଣନା କରାଯାଇଛି । ୬ଷ୍ଠ ଅଧ୍ୟାୟରେ ପ୍ରକଳ୍ପର ସାମାଜିକ ପ୍ରଭାବ ଓ ପ୍ରଭାବିତ ପରିବାରଗୁଡିକର ମତାମତ ସହିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)ବିଷୟରେ ଉଲ୍ଲେଖ କରାଯାଇଛି । ୭ମ ଅଧ୍ୟାୟରେ ପ୍ରକଳ୍ପର ସାମାଜିକ ମୂଲ୍ୟ ଲାଭର ବିଶ୍ଳେଷଣ ଓ ସୁପାରିସ୍ ଗୁଡିକ ବିଷୟରେ ଆଲୋଚନା କରାଯାଇଛି ।

# ଅଧ୍ୟାୟ-୩

# ଜମିର ଆକଳନ

ରୋଜଗାରର ବିଭିନ୍ନ ଉତ୍ସ ମଧ୍ୟରୁ ଜମି ଅନ୍ୟତମ । ବିଶେଷକରି ଉଭୟ ଗ୍ରାମାଂଚଳରେ ଜମି ଏକ ପ୍ରମୁଖ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିଥାଏ, ଯାହା ଆଜିର ପରିସ୍ଥିତିରେ ଅତ୍ୟଧିକ ମୂଲ୍ୟ ନେଇଥାଏ । ଅନେକ ସମାଜରେ ଜମି ମାଲିକାନା ସାମାଜିକ ସ୍ଥିତିର ପ୍ରତୀକ ଭାବରେ ଦେଖାଯାଏ । ଏହି ପରିପ୍ରେକ୍ଷୀରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ପ୍ରକଳ୍ପ ନିମନ୍ତେ ଶାରଦ ଅଣ ଜଳସେଚିତ, ଓରାମ ଏବଂ ବନ୍ଧକୂଳ କିସମ ଜମି ଅଧିଗ୍ରହଣ କରାଯାଉଅଛି ଏବଂ ଜମି ଅଧିଗ୍ରହଣ ପୂର୍ବରୁ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ ୨୦୧୩" ଆଧାରରେ ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଅଛି ।

ସରକାରଙ୍କର ବିଜ୍ଞପ୍ତି ଅନୁଯାୟୀ ଏହି ଜଳସେଚନ ପ୍ରକଳ୍ପ ପାଇଁ ଗ୍ରାମେଶ୍ୱରପୁର ମୌଜାରେ ୨.୬୮୮୦ ଏକର ଘରୋଇ ଜମି ଅଧିଗ୍ରହଣ ହେବ ଏବଂ ଏହି ଜମି ପାଇଁ SIA ଅଧ୍ୟୟନ କରାଯାଇଛି । ଏହି ଅଧିଗ୍ରହଣରେ ୩୩ଟି ଖାତା ଅଧୀନରେ ୩୫ ଟି ପ୍ଲଟ୍ ଅନ୍ତର୍ଭୁକ୍ତ । ସର୍ଭେ ସମୟରେ, SIA ଟିମ୍ ଏହି ଜମିର ଆଇନଗତ ଅଂଶୀଦାର ଥିବା ୫୩ଟି ପରିବାରରୁ ତଥ୍ୟ ସଂଗ୍ରହ କରି ଥିଲେ । ପ୍ରକଳ୍ପ ଅବସ୍ଥାନ, ଜମି ଧାରଣ, ଅଧିଗ୍ରହଣରେ ପ୍ରଭାବିତ ହେବାକୁ ଥିବା ଜମି, ଜମି ପ୍ରକାର ଏବଂ ଏହାର ବ୍ୟବହାର, ଏବଂ ପ୍ରସ୍ତାବିତ ପ୍ରକଳ୍ପ ଉଦ୍ଦେଶ୍ୟରେ ପ୍ରଭାବିତ ହେବାକୁ ଥିବା ଜମିର ମାଲିକାନା ସମ୍ବନ୍ଧରେ ସଂଗୃହିତ ସୂଚନା ଏହି ଅଧ୍ୟାୟରେ ବିଶ୍ଳେଷଣ କରାଯାଇଛି ।

## ୩.୧ ପ୍ରକଳ୍ପ ଅଂଚଳର ମାନଚିତ୍ର




ଚିତ୍ର- ୧: ପ୍ରକଳ୍ପ ଅଂଚଳର ନକ୍ସା

## ୩.୨ ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ପରିମାଣ ଓ ଅବସ୍ଥିତି

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଏକକ ଦେଇଥିବା ଜମିର ଜମିସତ୍ତ୍ୱାଧିକାର ନଥିପତ୍ର ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଗ୍ରାମେଶ୍ୱରପୁର ମୌଜାରୁ ୨.୬୮୮୦ ଏକର ଜମି ଅଧିଗ୍ରହଣ କରାଯିବ । ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରଭାବିତ ହେଉଥିବା ଜମି ଏବଂ ଏହାର ପ୍ରକାରଭେଦ ଇତ୍ୟାଦିର ସବିଶେଷ ବିବରଣୀ ସାରଣୀ-୫ରେ ପ୍ରଦତ୍ତ କରାଯାଇଛି ।

**ସାରଣୀ ୫ -ଅଧିଗ୍ରହଣ ହେଉଥିବା ଜମି (ପ୍ରଭାବିତ ଓ ଅଧିଗ୍ରହଣ ହେଉଥିବା ଅଂଚଳ)**

| କ୍ର. ସଂ | ଗ୍ରାମର ନାମ | ତହସିଲର ନାମ | ସର୍ଭେ ହୋଇଥିବା ପରିବାର ସଂଖ୍ୟା | ପ୍ଲଟର ମୋଟ ରକବା (ଏକରରେ) | ଅଧିଗ୍ରହଣ ହେଉଥିବା ଜମି (ଏକରରେ) | କିସମ |
|---|---|---|---|---|---|---|
| ୧. | ଗ୍ରାମେଶ୍ୱରପୁର | ଖୋର୍ଦ୍ଧା | ୫୩ | ୧୭.୧୮୪ | ୨.୬୮୮୦ | ଶାରଦ ଅଣଜଳସେଚିତ, ଓରାମ ଓ ବନ୍ଧକୂଳ |
| | ସମୁଦାୟ | | ୫୩ | ୧୭.୧୮୪ | ୨.୬୮୮୦ | |

ଉତ୍ସ: ବିଜ୍ଞପ୍ତି ସଂଖ୍ୟା- ଆରଡିଏମ-ଏଲଏଏ-କେଏଡି-୦୦୦୮-୨୦୨୫/ ୪୯୧୧୬, ତା-୩୦ ଡିସେମ୍ବର ୨୦୨୫

ଜମିଅଧିକାର ନଥିପତ୍ର ଅନୁଯାୟୀ ଏହି ଜଳସେଚନ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେବାକୁ ଥିବା ପ୍ରସ୍ତାବିତ ଜମିକୁ ସାଧାରଣ ଜମି ବିଭାଗୀକରଣ ଅନୁଯାୟୀ *ଶାରଦ ଅଣଜଳସେଚିତ, ଓରାମ ଓ ବନ୍ଧକୂଳ* କିସମରେ ବିଭକ୍ତ କରାଯାଇଛି । ଏହି ସମସ୍ତ ଅଧିଗ୍ରହଣ ପ୍ରକ୍ରିୟାରେ ଅନ୍ୟ କୌଣସି ଜମି ସାମିଲ ନାହିଁ । ଉପରୋକ୍ତ ସାରଣୀରୁ ଏହା ସ୍ପଷ୍ଟ ଅନୁମିତ ହୁଏ ଯେ ଏହି ଜଳସେଚନ ପ୍ରକଳ୍ପ ପାଇଁ ପ୍ରକଳ୍ପ ପାଇଁ ଅଧିଗ୍ରହଣ ପ୍ରକ୍ରିୟାରେ ସମୁଦାୟ ପ୍ଲଟର ୧୭.୧୮୪ ଏକର ଜମି ମଧ୍ୟରୁ ୨.୬୮୮ ଏକର ଜମି ଅଧିଗ୍ରହଣ କରାଯିବ । କିନ୍ତୁ, ସାମାଜିକ ପ୍ରଭାବ ଅନୁଧ୍ୟାନକାରୀ ଦଳ ମୋଟ୍ ୫୩ଟି ପରିବାର ସହ ଯୋଗାଯୋଗ କରିଥିଲେ ଏବଂ ସେମାନଙ୍କଠାରୁ ଜମି ଅଧିଗ୍ରହଣରେ ହେବାକୁ ଥିବା ଲାଭ ଓ ପ୍ରଭାବ ସଂକ୍ରାନ୍ତିୟ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ ।

## ୩.୩ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ହେଉଛି ସର୍ବନିମ୍ନ ଆବଶ୍ୟକତା

ଅଧିଗ୍ରହଣ ହେବାକୁ ଥିବା ଜମି ରାଜୁଆ ଡାଇଭର୍ସନ ୱାୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ପାଇଁ ଉଦ୍ଦିଷ୍ଟ । ଆବଶ୍ୟକୀୟ ଘରୋଇ ଜମିର ପରିମାଣକୁ କମ କରିବା ପାଇଁ ଖୋର୍ଦ୍ଧା ଜଳସେଚନ ଡିଭିଜନ ଦ୍ୱାରା ବିସ୍ତୃତ ଇଞ୍ଜିନିୟରିଂ ପର୍ଯ୍ୟାୟ ସମୟରେ ଏହି ଆବଶ୍ୟକତାକୁ ଚୂଡ଼ାନ୍ତ କରାଯାଇଥିଲା । ତଥାପି, ପ୍ରକଳ୍ପର ବୈଷୟିକ ଏବଂ କାର୍ଯ୍ୟକ୍ଷମ ଆବଶ୍ୟକତା ସମୀକ୍ଷା କରିବା ପରେ, ଏହା ନିର୍ଣ୍ଣୟ କରାଯାଇଥିଲା ଯେ ସବ-ମାଇନର-୨ କେନାଲ ନିର୍ମାଣ ପାଇଁ ଏକ ଛୋଟ ଜମି ଅଧିଗ୍ରହଣ ଆବଶ୍ୟକ । ତଦନୁସାରେ, ୨.୬୮୮୦ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ଏହି ବିକାଶ ପଦ୍ଧତିକୁ ଦେଖିଲେ, ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ପ୍ରକଳ୍ପ ପାଇଁ ସର୍ବନିମ୍ନ ଆବଶ୍ୟକତା ।।

## ୩.୪ ପ୍ରକଳ୍ପ ନିମନ୍ତେ ସମ୍ଭାବ୍ୟ ବିକଳ୍ପ ସ୍ଥାନ ଏବଂ ଏହାର ଯଥାର୍ଥତା

ବ୍ରଜମୋହନପୁର କେନାଲ ପ୍ରକଳ୍ପ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଗ୍ରାମେଶ୍ୱରପୁର ମୌଜାରେ ୨.୬୮୮୦ ଏକର ଜମି ଅଧିଗ୍ରହଣ ହେବ । ଅଧ୍ୟୟନ ଅନୁସନ୍ଧାନରୁ ଜଣାପଡିଛି ଯେ ଏହି ଅଧିଗ୍ରହଣ ହେତୁ କୌଣସି ବିସ୍ଥାପନ ହେବ ନାହିଁ । ତଥ୍ୟ ସଂଗ୍ରହ ସମୟରେ, SIA ଟିମ୍ ବିଭିନ୍ନ ହିତାଧିକାରୀଙ୍କ ସହିତ ପରାମର୍ଶ କରିବା ସହିତ ସର୍ଭେ କରାଯାଇଥିବା ଗାଁର ପ୍ରଭାବିତ ଲୋକଙ୍କ ସହିତ ପରାମର୍ଶ କରି ପ୍ରସ୍ତାବିତ ଜମିରେ ସ୍ଥାନ କିମ୍ବା ଡିଜାଇନର ବିକଳ୍ପଗୁଡ଼ିକର ବିକଳ୍ପ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ । କିନ୍ତୁ ସମ୍ପୃକ୍ତ ଅଧ୍ୟୟନରେ ଉପଯୁକ୍ତ କ୍ଷତିପୂରଣ

ଏବଂ ସେମାନଙ୍କ ଜମି ନଷ୍ଟ ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା କିଛି ସମ୍ପ୍ରଦାୟର ବିକାଶ କାର୍ଯ୍ୟ ଆଶା କରିବା ପରିବର୍ତ୍ତେ ସମଗ୍ର ଅଧ୍ୟୟନରେ ଏହି ପରିପ୍ରେକ୍ଷୀରେ ସେପରି କୌଣସି ମତ ପ୍ରକାଶ ପାଇ ନାହିଁ । ତେଣୁ କୁହାଯାଇପାରେ ଯେ ଏହି ପ୍ରକଳ୍ପର ବିକଳ୍ପ ସାଇଟ୍ ପାଇଁ କୌଣସି ଆବଶ୍ୟକତା ନାହିଁ ।

## ୩.୫ ଜମିର ପ୍ରକାର ଓ ପ୍ରଭାବିତ ପରିବାରଙ୍କ ଦ୍ୱାରା ଜମିର ବ୍ୟବହାର

ଜମିର ବ୍ୟବହାର ସମ୍ପର୍କିତ ତଥ୍ୟ ଅନୁଯାୟୀ ପ୍ରଭାବିତ ୫୩ଟି ପରିବାରଙ୍କ ଅଧିନରେ ମୋଟ ୭୫.୩୬୭ ଏକର ଜମି ରହିଛି ଯାହାକି ପରିବାର ପିଛା ହାରାହାରି ୧.୩୯୩ ଏକର । ଏହି ଜମିଗୁଡିକ ଅଣଜଳସେଚିତ ପ୍ରକାରର ଅଟେ । ଆହୁରି ମଧ ତଥ୍ୟରୁ ଜଣାଯାଇଛି ଯେ, ପ୍ରଭାବିତ ଜମିକୁ ଲୋକମାନେ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି




ଜମିର ବ୍ୟବହାର ବିଷୟରେ, ତଥ୍ୟରୁ ଜଣାଯାଇଛି ଯେ ପ୍ରଭାବିତ ପରିବାରରଗୁଡ଼ିକର ମାଲିକାନାରେ ଥିବା ମୋଟ ୭୫.୩୬୭ ଏକର ଜମି ମଧ୍ୟରୁ, ଅଧିକାଂଶ ୭୦.୨୧୫ ଏକର (୯୩.୨%) ଜମି ଚାଷ ପାଇଁ ବ୍ୟବହୃତ ହୁଏ । କେବଳ ୫.୧୫୨ ଏକର (୬.୮%) ଜମି ବାସସ୍ଥାନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ, ଯେଉଁଠାରେ ପ୍ରଭାବିତ ପରିବାରଗୁଡ଼ିକ ବର୍ତ୍ତମାନ ବାସ କରନ୍ତି । ଏହା ବ୍ୟତୀତ, ଜମି ପ୍ରକାର ଦୃଷ୍ଟିରୁ, ୯୨.୧% ଜମି ଅଣ-ଜଳସେଚିତ ବର୍ଗରେ ଅଟେ ଓ କେବଳ ୭.୯% ଜମି ଜଳସେଚିତ ଅଟେ । ଏହା ବର୍ଷା ଉପରେ ନିର୍ଭରଶୀଳ କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ସୂଚିତ କରେ ।

## ୩.୬ ଜଳସେଚନ ସୁବିଧା ଏବଂ ଫସଲ ଉତ୍ପାଦନ

ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଂଚଳଗୁଡିକ ମୁଖ୍ୟତଃ ଏକକ ଫସଲ ଜମି ଓ ଏଥିରେ ଜଳସେଚନ ସୁବିଧା ନାହିଁ । କୃଷି ପାଇଁ ମୌସୁମୀ ବର୍ଷା ଉପରେ ଲୋକମାନେ ଅଧିକ ନିର୍ଭର କରନ୍ତି ଓ ଏହି ଜମିରେ ବର୍ଷା ଋତୁରେ ଧାନ ଚାଷ କରାଯାଏ । ଏହି ଅଂଚଳରେ ଉତ୍ପାଦିତ ହେଉଥିବା ମୁଖ୍ୟ ଫସଲ ଧାନ । କେତେକ କ୍ଷେତ୍ରରେ ପାରମ୍ପାରିକ ଚାଷ ପ୍ରଣାଳୀ, ଖରାପ ବିହନ ବ୍ୟବହାର, ସାର ଏବଂ କୀଟନାଶକ ଅନୁକୂଳ ବ୍ୟବହାର ଏବଂ କୃଷକମାନେ ବୈଜ୍ଞାନିକ କୃଷି ଅଭ୍ୟାସ ବିଷୟରେ ଅଜ୍ଞତା ହେତୁ ଏହି ଅଂଚଳରେ ଫସଲର ଉତ୍ପାଦନ ପ୍ରଭାବିତ ହୁଏ । ବର୍ତ୍ତମାନ ଧାନ ଫସଲ ଚାଷ ଜମି କ୍ଷେତ୍ରରେ ହ୍ରାସ ଘଟିଛି । ସେହିଭଳି, କେତେକ ପରିବାର ସେମାନଙ୍କ ବଗିଚା ଏବଂ ସେମାନଙ୍କ ବାସସ୍ଥାନ ସହିତ ଲାଗିଥିବା ଜମିରେ ପନିପରିବା ଚାଷ କରୁଛନ୍ତି । ଏହି ଅଂଚଳରେ ପରିବାର ଦ୍ୱାରା ଉତ୍ପାଦିତ ଧାନ ଏବଂ ପନିପରିବାଗୁଡିକ ନିଜ ବ୍ୟବହାର ଉଦ୍ଦେଶ୍ୟରେ ବ୍ୟବହୃତ କରାଯାଏ ବୋଲି ତଥ୍ୟରୁ ଜଣାଯାଇଛି ।

## ୩.୭ ପ୍ରଭାବିତ ପରିବାରମାନଙ୍କ ପାଖରେ ଥିବା ବିଭିନ୍ନ ପ୍ରକାର ଜମି ଓ ଏହାର ମାଲିକାନା:

ପ୍ରାଥମିକ ତଥ୍ୟ ଅନୁଯାୟୀ ମୋଟ୍ ୭୩.୮୬୭ ଏକର ଜମି ପ୍ରଭାବିତ ପରିବାରଙ୍କ ଅଧିନରେ ଉପଲବ୍ଧ ଯାହା ବ୍ୟକ୍ତିଗତ ମାଲିକାନାରେ ରହିଅଛି । ଏହା ବ୍ୟତୀତ, ଅନ୍ୟ କୌଣସି ପ୍ରକାରର ଜମି ପ୍ରଭାବିତ ପରିବାର ବ୍ୟବହାର କରୁନାହାନ୍ତି ।

**ପ୍ରକଳ୍ପ ଜମି:**

ଓଡିଶା ସରକାରଙ୍କ ଆର ଆଣ୍ଡ ଡିଏମ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଏହି କେନାଲ ପ୍ରକଳ୍ପ ପାଇଁ ଗ୍ରାମେଶ୍ୱରପୁର ଗ୍ରାମରେ ମୋଟ ୨.୬୮୮୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ । ଉକ୍ତ ଜମିକୁ ଶାରଦ ଅଣ ଜଳସେଚିତ-୨, ଓରାମ ଓ ବନ୍ଧକୂଳ କିସମ ଶ୍ରେଣୀଭୁକ୍ତ କରାଯାଇଛି । ତଥ୍ୟ ସଂଗ୍ରହ ସମୟରେ ଜଣାପଡିଛି ଯେ ପ୍ରଭାବିତ ପରିବାରମାନେ ଏହି ଜମି ଚାଷ କରୁଛନ୍ତି । ସେମାନେ ଦାବି କରିଛନ୍ତି ଯେ ଅଧିଗ୍ରହଣ ପ୍ରକ୍ରିୟାର ଏକ ଅଂଶ ଭାବରେ ସେମାନେ ୨.୬୮୮୦ ଏକର ଜମି ହରାଇବେ, ଯେଉଁଠାରେ ସେମାନେ ବର୍ତ୍ତମାନ ପ୍ରାୟ ୧.୫ କ୍ୱିଂଟାଲ ଧାନ ଉତ୍ପାଦନ କରୁଛନ୍ତି । ଏହି ଜମିର ଆଇନଗତ ଦାବିଦାରମାନେ ଉଭୟ ଜମି ଏବଂ ସ୍ଥାୟୀ ଫସଲ ପାଇଁ କ୍ଷତିପୂରଣ ମାଗିଛନ୍ତି ।

## ୩.୮ ପ୍ରଭାବିତ ଜମିରେ ଥିବା ସ୍ଥପତି/ ସମ୍ପତି ଓ ଅନ୍ୟାନ୍ୟ ଭିତିଭୂମି ର କ୍ଷତି:

ଯଦିଓ ଏହି ସବ-ମାଇନର-୨ ପ୍ରକଳ୍ପ ପାଇଁ ଜମି ଆବଶ୍ୟକତା ସର୍ବନିମ୍ନ ସୀମା ମଧ୍ୟରେ ସୀମିତ ରହି ଏକ ଅଂଚଳ ଅନୁଯାୟୀ କାର୍ଯ୍ୟ କରାଯାଇଛି, ତଥାପି ଜମି ଅଧିଗ୍ରହଣ ଏହି ପ୍ରକଳ୍ପ ଉପରେ କିଛି ପ୍ରତିକୂଳ ପ୍ରଭାବ ପକାଇପାରେ ଏବଂ ଏଥିରେ ହୋଇଥିବା ଫସଲ କ୍ଷତିଗ୍ରସ୍ତ ହେବ । କିନ୍ତୁ, ଏହି ଅଧିଗ୍ରହଣ ହେତୁ କୌଣସି ସଂରଚନା, ସମ୍ପତି କିମ୍ବା ଅନ୍ୟାନ୍ୟ ଭିତ୍ତିଭୂମି ପ୍ରଭାବିତ ହେବ ନାହିଁ ।

**ଜମି ଅଧିଗ୍ରହଣର ସାରାଂଶ:**

ଏହି ପ୍ରକଳ୍ପ ପାଇଁ ସମୁଦାୟ ପ୍ଲଟର ୧୭.୧୮୪ ଏକର ମଧ୍ୟରୁ ୨.୬୮୮୦ ଜମି ଉକ୍ତ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବ ଯାହାକି ସମୁଦାୟ ପ୍ଲଟର ମାତ୍ର ୧୫.୬୪% ଅଟେ । ସେହିପରି ଅଧିକୃତ ହେବାକୁ ଥିବା ଜମି ସେମାନଙ୍କ ପାଖରେ ଥିବା ମୋଟ ଜମିର ୩.୬% ଅଟେ । ପ୍ରକାଶ ଥାଉକି, ୨.୬୮୮୦ ଏକର ବେସରକାରୀ ଜମି ପାଇଁ, SIA ଟିମ୍ ୫୩ ପରିବାରରୁ ତଥ୍ୟ ସଂଗ୍ରହ କରିଛନ୍ତି ଏବଂ ଏହା ଦେଖାଯାଇଥିଲା ଯେ ପରିବାର ପିଛା ହାରାହାରି ୦.୦୫୦ ଏକର ଜମି ଅଧିଗ୍ରହଣ କରାଯିବ । ସାରଣୀ-୬ ଦୁଇଟି ଅଂଚଳରେ ଅଧିଗ୍ରହଣ ହେବାକୁ ଥିବା ଜମି ପ୍ରଭାବିତ ଜମିର ପ୍ରତିଶତ ଇତ୍ୟାଦି ଦର୍ଶାଯାଇଛି ।

ସାରଣୀ ୬ - ଜମି ଅଧିଗ୍ରହଣର ସାରାଂଶ

| ମୌଜା | ପ୍ରଭାବିତ ପରିବାରର ସମୁଦାୟ ଜମି | ସମୁଦାୟ ପ୍ଲଟର ମୋଟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ସମୁଦାୟ ଜମି (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ଜମି ସମୁଦାୟ ଜମିର ପ୍ରତିଶତ (%) | ଅଧିଗ୍ରହଣ ହେବାକୁ ଥିବା ଜମି ସମୁଦାୟ ପ୍ଲଟର ପ୍ରତିଶତ (%) |
|---|---|---|---|---|---|
| ଗ୍ରାମେଶ୍ୱରପୁର | ୭୫.୩୬୭ | ୧୭.୧୮୪ | ୨.୬୮୮ | ୩.୫୬ | ୧୫.୬୪ |

*ଉତ୍ସ: ପ୍ରାଥମିକ ସର୍ଭେ- ୨୦୨୬*

## ୩.୯ ପ୍ରକଳ୍ପ ଅଂଚଳରେ ଜମିର ନିର୍ଦ୍ଧାରିତ ମୂଲ୍ୟ:

କୌଣସି ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହେବାପାଇଁ ଜମି ଅଧିଗ୍ରହଣ ନିତ୍ୟାନ୍ତ ଅପରିହାର୍ଯ୍ୟ ଏବଂ ଏଥିପାଇଁ ଉପଯୁକ୍ତ କ୍ଷତିପୁରଣ ମଧ୍ୟ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ଏକ ମୁଖ୍ୟ ଅଂଶ । କ୍ଷତିପୂରଣ ବାବଦକୁ ଦିଆଯିବାକୁ ଥିବା ଅର୍ଥ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁନଃର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ ୨୦୧୩ର ମାର୍ଗଦର୍ଶିକା ଅନୁଯାୟୀ ସ୍ଥିର କରାଯିବ । କିନ୍ତୁ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି କ୍ଷତିପୂରଣ ବାବଦକୁ ନିର୍ଦ୍ଧାରିତ ମୂଲ୍ୟ ଜମିର

ସ୍ଥାନୀୟ ଅଂଚଳର କିଣାବିକା ହେଉଥିବା ଜମିର ମୂଲ୍ୟ ଅନୁଯାୟୀ ସ୍ଥିରିକୃତ ହୋଇଥାଏ ମାତ୍ର ଅନେକ ସମୟରେ ଏହା ପ୍ରକୃତ ବଜାର ମୂଲ୍ୟକୁ ପ୍ରତିଫଳିତ କରି ନ ଥାଏ । ପ୍ରକୃତ ବଜାର ମୂଲ୍ୟ ଜମିର ଉତ୍ପାଦକତା, ଜମିର ଅବସ୍ଥିତି, ଜମିର ପ୍ରକାର ଆଦି ବିଭିନ୍ନ କାରଣରୁ ଅଲଗା ହୋଇଥାଏ । ଏହା ବ୍ୟତିତ ରାସ୍ତାପାଖ, ସହରପାଖ, ବାସସ୍ଥାନର ନିକଟତର, ଘରଡ଼ିହ, ଜଳସେଚିତ, ନଦୀ ଓ ନାଳର ପାର୍ଶ୍ୱ ଜମିର ମୂଲ୍ୟ, ଅଣଜଳସେଚିତ ଏକଫସଲି , ପତିତ କିମ୍ୱା ବଗାୟତ ଜମିର ମୂଲ୍ୟଠାରୁ ସବୁବେଳେ ଅଧିକ ରହିଥାଏ । କିନ୍ତୁ ରାଜସ୍ୱ ବିଭାଗ ଦ୍ୱାରା ସ୍ଥିରିକୃତ ମୂଲ୍ୟ କ୍ଷତିପୂରଣର ମୂଲ୍ୟ ନିର୍ଦ୍ଧାରଣ ସମୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଏହି ପରିପ୍ରେକ୍ଷୀରେ, ପ୍ରଭାବିତ ଜମିର ପ୍ରକୃତ ସ୍ଥାନୀୟ ବଜାର ମୂଲ୍ୟ ଏକ ସାଧାରଣ ଅନୁସନ୍ଧାନ ମାଧ୍ୟମରେ ସଂଗ୍ରହ କରାଯାଇଛି । ଏହା ଲକ୍ଷ୍ୟ କରାଯାଇଥିଲା ଯେ ପ୍ରକଳ୍ପ ଅଂଚଳରେ ଜମିର ମୂଲ୍ୟ ପ୍ରାୟ ଡିସିମିଲ ପ୍ରତି ୫ ଲକ୍ଷ । ତଥାପି, ଉକ୍ତ ଅଂଚଳର ଉପରୋକ୍ତ ବଜାର ମୂଲ୍ୟାଙ୍କନ ପାଇଁ କୌଣସି ପ୍ରମାଣ ସଂଗ୍ରହ କରାଯାଇ ନାହିଁ । ଅଧିକାଂଶ କ୍ଷେତ୍ରରେ, ପ୍ରଭାବିତ ପରିବାର ବଜାର ମୂଲ୍ୟଠାରୁ ଅତିକମ୍‌ରେ ଦଶ ଗୁଣ ଅଧିକ କ୍ଷତିପୂରଣ ଭାବରେ ଦାବି କରିଛନ୍ତି । ତଥାପି, କ୍ଷତିପୂରଣ ରାଶି ଚୂଡ଼ାନ୍ତ କରିବା ପାଇଁ ଜମି ମୂଲ୍ୟ ସ୍ଥିର କରିବାବେଳେ ରାଜସ୍ୱ ବିଭାଗ ଦ୍ୱାରା ଧାର୍ଯ୍ୟ ହୋଇଥିବା ବେଂଚମାର୍କ ମୂଲ୍ୟ ଏକ ପ୍ରମୁଖ ଆଧାର ହେବ ।

### ୩.୧୦ ପ୍ରଭାବିତ ଜମିର ମାଲିକାନା ଏବଂ ଦାବିଦାର

ପ୍ରଭାବିତ ଜମିର ମାଲିକାନା ବିଷୟରେ, ଏହା ଦେଖାଗଲା ଯେ ପ୍ରାୟ ସମସ୍ତ ଜମି ଯଥା ୧୦୦ପ୍ରତିଶତ ପ୍ରଭାବିତ ପରିବାର ଦ୍ୱାରା ବ୍ୟକ୍ତିଗତ ମାଲିକାନା ଅଧୀନରେ ରହିଛି । ବେଳେବେଳେ ଦେଖାଯାଏ ଯେ ପୂର୍ବପୁରୁଷରୁ ଥିବା ଜମିର ଆଇନଗତ ଦାବିଦାରମାନେ ଜମି ବଂଟନ କିମ୍ୱା କୌଣସି ପ୍ରକାରର ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କ୍ଷେତ୍ରରେ କ୍ଷତିପୂରଣ ସମାନ ଭାବରେ ବାଂଟିବାରେ ଜଟିଳ ପରିସ୍ଥିତି ସୃଷ୍ଟି କରନ୍ତି । ତେବେ, ବର୍ତ୍ତମାନର ଅଧ୍ୟୟନରେ ଏହା ଜଣାପଡିଛି ଯେ ମୋଟ ୫୩ଟି ପ୍ରଭାବିତ ପରିବାର ମଧ୍ୟରୁ ଅଧିକାଂଶ ପରିବାରରେ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କୌଣସି ଦାବିଦାର ନାହାଁନ୍ତି ।

### ୩.୧୧ ପ୍ରଭାବିତ ଜମିର କିଣାବିକା ଏବଂ ମାଲିକାନାରେ ଆସିଥିବା ପରିବର୍ତ୍ତନ:

ଜମି ହରାଉଥିବା ପରିବାରମାନଙ୍କ ସହ ଆଲୋଚନା ସମୟରେ (ଜମି ଅଧିକାର ଆଧାରରେ) ଅଧ୍ୟୟନକାରୀ ଦଳ ଏହା ଜାଣିପାରିଥିଲେ ଯେ ନିକଟ ଅତିତରେ ଏହି ଜମିର କୌଣସି କିଣାବିକା ହୋଇନାହିଁ ।

# ଅଧ୍ୟାୟ-୪
# ପ୍ରଭାବିତ ପରିବାରମାନଙ୍କର ଆକଳନ ଓ ଗଣନା

## ୪.୧ ପ୍ରଭାବିତ ପରିବାରର ଗଣନା

ଓଡିଶା ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଆଇନ ୨୦୧୬ର ଧାରା-୩୦ ଅନୁଯାୟୀ ଯେଉଁ ପରିବାରର ଜମି ଏବଂ ଅନ୍ୟାନ୍ୟ ଅଚଳନ୍ତି ସମ୍ପତ୍ତିର ଅଧିଗ୍ରହଣ କରାଯିବ ସେହି ଆଧାରରେ ପ୍ରଭାବିତ ପରିବାରଗୁଡିକର ଗଣନା କରାଯିବ । ଏହି ପରିପ୍ରେକ୍ଷିରେ ବର୍ତ୍ତମାନର ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣ ପ୍ରକଳ୍ପ ପାଇଁ ଗ୍ରାମେଶ୍ୱରପୁର ମୌଜାରୁ ୫୩ଟି ପରିବାରର ସମୁଦାୟ ୨.୬୮୮୦ ଏକର ଜମି ଅଧିଗ୍ରହଣ ହେବ । ପ୍ରାଥମିକ ସର୍ବେକ୍ଷଣ ଅନୁଯାୟୀ ପ୍ରସ୍ତାବିତ ଅଧିଗ୍ରହଣ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଜମି ନଷ୍ଟ ହେବା ସମ୍ପର୍କରେ ପ୍ରଭାବିତ ପରିବାରଙ୍କ ଠାରୁ କୌଣସି ସୂଚନା ଆସିନାହିଁ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ଷତିପୂରଣ ରାଶି ପ୍ରଦାନ ପୂର୍ବରୁ ଚୂଡ଼ାନ୍ତ ଗଣନା ସରକାରଙ୍କ ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯିବା ଉଚିତ ।

ତଥାପି, ସର୍ଭେ ଆଧାରରେ, ମୋଟ ରେକର୍ଡ ହୋଇଥିବା ପରିବାରମାନଙ୍କ ମଧ୍ୟରୁ ୬ ଜଣଙ୍କର ସର୍ଭେ ହୋଇପାରିଲା ନାହିଁ କାରଣ ସେମାନେ ଗାଁ ବାହାରେ ରହୁଛନ୍ତି ଏବଂ ଅଧ୍ୟୟନ ଦଳ ଦ୍ୱାରା ସେମାନଙ୍କୁ ଖୋଜାଯାଇପାରିଲା ନାହିଁ । ଏହି ପରିବାରମାନେ ଗାଁରେ ରୁହନ୍ତି ନାହିଁ, ଏବଂ ସେମାନଙ୍କ ବିଷୟରେ ଗ୍ରାମବାସୀ କିମ୍ବା ସମ୍ପ୍ରଦାୟ ଲୋକମାନଙ୍କୁ ଜଣା ନାହିଁ । ନିମ୍ନ ସାରଣୀରେ ଏହି ପରିବାରମାନଙ୍କ ବିବରଣୀ ଉପସ୍ଥାପନ କରାଯାଇଛି;

| କ୍ର. | RoR କ୍ର.ନଂ | ରେକର୍ଡଭୁକ୍ତ ହୀତାଧିକାରୀଙ୍କ ନାମ | RoR ରେ ଥିବା ଠିକଣା | ଅଧିକୃତ ହେବାକୁ ଥିବା ଜମି | ମନ୍ତବ୍ୟ |
|---|---|---|---|---|---|
| ୧ | ୧୩ | ଶ୍ୟାମଘନ ସେଠୀ, ପିତା ରାଜା ସେଠୀ | ତୁଳସୀପୁର, ଖଲିକୋଟ, ଗଞ୍ଜାମ | ୦.୦୩୦ | ସମସ୍ତ ରେକର୍ଡଭୁକ୍ତ ହୀତାଧିକାରୀ ଗ୍ରାମ ରୁ ଦୂରରେ ବାସ କରୁଛନ୍ତି ବୋଲି RoR ରେ ଉଲ୍ଲେଖ ଅଛି । ତଥ୍ୟ ସଂଗ୍ରହ ସମୟରେ ଅଦ୍ଧୟନ ଦଳ ଗ୍ରାମର ବୟୋଜ୍ୟେଷ୍ଠ ଲୋକମାନଙ୍କ ସହିତ ଆଲୋଚନା କରିଥଲେ ଓ ସେମାନଙ୍କ ବିଷୟରେ ଅଧିକ ତଥ୍ୟ ପାଇପାରି ନଥିଲେ । ତେଣୁ ସେମାନଙ୍କୁ ଏହି ସେର୍ଭରୁ ବାଦ୍ ଦିଆଯାଇଛି । |
| ୨ | ୧୪ | ଲୋକନାଥ ପ୍ରଧାନ, ପିତା ଯୁଧିଷ୍ଠିର ପ୍ରଧାନ | ବରଗାଁ ଭଞ୍ଜନଗର ,ଗଞ୍ଜାମ | ୦.୧୬୦ | |
| ୩ | ୧୬ | ସଦାଶିବ ସ୍ୱାଇଁ , ପିତା ଗନ୍ତାୟତ ସ୍ୱାଇଁ | ବେଗୁନିଆପଡା , ଗଞ୍ଜାମ | ୦.୧୫୦ | |
| ୪ | ୨୩ | ପ୍ରିୟବ୍ରତ ରାୟ, ପିତା ପ୍ରଫୁଲ୍ଲ କୁମାର ରାୟ | ସହିଦ୍ ନଗର, ଭୁବନେଶ୍ୱର | ୦.୩୪୫ | |
| ୫ | ୩୪ | ଶ୍ରୀଜଗନ୍ନାଥ ମହାପ୍ରଭୁ, | ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ, ପୁରୀ | ୦.୦୩୫ | |
| ୬ | ୩୫ | ଶ୍ରୀଜଗନ୍ନାଥ ମହାପ୍ରଭୁ, | ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ, ପୁରୀ | ୦.୦୩୫ | |

ଉପରୋକ୍ତ ସର୍ଭେ ହୋଇନଥିବା ପରିବାରମାନଙ୍କୁ ବାଦ ଦେଇ, ପ୍ରଭାବିତ ଗ୍ରାମରେ ବଂଶନୁଭିତି ପଦ୍ଧତି ବ୍ୟବହାର କରି ୫୩ ଜଣ ରେକର୍ଡ ହୋଇଥିବା ପରିବାରମାନଙ୍କୁ ଗଣନା କରାଯାଇଥିଲା । କେତେକ କ୍ଷେତ୍ରରେ ସମାନ ନାମ ଏକାଧିକ

ଜମି ଅଧିନରେ ରହିଥିବାରୁ ସେଗୁଡିକୁ ଏବଂ ସର୍ବେକ୍ଷଣ ତାରିଖ ସୁଦ୍ଧା ମୃତ ହୋଇଥିବା ଜମିମାଲିକମାନଙ୍କୁ ବାଦ୍ ଦେଇ ସେମାନଙ୍କର ଆଇନଗତ ଉତରାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି, ମୋଟ ୫୩ ପରିବାରକୁ ଗଣନା କରାଯାଇଥିଲା । ପ୍ରସ୍ତାବିତ ଅଧିଗ୍ରହଣ ପାଇଁ ଏହି ପରିବାରଗୁଡ଼ିକୁ ଭୂମି-ହାରୁଥିବା ପରିବାର ଭାବରେ ବିବେଚନା କରାଯାଏ ଏବଂ RFCTLARR ଆଇନ ଅନୁଯାୟୀ ସେମାନଙ୍କୁ ନିମ୍ନଲିଖିତ ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଛି ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ପ୍ରଭାବିତ ଅଂଚଳରେ କାର୍ଯ୍ୟ କରୁଥିବା ସମୟରେ ସମୁଦାୟ ୫୩ଟି ପ୍ରଭାବିତ ପରିବାରଗୁଡିକର ଗଣନା କରି ସେମାନଙ୍କୁ ନିମ୍ନଲିଖିତ ବର୍ଗରେ ବିଭକ୍ତ କରିଛନ୍ତି:

**କ) ପରିବାର ଯେଉଁମାନଙ୍କର ଜମି କିମ୍ବା ଅନ୍ୟାନ୍ୟ ଅଚଳନ୍ତି ସମ୍ପତ୍ତିର ଅଧିଗ୍ରହଣ କରାଯିବ**

ଗଣନା ଅନୁଯାୟୀ, ଏହି ବର୍ଗରେ ସମସ୍ତ ୫୩ଟି ପରିବାର ଅର୍ନ୍ତଭୁକ୍ତ ହେଉଛନ୍ତି ଯେଉଁ ପରିବାରମାନଙ୍କର ଜମି କିମ୍ବା ଅନ୍ୟାନ୍ୟ ସ୍ଥାବର ସଂପତି ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବ ।

**ଖ) ଭଡାରେ ରହୁଥିବା ପରିବାର ଅଧିନରେ ଥିବା ଜମି**

ଏହି ବର୍ଗରେ କୌଣସି ପ୍ରଭାବିତ ପରିବାର ଅର୍ନ୍ତଭୁକ୍ତ ନାହାଁନ୍ତି ।

**ଗ) ଅନୁସୂଚିତ ଜନଜାତି ଏବଂ ପାରମ୍ପାରିକ ଜଙ୍ଗଲ ବାସିନ୍ଦା ଯେଉଁମାନେ ଜଙ୍ଗଲ ଅଧିକାର ହରାଇଛନ୍ତି;**

କୌଣସି ପ୍ରଭାବିତ ପରିବାର ଅନୁସୂଚିତ ଜନଜାତି ବର୍ଗର ନୁହଁନ୍ତି କିମ୍ବା ସେମାନେ କୌଣସି ପାରମ୍ପାରିକ ଜଙ୍ଗଲବାସୀ ମଧ୍ୟ ନୁହଁନ୍ତି ଯେ କି ଏହି ଜମି ଅଧିଗ୍ରହଣ ଯୋଗୁ ପାରମ୍ପାରିକ ଜଙ୍ଗଲ ଅଧିକାର ହରାଇବେ । ଏହି ଅଂଚଳରେ ଜଙ୍ଗଲ ଭିତିକ କାର୍ଯ୍ୟକଳାପରେ କୌଣସି ସୁବିଧା ନାହିଁ ।

**ଘ) କୃଷି ଶ୍ରମିକ ପରିବାର, ଭଡାରେ ରହୁଥିବା ପରିବାର, ଭାଗଚାଷି, କାରିଗର କିମ୍ବା ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଂଚଳରେ କାର୍ଯ୍ୟ କରୁଥିବା ପରିବାର;**

ଏହି ବର୍ଗର କୌଣସି ପରିବାର ପ୍ରଭାବିତ ହେଉନାହାଁନ୍ତି । ପ୍ରଭାବିତ ପରିବାରଗୁଡିକ ମୁଖ୍ୟତଃ କୃଷି ସହିତ ଜଡିତ । ଏହି ଅଂଚଳର କିଛି ଲୋକ କୃଷି ଶ୍ରମିକ କିମ୍ବା ଭାଗଚାଷୀ ଭାବରେ କାର୍ଯ୍ୟ କରୁଥିବାବେଳେ ପ୍ରଭାବିତ ପରିବାର ଏହି ବର୍ଗ ଅଧୀନରେ ନାହାଁନ୍ତି । ଅନ୍ୟପକ୍ଷରେ ପ୍ରଭାବିତ ହେବାକୁ ଥିବା ଜମିର ଛୋଟ ଅଂଶ ଯାହାକି ବର୍ତ୍ତମାନ ପ୍ରଭାବିତ ପରିବାର ଦ୍ୱାରା ଚାଷ ଉଦ୍ଦେଶ୍ୟ ବ୍ୟବହାର ହେଉଛି ।

**ଙ) ଯେଉଁ ପରିବାରମାନଙ୍କୁ ରାଜ୍ୟ କିମ୍ବା କେନ୍ଦ୍ର ସରକାର କୌଣସି ଯୋଜନା ଅଧୀନରେ ଜମି ନ୍ୟସ୍ତ କରିଛନ୍ତି;**

ପ୍ରଭାବିତ ପରିବାରମାନଙ୍କ ମଧ୍ୟରୁ କୌଣସି ପରିବାରକୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର କୌଣସି ଯୋଜନା ମାଧ୍ୟମରେ ଜମି ଦେଇ ନାହାଁନ୍ତି ।

**ଚ) ପରିବାର, ଯେଉଁମାନେ ଜମି ଅଧିଗ୍ରହଣ ତିନି ବର୍ଷ ପୂର୍ବରୁ କିମ୍ବା ତା'ଠାରୁ ଅଧିକ ସହରାଂଚଳର ଯେକୌଣସି ଜମିରେ ରହିଆସୁଛନ୍ତି;**

ତଥ୍ୟ ଅନୁସାରେ ସମସ୍ତ ପ୍ରଭାବିତ ପରିବାର ବ୍ରଜମୋହନପୁର ଗ୍ରାମରେ ରହିଆସୁଛନ୍ତି ଓ ସେମାନଙ୍କର ଜମି ଗ୍ରାମେଶ୍ୱରପୁର ମୌଜାରେ ରହିଛି । ତେଣୁ କୌଣସି ପରିବାର ଏହି ବର୍ଗରେ ଅର୍ନ୍ତଭୁକ୍ତ ହେଉନାହାଁନ୍ତି ।

ଛ) **ପରିବାର, ଏହି ପ୍ରକଳ୍ପ ଦ୍ୱାରା ପରୋକ୍ଷରେ ଭାବରେ ପ୍ରଭାବିତ** (ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, ମତ୍ସ୍ୟଜୀବୀ, ଡଙ୍ଗା ଚାଳକ ଇତ୍ୟାଦି)

ଏହି ବର୍ଗର କୌଣସି ପରିବାର ପ୍ରଭାବିତ ହୁଅନ୍ତି ନାହିଁ କାରଣ ଏହି ଅଂଚଳରେ ଲୋକମାନେ ମୁଖ୍ୟତଃ ଚାଷ, ସରକାରୀ ଓ ବେସରକାରୀ କ୍ଷେତ୍ରରେ ବେତନ ପ୍ରାପ୍ତ ଚାକିରି ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ଅଟନ୍ତି । ଶିକାର, ମତ୍ସ୍ୟଜୀବୀ, ଡଙ୍ଗା ଚାଳକ ଇତ୍ୟାଦି ପାଇଁ କୌଣସି ସୁବିଧା ନାହିଁ ।

ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ଜମିର ମାଲିକାନା ଦଲିଲ (RoR) ଆଧାରରେ ପ୍ରକୃତପକ୍ଷେ ୪୯ଟି ପରିବାରକୁ ତାଲିକାଭୁକ୍ତ କରାଯାଇଥିଲା ଓ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ସମୁଦାୟ ୫୩ଟି ପରିବାରର ସର୍ବେକ୍ଷଣ କରିଥିଲା ଯେଉଁମାନେ କି ପ୍ରତ୍ୟକ୍ଷଭାବରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବେ । ଏହି ପ୍ରଭାବିତ ପରିବାରଗୁଡିକ SIA ଦଳ ଦ୍ୱାରା ଉପରୋକ୍ତ ବର୍ଗ ଭାବରେ ଗଣନା କରାଯାଇଛି ।

## ୪.୨ ଉତ୍ପାଦନକାରୀ ସଂପତି ଏବଂ ଗୁରୁତ୍ୱପୂର୍ଣ୍ଣ ଜମିର ତାଲିକା

ସମସ୍ତ ୫୩ଟି ପ୍ରଭାବିତ ପରିବାର ଏହି ପ୍ରକଳ୍ପ ପାଇଁ ନିଜ ଜମିର ଏକ ଛୋଟ ଅଂଶ ହରାଉଛନ୍ତି । କିନ୍ତୁ କୌଣସି ବୃକ୍ଷ କିମ୍ବା ସଂପତି ଏହି ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେଉ ନାହିଁ । ଯାହାହେଉ, ପ୍ରଭାବିତ ହେବାକୁ ଥିବା ଜମି ଏବଂ ସମ୍ପତିର ବିସ୍ତୃତ ବିବରଣୀ ଅଧ୍ୟାୟ -୩ ରେ ବିଶ୍ଳେଷଣ କରାଯାଇଛି ।

# ଅଧ୍ୟାୟ-୫

# ଅଧ୍ୟୟନ ଅଂଚଳ ଓ ପ୍ରଭାବିତ ପରିବାରମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି

ସାମାଜିକ ଓ ଆର୍ଥିକ ସଂରଚନା ସାମାଜିକ ଜୀବନର ରୂପରେଖକୁ ଗଠନ କରିଥାଏ ଯାହାକୁ ଭୂମି ଅଧିଗ୍ରହଣ ନିମନ୍ତେ ବୁଝିବା ନିତ୍ୟାନ୍ତ ଆବଶ୍ୟକ ଅଟେ । ଅନ୍ୟପକ୍ଷରେ ପ୍ରକଳ୍ପ ଅଂଚଳ ଏବଂ ପ୍ରଭାବିତ ଲୋକମାନଙ୍କର ଗ୍ରାମୀଣ ସାମାଜିକ ଏବଂ ଆର୍ଥିକ ଜୀବନଯାପନ ପ୍ରଣାଳିକୁ ହୃଦୟଙ୍ଗମ କରିବା ନିମନ୍ତେ ସାମାଜିକ ଓ ଆର୍ଥିକ ତତ୍ତ୍ୱର ସଂରଚନା ଏବଂ ତଥ୍ୟଗୁଡିକୁ ବ୍ୟାପକ ଭାବରେ ବିଶ୍ଲେଷଣ କରିବାର ଆବଶ୍ୟକତା ଅଛି । ସେ ଯାହାହେଉ, ଏହି ପରିପ୍ରେକ୍ଷୀରେ ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲର ଗ୍ରାମେଶ୍ୱରପୁର ଗ୍ରାମରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ଏହି ରାଜ୍ୟ ଦେଶରେ ଜନସଂଖ୍ୟା ଦୃଷ୍ଟିରୁ ୧୧ ତମ ସ୍ଥାନ ଓ ଭୌଗୋଳିକ ଅଂଚଳ ଦୃଷ୍ଟିରୁ ନବମ ସ୍ଥାନ ଅଧିକାର କରିଛି । ଓଡିଶାର ସମୁଦାୟ ଭୌଗୋଳିକ ଅଂଚଳ ୧,୫୫,୭୦୭ ବର୍ଗ କିଲୋମିଟର ଏବଂ ଏହା ଉତ୍ତର-ପୂର୍ବ ଦିଗରେ ପଶ୍ଚିମବଙ୍ଗ ରାଜ୍ୟ, ଉତ୍ତର ଦିଗରେ ଝାଡଖଣ୍ଡ ରାଜ୍ୟ, ପଶ୍ଚିମ ଦିଗରେ ଛତିଶଗଡ ରାଜ୍ୟ, ଦକ୍ଷିଣ ଦିଗରେ ଆନ୍ଧ୍ର ପ୍ରଦେଶ ଏବଂ ପୂର୍ବଦିଗରେ ବଙ୍ଗୋପସାଗର ଅବସ୍ଥିତ । ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ଜନସଂଖ୍ୟା ୪୧,୯୪୭,୩୫୮ ଜଣ ଏବଂ ପ୍ରତି ବର୍ଗ କିଲୋମିଟରରେ ଜନସଂଖ୍ୟାର ଘନତ୍ୱ ୨୭୦ ଜଣ ଅଟେ । ପ୍ରଶାସନିକ ଦୃଷ୍ଟିରୁ ଏହି ରାଜ୍ୟ ୩୦ ଟି ଜିଲ୍ଲା, ୩୧୪ ଟି ବ୍ଲକ, ୬୨୩୪ ଟି ଗ୍ରାମ ପଂଚାୟତ ଏବଂ ୫୧,୦୪୮ ଟି ଗ୍ରାମକୁ ନେଇ ଗଠିତ । ଶିକ୍ଷା ଦୃଷ୍ଟିରୁ , ରାଜ୍ୟର ଉପଲବ୍ଧି ପ୍ରଣିଧାନଯୋଗ୍ୟ, କାରଣ ୨୦୦୧ ଜନଗଣନା ଅନୁଯାୟୀ ରାଜ୍ୟର ସାକ୍ଷରତା ହାର ୬୩.୦୮ ପ୍ରତିଶତ ଥିବାବେଳେ ୨୦୧୧ ଜନଗଣନାରେ ଏହା ବୃଦ୍ଧି ପାଇ ୭୩.୪୫ ପ୍ରତିଶତ ହୋଇଛି । ଓଡିଶା ଅର୍ଥନୈତିକ ଉନ୍ନୟନ ବିବରଣୀ ୨୦୧୫ ଅନୁଯାୟୀ ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ହାର ୬.୨୪ ଥିଲା ଯେତେବେଳେ କି ଜାତୀୟ ସ୍ତରରେ ଅଭିବୃଦ୍ଧି ହାର ୭.୩୦ ପ୍ରତିଶତ ଥିଲା । ଓଡ଼ିଶାରେ ଦାରିଦ୍ର୍ୟ ଦୂରୀକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଜଳସେଚନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ନିକଟ ଅତୀତରେ ଓଡ଼ିଶା ସରକାର ଜଳସେଚନ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଓଡ଼ିଶାରେ ବହୁ ସଂଖ୍ୟକ ବୃହତ୍, ମଧ୍ୟମ, ଲଘୁ ଏବଂ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି ଓ ଏହି ପ୍ରକଳ୍ପ ସେମାନଙ୍କ ମଧ୍ୟରୁ ଅନ୍ୟତମ, ଯାହା ପାଇଁ ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି କାର୍ଯ୍ୟକାରୀ କରାଯାଉଛି ।




ଚିତ୍ର- ୪: ସୋନପୁର ଜିଲ୍ଲା ଚିହ୍ନିତ ଓଡିଶା ମାନଚିତ୍ର




ଚିତ୍ର- ୩ ଖୋର୍ଦ୍ଧା ଜିଲ୍ଲା ମାନଚିତ୍ର

## ୫.୧ ଅଧ୍ୟୟନ ଜିଲ୍ଲା: ଖୋର୍ଦ୍ଧା

ଖୋର୍ଦ୍ଧା ଓଡିଶାର ଅନ୍ୟତମ ବିକଶିତ ଜିଲ୍ଲା ଯାହା ୧୯୯୩ ମସିହା ଏପ୍ରିଲ ୧ ତାରିଖରେ ପୁରୀ ଜିଲ୍ଲାରୁ ଅଲଗା ହୋଇଥିଲା । ଏହାର ଉତ୍ତରରେ କଟକ ଜିଲ୍ଲା, ଦକ୍ଷିଣରେ ଗଞ୍ଜାମ ଜିଲ୍ଲା, ପୂର୍ବରେ ପୁରୀ ଜିଲ୍ଲା ଏବଂ ପଶ୍ଚିମରେ ନୟାଗଡ ଜିଲ୍ଲା ଅବସ୍ଥିତ । ଏହି ଜିଲ୍ଲାର ଭୌଗୋଳିକ କ୍ଷେତ୍ରଫଳ ୨,୮୧୩ ବର୍ଗ କି.ମି. ରହିଛି, ଯାହା ରାଜ୍ୟର ମୋଟ କ୍ଷେତ୍ରଫଳର ୧.୮୧ ପ୍ରତିଶତ । କ୍ଷେତ୍ରଫଳ ଦୃଷ୍ଟିରୁ ଓଡିଶାର ୩୦ଟି ଜିଲ୍ଲା ମଧ୍ୟରେ ଖୋର୍ଦ୍ଧା ୨୫ତମ ଓ ଜନସଂଖ୍ୟା ଦୃଷ୍ଟିରୁ ୫ତମ ସ୍ଥାନରେ ରହିଛି । ଏହା ହେଉଛି ରାଜ୍ୟର ସବୁଠାରୁ ସହରିକରଣ ହୋଇଥିବା ଜିଲ୍ଲା, ଯାହାର ଜନସଂଖ୍ୟାର ୪୮.୧୬ ପ୍ରତିଶତ ସହରାଞ୍ଚଳରେ ବାସ କରନ୍ତି, ଯେତେବେଳେ କି ରାଜ୍ୟରେ ସହରାଞ୍ଚଳ ଜନସଂଖ୍ୟା ହାରାହାରି ୧୬.୬୯ ପ୍ରତିଶତ ରହିଛି । ଜନସଂଖ୍ୟା ଘନତ୍ୱ ଦୃଷ୍ଟିରୁ ଖୋର୍ଦ୍ଧା ଓଡିଶାର ସବୁଠାରୁ ଜନବହୁଳ ଜିଲ୍ଲା ।

### <u>ଜନସଂଖ୍ୟା ସମ୍ବନ୍ଧିୟ ତଥ୍ୟ</u>

| | |
|---|---|
| ସମୁଦାୟ ଲୋକସଂଖ୍ୟା | ୨୨,୫୧,୬୭୩ |
| ଗ୍ରାମାଂଚଳ ଲୋକସଂଖ୍ୟା | ୫୧.୮୫% |
| ସହରାଂଚଳ ଲୋକସଂଖ୍ୟା | ୪୮.୧୫% |
| ପୁରୁଷମାନଙ୍କ ସଂଖ୍ୟା | ୫୧.୮୩% |
| ମହିଳାମାନଙ୍କ ସଂଖ୍ୟା | ୪୮.୧୭% |
| ଅନୁସୂଚିତ ଜନଜାତିର ଲୋକସଂଖ୍ୟା | ୫.୧୧% |
| ଅନୁସୂଚିତ ଜାତିର ଲୋକସଂଖ୍ୟା | ୧୩.୨୧% |
| ଦଶନ୍ଧିର ଲୋକସଂଖ୍ୟା | ୧୯.୯୪% |
| ଲିଙ୍ଗ ଅନୁପାତ | ୯୨୯ |
| ଲୋକସଂଖ୍ୟା ଘନତ୍ୱ | ୮୦୦ |
| ସାକ୍ଷରତା ହାର | ୮୬.୮୮% |
| ପୁରୁଷମାନଙ୍କ ସାକ୍ଷରତା ହାର | ୯୧.୭୮% |
| ମହିଳାମାନଙ୍କ ସାକ୍ଷରତା ହାର | ୮୧.୬୧% |

*ଉତ୍ସ- ଡି ସି ଏଚ୍ ବି ଖୋର୍ଦ୍ଧା ଜନଗଣନା ୨୦୧୧ ଓଡିଶା*

ଖୋର୍ଦ୍ଧା ଜିଲ୍ଲା ଦୁଇଟି ସବ୍‌ଡିଭିଜନ, ୧୦ଟି ବ୍ଲକ, ୧୦ଟି ତହସିଲ ୧ଟି ମହାନଗର ନିଗମ, ୨ଟି ନଗରନିଗମ ୨ଟି ପୌରପାଳିକା, ୧୬୮ ଟି ଗ୍ରାମ ପଂଚାୟତ ଏବଂ ୧୫୬୬ଟି ଗ୍ରାମକୁ ନେଇ ଗଠିତ । ଜିଲ୍ଲାର ଲୋକ ସଂଖ୍ୟା ୨୨.୫୧ ଲକ୍ଷ ସହିତ ଦଶନ୍ଧିର ଅଭିବୃଦ୍ଧି ହାର ୧୯.୯୪% ଅଟେ ଯାହା ୨୦୧୧ ଜନଗଣନା ଅନୁଯାୟୀ ଜିଲ୍ଲାର ଲୋକସଂଖ୍ୟା ରାଜ୍ୟର ସମୁଦାୟ ଲୋକସଂଖ୍ୟାର ୫.୩୬% ଅଟେ । ରାଜ୍ୟର ଗ୍ରାମାଂଚଳ ଓ ସହରାଂଚଳର ଲୋକସଂଖ୍ୟା ଯଥାକ୍ରମେ ୫୧.୮୫% ଏବଂ ୪୮.୧୫% ଅଟେ । ଜିଲ୍ଲାରେ ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୯୨୯ ଜଣ ମହିଳା ଅଟେ ଯେତେବେଳେ କି ରାଜ୍ୟର ଅନୁପାତ ପ୍ରତି ୧୦୦୦ ପୁରୁଷରେ ୯୭୯ ଜଣ ମହିଳା ଅଟେ । ୨୦୦୧ ଜନଗଣନା ଅନୁଯାୟୀ ଜିଲ୍ଲାର ସାକ୍ଷରତା ହାର ୭୯.୫୯ ପ୍ରତିଶତ ରୁ ବୃଦ୍ଧି ପାଇ ୨୦୧୧ ଜନଗଣନାରେ ଏହା ୮୬.୮୮ ପ୍ରତିଶତ ହୋଇଛି ଯାହାକି ରାଜ୍ୟ ସାକ୍ଷରତା ହାର ୭୨.୯ ପ୍ରତିଶତ ଠାରୁ ସାମାନ୍ୟ ଅଧିକ ଅଟେ । ଲିଙ୍ଗଭିତ୍ତିରେ ଏହାକୁ ଦେଖିଲେ ଏହା ଅବଗତ ହୁଏ ଯେ, ପୁରୁଷ ଓ ମହିଳା ସାକ୍ଷରତା ହାର ଯଥାକ୍ରମେ ୯୧.୭୮% ଏବଂ ୮୧.୬୧% ଅଟେ । ଏହିପରି ଭାବରେ ଜିଲ୍ଲାରେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ସାକ୍ଷରତା ହାରରେ ତଫାତ ପରିଲକ୍ଷିତ ହୋଇଥାଏ । ଜିଲ୍ଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ର ଲୋକସଂଖ୍ୟା ଯଥାକ୍ରମେ ୧୩.୨୧% ଏବଂ ୫.୧୧% ଅଟେ ।

### ଶ୍ରମଜୀବିମାନଙ୍କ ଭାଗିଦାରିତା

୨୦୧୧ ଜନଗଣନା ଅନୁଯାୟୀ, ମୂଖ୍ୟ ଓ ନାମମାତ୍ର ଶ୍ରମଜୀବିଙ୍କ ସମୁଦାୟ ସଂଖ୍ୟା ୭,୯୨,୧୯୩ ଅର୍ଥାତ ସମୁଦାୟ ଲୋକସଂଖ୍ୟାର ୩୫.୧୮% ଅଟେ । ଜିଲ୍ଲାରେ ଅଣଶ୍ରମଜୀବିଙ୍କ ସଂଖ୍ୟା ୧୪୫୯୪୮୦ଯାହାକି ଜିଲ୍ଲାର ସମୁଦାୟ ଲୋକସଂଖ୍ୟାର ୬୪.୮୨% ଅଟେ । ମୁଖ୍ୟ ଶ୍ରମଜୀବିମାନଙ୍କ ମଧ୍ୟରେ ପୁରୁଷ ଓ ମହିଳାମାନଙ୍କ ସଂଖ୍ୟା ଯଥାକ୍ରମେ ୪୬.୫୪% ଏବଂ ୮.୨୫% । ଜିଲ୍ଲାରେ ନାମମାତ୍ର ଶ୍ରମଜୀବିଙ୍କ ସଂଖ୍ୟା ୧୫୯୫୬୮ ଯାହାକି ଜିଲ୍ଲାର ସମୁଦାୟ

ଲୋକସଂଖ୍ୟାର ୭.୦୯% ଅଟେ । ମୁଖ୍ୟ ଶ୍ରମଜୀବି ଓ ନାମମାତ୍ର ଶ୍ରମଜୀବିମାନଙ୍କ ମଧ୍ୟରେ ୧୧.୭୦% ଜଣ କୃଷକ, ୧୪.୬୮% କୃଷି ଶ୍ରମିକ, ୪.୯୮% ଘରୋଇ ଉଦ୍ୟୋଗରେ ଶ୍ରମିକ ଏବଂ ୬୮.୬୪% ଅନ୍ୟାନ୍ୟ ଶ୍ରମିକ ଅଟନ୍ତି ।

### ଜମି ବ୍ୟବହାର ଓ ଜଳସେଚନ

୨୦୨୩-୨୪ ମସିହାରେ ଜିଲ୍ଲାର ମୋଟ ଭୌଗୋଳିକ କ୍ଷେତ୍ର (୨୮୧୩୦୦ହେକ୍ଟର) ମଧ୍ୟରୁ ପ୍ରାୟ ୧୨୯୦୦୦ ହେକ୍ଟର ଚାଷ ପାଇଁ ଉପଲବ୍ଧ ଥିଲା । ଅଣ-କୃଷି ବ୍ୟବହାର ପାଇଁ ପ୍ରାୟ ୪୬,୦୦୦ ହେକ୍ଟର ଜମି ଥିବାବେଳେ ଜଙ୍ଗଲ ଜମି ପ୍ରାୟ ୬୭,୦୦୦ ହେକ୍ଟର ଥିଲା । ଜିଲ୍ଲାର ନିଟ୍ ବୁଣାଯାଇଥିବା ଅଞ୍ଚଳ ୧,୦୮,୦୦୦ ହେକ୍ଟର ହେବ ବୋଲି ଆକଳନ କରାଯାଇଛି । ସୀମିତ ଜଳସେଚନ ସୁବିଧା କାରଣରୁ, ଦ୍ୱି-ଫସଲ ହେଉଥିବା ଜମିର ପରିମାଣ ସୀମିତ ରହିଛି । ତଥାପି, ଜିଲ୍ଲାର ଫସଲ ଉତ୍ପାଦନ ଅପେକ୍ଷାକୃତ ଅଧିକ ୧୯୫ପ୍ରତିଶତ, ଯେତେବେଳେ କି ରାଜ୍ୟ ହାରାହାରି ୧୬୪ ପ୍ରତିଶତ ଅଟେ[1] ।

ଜିଲ୍ଲାରେ ନିର୍ମିତ ହୋଇଥିବା ସମୁଦାୟ ଜଳସେଚନ ୫୮୧୭୫ ହେକ୍ଟର ଚାଷ ଜମିକୁ ଜଳସେଚିତ କରୁଛି । ଜିଲ୍ଲାର ୧୦ଟି ବ୍ଲକ ମଧ୍ୟରୁ ୬ଟି ବ୍ଲକରେ ରବି ଋତୁରେ ୨୦% ରୁ କମ୍ ଏବଂ ଖରିଫ୍ ଋତୁରେ ୩୫%ରୁ କମ୍ ଜଳସେଚନ ହୋଇଥାଏ । ଜଳସେଚନର ପ୍ରମୁଖ ଉତ୍ସ କେନାଲ ହୋଇଥିବାରୁ ଏହା ୨ଟି ବ୍ଲକ୍ ଯଥା ବାଲିଅନ୍ତା ଏବଂ ବାଲିପାଟଣାର ଚାଷଜମିକୁ ଜଳସେଚିତ କରୁଛି । ଏହି ଦୁଇଟି ବ୍ଲକର ୯୦%ରୁ ଅଧିକ କୃଷିକ୍ଷେତ୍ର କେନାଲ୍ ଜଳସେଚନ ଅଧୀନରେ ରହିଛି । ଏହା ବ୍ୟତୀତ ଜିଲ୍ଲାରେ ୭୭୦୦ ଘରୋଇ ଲିଫ୍ଟ ପଏଣ୍ଟ ଓ ୨୦୦ ସରକାରୀ ଲିଫ୍ଟ ପଏଣ୍ଟ କାର୍ଯ୍ୟ କରୁଛି ।

ଖୋର୍ଦ୍ଧା ଜିଲ୍ଲାରେ ଚାଷଜମି ଗୁଡିକ ଭୂପୃଷ୍ଠ ଏବଂ ଭୂତଳ ଜଳ ମାଧ୍ୟମରେ ଜଳସେଚନ କରାଯାଏ । କେନାଲ ଜଳସେଚନ ବ୍ୟବସ୍ଥାରେ ସମୁଦାୟ ୨୧ଟି କେନାଲ ରହିଛି । ସମଗ୍ର ଜିଲ୍ଲାରେ ୨୯୫୦ଟି ଖୋଲା କୂଅ ଏବଂ ୧୪୮୯ଟି ନଳକୂପ ମାଧ୍ୟମରେ ଭୂତଳ ଜଳର ବ୍ୟବହାର କରାଯାଏ । ଏହା ବ୍ୟତୀତ, ଉଠା ଜଳସେଚନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଓ ସମୁଦାୟ ଜିଲ୍ଲାରେ ୭୧୬୭ଟି ଉଠା ଜଳସେଚନ ମାଧ୍ୟମରେ କେନାଲ ନଥିବା ଅଂଚଳର କୃଷି କ୍ଷେତ୍ରକୁ ଜଳସେଚିତ କରିଥାଏ । ଏହି ସୁବିଧା ଗୁଡିକର ଉପସ୍ଥିତି ସତ୍ତ୍ୱେ, ଜିଲ୍ଲାରେ ସାମଗ୍ରିକ ଜଳସେଚନ କଭରେଜ୍ ସୀମିତ ରହିଛି, ଯାହା ଜିଲ୍ଲାରେ ଏକାଧିକ ଫସଲର ଉତ୍ପାଦନକୁ ପ୍ରଭାବିତ କରିଥାଏ ।

## ୫.୨ ପ୍ରକଳ୍ପ ଅଂଚଳ : ଖୋର୍ଦ୍ଧା ତହସିଲ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଗ୍ରାମେଶ୍ୱରପୁର ମୌଜାରେ କରାଯାଉଛି ଯାହାକି ଜିଲ୍ଲାର ଖୋର୍ଦ୍ଧା ତହସିଲରେ ଅବସ୍ଥିତ । ଏହି ତହସିଲ ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କେନ୍ଦ୍ର ଅଟେ, ଯାହା ପ୍ରାୟ ୩୦୮ ବର୍ଗ କିଲୋମିଟର କ୍ଷେତ୍ରଫଳ ପରିବ୍ୟାପ୍ତ ଏବଂ ଖୋର୍ଦ୍ଧା ସହରର ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୧୮ କି.ମି ଦୂରରେ ଅବସ୍ଥିତ ଏହି ତହସିଲ ୧୩୩ଟି ରାଜସ୍ୱ ଗ୍ରାମ ସହିତ ୨୦ଟି ଗ୍ରାମ ପଂଚାୟତକୁ ଅନ୍ତର୍ଭୁକ୍ତ କରି ଏହି ତହସିଲ ଗଠନ କରାଯାଇଥିଲା । ୨୦୧୧ ଜନଗଣନା ଅନୁଯାୟୀ, ତହସିଲର ଜନସଂଖ୍ୟା ୧୩୬୨୪୪ ଥିଲା, ସେଥିମଧ୍ୟରୁ ମହିଳା ସଂଖ୍ୟା ୬୬୫୬୧ ଥିଲା । ସେହିପରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର

| ତହସିଲ- ଖୋର୍ଦ୍ଧା |
|---|
| ଭୌଗଳିକ କ୍ଷେତ୍ର : ୩୦୮ ହେକ୍ଟର |
| ସମୁଦାୟ ଗ୍ରାମ ପଂଚାୟତ: ୨୦ |
| ସମୁଦାୟ ଗ୍ରାମ: ୧୩୩ |
| ସମୁଦାୟ ପରିବାର: ୨୭୪୨୩ |
| ସମୁଦାୟ ଜନସଂଖ୍ୟା: ୧୩୬୨୪୪ |
| ଅନୁସୂଚିତ ଜାତି ସଂଖ୍ୟା: ୧୧.୬୫% |
| ଅନୁସୂଚିତ ଜନଜାତି ସଂଖ୍ୟା: ୮.୨୨% |
| ସ୍ୱାକ୍ଷରତା ହାର: ୮୩.୮ % |
| ସମୁଦାୟ କର୍ମଜିବୀ: ୪୬୩୯୫ |
| ମୁଖ୍ୟ କର୍ମଜିବୀ: ୩୪୧୫୭ |
| ନାମମାତ୍ର କର୍ମଜିବୀ: ୧୨୨୩୮ |
| *ଉତ୍ସ: ଜନଗଣନା ୨୦୧୧* |

[1] Odisha Agricultural Statistics: 2023-24

ଜନସଂଖ୍ୟା ଯଥାକ୍ରମେ ୧୫୮୮୦ (୧୧.୬୫%) ଏବଂ ୧୧୨୦୫ (୮.୨୨%) ଅଟେ । ଖୋର୍ଦ୍ଧା ତହସିଲର ସାକ୍ଷରତା ହାର ୮୩.୮, ଯାହା ଜିଲ୍ଲା ସାକ୍ଷରତା ହାର (୮୬.୮୮ ପ୍ରତିଶତ) ଠାରୁ ସାମାନ୍ୟ କମ୍ ଅଟେ । ତହସିଲରେ ସମୁଦାୟ ଶ୍ରମିକ ସଂଖ୍ୟା ୪୬୩୯୫, ସେଥିମଧ୍ୟରୁ ୩୪୧୫୭ ଜଣ ମୁଖ୍ୟ ଚାଷୀ ଏବଂ ୨୨୨୩୮ ଜଣ ନାମମାତ୍ର ଚାଷୀ ଅଟନ୍ତି । ଖରିଫ ଋତୁରେ ଧାନ ଏକ ପ୍ରମୁଖ ଫସଲ ଯାହା ମୌସୁମୀ ବର୍ଷା ଏବଂ ଉର୍ବର ମାଟି କାରଣରୁ ଅଧିକାଂଶ ଜମିରେ ଚାଷ କରାଯାଏ । ଏହା ବ୍ୟତୀତ ତହସିଲର ଅନ୍ୟାନ୍ୟ ପ୍ରମୁଖ ଫସଲ ହେଉଛି ମୁଗ, ବିରି, ଅଦା,ଆଳୁ, ଆଖୁ, ଏବଂ ପନିପରିବା ।

## ୫.୩ ପ୍ରକଳ୍ପ ପ୍ରଭାବିତ ଗ୍ରାମ: ଗ୍ରାମେଶ୍ୱରପୁର/ ବ୍ରଜମୋହନପୁର

ଗ୍ରାମେଶ୍ୱରପୁର ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବ୍ରଜମୋହନପୁର ଗ୍ରାମ ପଂଚାୟତ ଅଧୀନରେ ଅବସ୍ଥିତ ଏକ ଗ୍ରାମ ଅଟେ । ଏହା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଓ ତହସିଲ ଖୋର୍ଦ୍ଧା ଠାରୁ ୧୮ କିଲୋମିଟର ଦୂରରେ ଅବସ୍ଥିତ । ଯଦିଓ ଏହି ଜମି ଅଧିଗ୍ରହଣ ଗ୍ରାମେଶ୍ୱରପୁର ମୌଜାରେ କରାଯିବ, କିନ୍ତୁ ଅଧିକାଂଶ ଜମି ହରାଉଥିବା ପରିବାର ବ୍ରଜମୋହନପୁର ଗ୍ରାମରେ ବାସ କରୁଛନ୍ତି । ତେଣୁ ଏଠାରେ ଆମେ ବ୍ରଜମୋହନପୁର ଗ୍ରାମର ସବିଶେଷ ବିବରଣୀ ପ୍ରଦାନ କରୁଛୁ ।

୨୦୧୧ ଜନଗଣନା ଅନୁଯାୟୀ ୨୪୬ ପରିବାର ଗାଁରେ ବାସକରୁଛନ୍ତି ଓ ଗ୍ରାମର ସମୁଦାୟ ଜନସଂଖ୍ୟା ୧୨୯୫ । ସେମାନଙ୍କ ମଧ୍ୟରୁ ୬୩୦ ପୁରୁଷ ଏବଂ ୬୬୫ ମହିଳା । ଗ୍ରାମରେ ୦-୬ ବୟସ ବର୍ଗର ପିଲାମାନେ ୧୬୫ ଅଟନ୍ତି । ଅନୁସୂଚିତ ଜାତି ଜନସଂଖ୍ୟା ୮.୭୨% ହୋଇଥିବାବେଳେ ଅନୁସୂଚିତ ଜନଜାତି ଗାଁର ବାସକରନ୍ତି ନାହିଁ । ଗାଁରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ ୟୁପି ସ୍କୁଲ ଏବଂ ଗୋଟିଏ ହାଇସ୍କୁଲ ଅଛି । ଗାଁର ପ୍ରାୟ ୮୬.୩% ଲୋକ ସାକ୍ଷର ଅଟନ୍ତି । ଗ୍ରାମର ମୋଟ ୩୫୭ ଜଣ କାର୍ଯ୍ୟରତ ବ୍ୟକ୍ତି ଓ ସେମାନଙ୍କ ମଧ୍ୟରୁ ୩୪୨ ମୁଖ୍ୟ ଏବଂ ୧୫ ଜଣ ନାମମାତ୍ର ଶ୍ରମିକ ଅଟନ୍ତି । ଗ୍ରାମବାସୀଙ୍କ ଜୀବିକା ଚାଷ ଭିତ୍ତିକ କାର୍ଯ୍ୟକଳାପ ଉପରେ ଆଧାରିତ ଓ ସର୍ବେକ୍ଷଣ କରାଯାଇଥିବା ପରିବାରଗୁଡିକର ମୁଖ୍ୟ ବୃତ୍ତି ହେଉଛି କୃଷି ।

## ୫.୪ ପ୍ରଭାବିତ ଗ୍ରାମର ସାଧାରଣ ଭିତ୍ତିଭୂମି ଓ ସାମାଜିକ-ସଂସ୍କୃତିକ ପାର୍ଶ୍ୱଚିତ୍ର

ଯେକୌଣସି ପ୍ରକାରର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସେହି ଅଂଚଳରେ ବାସ କରୁଥିବା ଲୋକମାନଙ୍କ ସାମାଜିକ ଏବଂ ଆର୍ଥିକ ଜୀବନ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ । ତେଣୁ ଏହି ପ୍ରକାରର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବାସ କରୁଥିବା ଲୋକମାନଙ୍କ ସାମାଜିକ, ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ର ସମ୍ବନ୍ଧରେ ବିଶ୍ଳେଷଣ କରିବା ଆବଶ୍ୟକ ଅଛି । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ଏବଂ ୫୩ଜଣ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରଙ୍କୁ ଏଥିରେ ସର୍ବେକ୍ଷଣ କରାଯାଇଥିଲା । ତେଣୁ, ନିମ୍ନଲିଖିତ ପରିଚ୍ଛେଦରେ ସର୍ଭେ ହୋଇଥିବା ୫୩ଟି ପ୍ରଭାବିତ ପରିବାରର ମୌଳିକ ସାମାଜିକ -ଆର୍ଥିକ ଏବଂ ଜନସଂଖ୍ୟା ସମ୍ବନ୍ଧୀୟ ବିଶେଷତା ଯେଉଁଥିରେ କି ଲିଙ୍ଗ, ବୟସ, ଜାତି, ଶିକ୍ଷା, ବୈବାହିକ ସ୍ଥିତି, ପେଶା ଓ ଜୀବିକା, ଆୟ ଏବଂ ବ୍ୟୟ, ଦାରିଦ୍ର୍ୟତାର ସ୍ଥିତି, ପରିବାରର ମୌଳିକ ସୁବିଧା ସୁଯୋଗ ଏବଂ ଘରର ଅବସ୍ଥା ଆଦି ସାମିଲ ଅଛି । ଏହି ବିଶ୍ଳେଷଣ ଜମି ଅଧିଗ୍ରହଣ ଆଇନ୍‌ରେ ଉଲ୍ଲେଖ ଥିବା 'ଫର୍ମ-ଡି' ଅନୁଯାୟୀ ପ୍ରସ୍ତୁତ କରାଯାଇଛି ।

### ୫.୪.୧ ପ୍ରକଳ୍ପ ଅଂଚଳର ଜନସଂଖ୍ୟାର ବିବରଣୀ

**କ) ବୟସ, ଲିଙ୍ଗ, ଜାତି ଓ ଧର୍ମ**




ଚିତ୍ର- ୫ ଲୋକସଂଖ୍ୟା ର ଲିଙ୍ଗ ଭିତିକ ବିତରଣ

ସମାଜରେ ଲିଙ୍ଗ ଅନୁପାତ ବିକାଶ ପ୍ରକ୍ରିୟାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉତ୍ତରଦାତାମାନଙ୍କ ମଧ୍ୟରେ ୪୭ ଜଣ ପୁରୁଷ ଓ ୬ ଜଣ ମହିଳା ଅଟନ୍ତି ଯାହା ପ୍ରଦର୍ଶିତ କରୁଛି ଯେ, ପରିବାରରେ ପୁରୁଷମାନେ ମୁଖ୍ୟତଃ ନିଷ୍ପତ୍ତି ଗ୍ରହଣ କରନ୍ତି । ଏଥିସହ, ୫୩ଟି ପରିବାରରେ ରହୁଥିବା ୨୪୩ ଜଣ ବ୍ୟକ୍ତିଙ୍କ ମଧ୍ୟରେ ୧୨୨ (୫୦.୨%) ଜଣ ପୁରୁଷ ହୋଇଥିବାବେଳେ ୧୨୧ (୪୯.୮%) ଜଣ ମହିଳା ଅଟନ୍ତି । ଜନଗଣନା -୨୦୧୧ ଅନୁଯାୟୀ ୧୦୦୦ ପୁରୁଷ ପ୍ରତି ରାଜ୍ୟ ହାରାହାରି ୯୭୯ ମହିଳାଙ୍କ ତୁଳନାରେ ପ୍ରଭାବିତ ଜନସଂଖ୍ୟାରେ ସାମଗ୍ରିକ ଲିଙ୍ଗ ଅନୁପାତ ସାମାନ୍ୟ ଅଧିକ(୯୯୧) ଅଟେ । ସାରଣୀ -୭ ପ୍ରଭାବିତ ଜନସଂଖ୍ୟାର ଲିଙ୍ଗଗତ ତଥ୍ୟ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ।

ସାରଣୀ ୭ ପ୍ରଭାବିତ ପରିବାର ଓ ଜନସଂଖ୍ୟାର ଲିଙ୍ଗ ଭିତିକ ବିତରଣ

| ଗ୍ରାମ | ସର୍ଭେ କରାଯାଇଥିବା ମୋଟ ପ୍ରକଳ୍ପ ପ୍ରଭାବିତ ପରିବାର | ମୋଟ ପ୍ରକଳ୍ପ ପ୍ରଭାବିତ ଲୋକସଂଖ୍ୟା | ଲିଙ୍ଗ ଆଧାରରେ ଜନସଂଖ୍ୟା | | | | ଲିଙ୍ଗ ଅନୁପାତ |
|---|---|---|---|---|---|---|---|
| | | | ପୁରୁଷ | | ମହିଳା | | |
| | | | ସଂଖ୍ୟା | % | ସଂଖ୍ୟା | % | |
| ଗ୍ରାମେଶ୍ୱରପୁର | ୫୩ | ୨୪୩ | ୧୨୨ | ୫୦.୨ | ୧୨୧ | ୪୯.୮ | ୯୯୧ |
| | **୫୩** | **୨୪୩** | **୧୨୨** | **୫୦.୨** | **୧୨୧** | **୪୯.୮** | **୯୯୧** |

*ଉତ୍ସ- ପ୍ରାଥମିକ ତଥ୍ୟ ୨୦୨୪*

## ପ୍ରଭାବିତ ଜନସଂଖ୍ୟାର ବୟସ ଅନୁଯାୟୀ ବିତରଣ

ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟରେ, ଜନସଂଖ୍ୟାକୁ ସେମାନଙ୍କ ବୟସ ଅନୁଯାୟୀ ବୟସ ବର୍ଗରେ ବର୍ଗୀକରଣ କରିବା ଦ୍ୱାରା ସାମାଜିକ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଥିବା ଉତ୍ପାଦନକ୍ଷମ ଦଳ ପ୍ରତିବଦଳରେ ସେମାନଙ୍କ ଉପରେ ନିର୍ଭର କରୁଥିବା ଲୋକଙ୍କ ସମ୍ବନ୍ଧରେ ଏକ ଧାରଣା ମିଳିଥାଏ । ସାଧାରଣତଃ ୧୯ ରୁ ୪୫ ବର୍ଷ ମଧ୍ୟରେ ଥିବା ଲୋକମାନଙ୍କୁ ସମାଜ, ପରିବାର ଏବଂ ସେମାନଙ୍କ ପରିବେଶ ନିମନ୍ତେ ସବୁଠାରୁ ଅଧିକ ସକ୍ଷମ ଲୋକ ଭାବରେ ଗଣନା କରାଯାଏ । ସର୍ବେକ୍ଷଣ କରାଯାଇଥିବା ଅଂଚଳରେ ବୟସ ଅନୁଯାୟୀ ତଥ୍ୟରୁ ଜଣାଯାଇଛି ଯେ, ପ୍ରଭାବିତ ପରିବାରରେ ୨୪୩ ଜଣ ଲୋକ ବସବାସ କରନ୍ତି, ସେମାନଙ୍କ ମଧ୍ୟରୁ ୪୯% ଲୋକ ୧୯-୪୫ ବର୍ଷ ବୟସ ବର୍ଗ ମଧ୍ୟରେ ଅଛନ୍ତି ଯେଉଁମାନେ କି ଉତ୍ପାଦନକ୍ଷମ ବର୍ଗର ଅଟନ୍ତି । ଏତଦ୍‌ବ୍ୟତିତ ଅନ୍ୟ ବର୍ଗ ୪୬-୬୦ ବର୍ଷ ବୟସ ଲୋକମାନେ ପ୍ରଭାବିତ ଜନସଂଖ୍ୟା ୨୧% ଯେଉଁମାନଙ୍କୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସକ୍ଷମ ବୋଲି କୁହାଯାଇପାରେ । ତେଣୁ ଏହା ସୂଚିତ କରୁଛି ଯେ, ସର୍ବେକ୍ଷଣ ଅଂଚଳର ପ୍ରାୟ ୭୦% ଲୋକ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ସହାୟତା ପ୍ରଦାନ କରନ୍ତି । ଆହୁରି ମଧ୍ୟ ୦-୬ ବର୍ଷ ମଧ୍ୟରେ ଏବଂ ୬-୧୮ ବର୍ଷ ମଧ୍ୟରେ ଥିବା ଜନସଂଖ୍ୟା ଯଥାକ୍ରମେ ୭.୪% ଏବଂ ୧୨.୩% । ଏତଦ୍‌ବ୍ୟତିତ, ୧୦.୩% ଲୋକ ୬୦ବର୍ଷରୁ ଅଧିକ ଯେଉଁମାନେ କି, ସେମାନଙ୍କ ପରିବାରର ରୋଜଗାରକ୍ଷମ ଲୋକମାନଙ୍କ ଉପରେ ନିର୍ଭର କରନ୍ତି ।(ସାରଣୀ-୮)

**ସାରଣୀ ୮: ବୟସ ଭିତିରେ ପ୍ରଭାବିତ ବ୍ୟକ୍ତିମାନଙ୍କରେ ବିଭାଜନ**

| ବୟକ୍ଷ | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ୦-୬ ବର୍ଷ | ୩ | ୨.୫ | ୧୫ | ୧୨.୪ | ୧୮ | ୭.୪ |
| ୭-୧୮ ବର୍ଷ | ୨୦ | ୧୬.୪ | ୧୦ | ୮.୩ | ୩୦ | ୧୨.୩ |
| ୧୯-୪୫ବର୍ଷ | ୫୯ | ୪୮.୪ | ୬୦ | ୪୯.୬ | ୧୧୯ | ୪୯.୦ |
| ୪୬-୬୦ ବର୍ଷ | ୨୬ | ୨୧.୩ | ୨୫ | ୨୦.୭ | ୫୧ | ୨୧.୦ |
| ୬୧ ବର୍ଷରୁ ଅଧିକ | ୧୪ | ୧୧.୫ | ୧୧ | ୯.୧ | ୨୫ | ୧୦.୩ |
| ସମୁଦାୟ ଜନସଂଖ୍ୟା | ୧୨୨ | ୧୦୦.୦ | ୧୨୧ | ୧୦୦.୦ | ୨୪୩ | ୧୦୦.୦ |

*ଉତ୍ସ- ସଂଗୃହିତ ପ୍ରାଥମିକ ତଥ୍ୟ ୨୦୨୬*

## ଜାତିଗତ ସଂରଚନା ଏବଂ ଧର୍ମ

ପ୍ରଭାବିତ ପରିବାରର ଜାତିଗତ ତଥ୍ୟରୁ ଜଣାଯାଇଛି ଯେ, ମୋଟ ୫୩ ଟି ସର୍ଭେ କରାଯାଇଥିବା ପରିବାର ମଧ୍ୟରୁ ସର୍ବାଧିକ ୫୦.୯% (୨୭) ସାଧାରଣ ବର୍ଗର, ଏହା ପରେ ୩୫.୮% (୨୨) ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର । ଏହା ବ୍ୟତୀତ, ୧୩.୨% (୭) ପରିବାର ଅନୁସୂଚିତ ଜାତି ବର୍ଗର ଅଟନ୍ତି । ଜମି ଅଧିଗ୍ରହଣର ଏହି ପର୍ଯ୍ୟାୟରେ ଅନୁସୂଚିତ ଜନଜାତି ବର୍ଗର କୌଣସି ପରିବାର ପ୍ରଭାବିତ ହୋଇନାହାଁନ୍ତି । ସେ ଯାହାହେଉ ଏହି ରେଳ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ସମସ୍ତ ପରିବାର ହିନ୍ଦୁ ଧର୍ମର ଅଟନ୍ତି ।




ଚିତ୍ର- ୬ ପ୍ରଭାବିତ ପରିବାରମାନଙ୍କର ସାମାଜିକ ବର୍ଗ

## ପରିବାରର ପ୍ରକାର

ବର୍ତ୍ତମାନ ଯୁଗରେ ଯୌଥ ପରିବାରର ସଂଖ୍ୟା ହ୍ରାସ ପାଇବା ଓଡିଶାର ସାଧାରଣ ପ୍ରଥା ହୋଇଯାଇଛି । ଆଧୁନିକତା ଏବଂ ଶିଳ୍ପାନ୍ୱୟନର ଫଳସ୍ୱରୁପ ଯୌଥ ପରିବାର ପ୍ରଣାଳି ଭାଙ୍ଗି ଯାଉଛି ଏବଂ ଏକକ ପରିବାରର ସଂଖ୍ୟା ବୃଦ୍ଧିପାଉଛି । ପରିବାରର ପ୍ରକାର ସମ୍ପର୍କିତ ତଥ୍ୟର ବିଶ୍ଲେଷଣରୁ ଜଣାଯାଇଛି ଯେ, ସର୍ବେକ୍ଷଣ କରାଯାଇଥିବା ପରିବାର ମଧ୍ୟରୁ ୨୨ଟି ଯୌଥ ପରିବାରରେ ବସବାସ କରନ୍ତି ଓ ୩୧ଟି ପରିବାର ଏକକ ପରିବାର ଅଟନ୍ତି । ପ୍ରାଥମିକ ସର୍ବେକ୍ଷଣରୁ ଅବଗତ ହେଲା ପରିବାରର ହାରାହାରି ଆକାର ୪.୨ ଅଟେ ।

## ବୈବାହିକ ସ୍ଥିତି

ବୈବାହିକ ସ୍ଥିତି ସମ୍ବନ୍ଧରେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଅବଗତ ହେଉଛି ଯେ, ସେମାନଙ୍କ ମଧ୍ୟରୁ ୧୪୨ଜଣ (୫୮.୮%) ବିବାହିତ ଯେତେବେଳେ କି, ୯୬ ଜଣ (୩୯.୫%) ଅବିବାହିତ ଅଟନ୍ତି । ଏହା ବ୍ୟତିତ ସମୁଦାୟ ପରିବାର ମଧ୍ୟରେ ୫ଜଣ ବିଧବା ଅଛନ୍ତି । ପରସ୍ପରଠାରୁ ଅଲଗା ହୋଇଥିବା ଦମ୍ପତିଙ୍କ ଏବଂ ଛାଡପତ୍ର ପାଇଥିବା ଲୋକ ପ୍ରଭାବିତ ପରିବାର ମଧ୍ୟରେ ନଥିବାର ପରିଲକ୍ଷିତ ହେଲା ।

## ଖ) ସାକ୍ଷରତା, ଶିକ୍ଷା ପ୍ରାପ୍ତି ଏବଂ ସ୍ୱାସ୍ଥ୍ୟ ସ୍ଥିତି

ମଣିଷର ବିକାଶ ପାଇଁ ଶିକ୍ଷା ଜରୁରୀ । ଏହା ନାଗରିକ ସମାଜରେ ଏକ ଆବଶ୍ୟକତା ଯାହା ବ୍ୟକ୍ତିଗତ ଉଦ୍ଦେଶ୍ୟ, ଚିନ୍ତା, କାରଣ, ଆକାଂକ୍ଷା ଏବଂ ଅନୁସରଣ କରିବାର କ୍ଷମତା ସହିତ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିଥାଏ । ଏହା ମଧ୍ୟ ଆତ୍ମ ସମ୍ମାନକୁ ଉନ୍ନତ କରିଥାଏ, ସାମାଜିକ ସ୍ଥିତି ଏବଂ ନିଷ୍ପତି ନେବା ଶକ୍ତି ଏବଂ ସମାଜରେ ବ୍ୟକ୍ତିର ଆତ୍ମବିଶ୍ୱାସ ସ୍ତରକୁ ବଢାଇଥାଏ । ତେଣୁ, ପ୍ରଭାବିତ ପରିବାରଗୁଡ଼ିକର ସଦସ୍ୟମାନଙ୍କ ମଧ୍ୟରେ ଶିକ୍ଷା ସ୍ତର ସମ୍ବନ୍ଧୀୟ ତଥ୍ୟ ହାସଲ କରିବା ଏବଂ ବିଶ୍ଳେଷଣ କରିବା ଗୁରୁତ୍ୱପୂର୍ଣ୍ଣ ଥିଲା । ଅଧ୍ୟୟନ ପ୍ରସଙ୍ଗରେ ଏହା ଜଣାପଡିଛି ଯେ, ମୋଟ ଜନସଂଖ୍ୟା ମଧ୍ୟରୁ ୯୬% ସାକ୍ଷର ଓ ପୁରୁଷ ସାକ୍ଷରମାନେ ମହିଳା ମାନଙ୍କ ଠାରୁ ସାମାନ୍ୟ ଅଧିକ ଅଟନ୍ତି ।

ଏହା ବ୍ୟତୀତ, ନିରକ୍ଷରମାନେ ମୋଟ ଜନସଂଖ୍ୟାର ମାତ୍ର ୪ ପ୍ରତିଶତ । ତେଣୁ, ସାମାଜିକ ସମସ୍ୟା, ପୁନର୍ବାସ ଏବଂ ପୁନର୍ବାସ ବିକଳ୍ପ, କ୍ଷତିପୂରଣ ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ନିଷ୍ପତି ବିଷୟରେ ସଚେତନତା ପ୍ରସାର କରିବା ପାଇଁ ସେମାନଙ୍କ ପାଇଁ ବିଶେଷ ପ୍ରୟାସ ଏବଂ ଧ୍ୟାନ ଦିଆଯିବ । ଏହା ବ୍ୟତୀତ, ୧୮ ଜଣ ପିଲା ୬ ବର୍ଷରୁ କମ୍ ବୟସର ଯେଉଁମାନେ ଏପର୍ଯ୍ୟନ୍ତ ବିଦ୍ୟାଳୟରେ ଯୋଗ ଦେଇ ନାହାଁନ୍ତି ।

**ସାରଣୀ-୯ ଲୋକସଂଖ୍ୟାର ଲିଙ୍ଗ ଭିତିକ ଶିକ୍ଷାଗତ ସ୍ତର**

| Sex | | ସାମାନ୍ୟ ସାକ୍ଷର | ପ୍ରାଥମିକ | ହାଇସ୍କୁଲ | ମାଟ୍ରିକ | +୨ | ସ୍ନାତକ | ପିଜି | ପେଶାଗତ | ମୋଟ |
|---|---|---|---|---|---|---|---|---|---|---|
| ପୁରୁଷ | ସଂଖ୍ୟା | ୭ | ୩୨ | ୨୮ | ୧୨ | ୧୦ | ୧୬ | ୨ | ୯ | ୧୧୬ |
| | % | ୬.୦ | ୨୭.୬ | ୨୪.୧ | ୧୦.୩ | ୮.୬ | ୧୩.୮ | ୧.୭ | ୭.୮ | ୧୦୦.୦ |
| ମହିଳା | ସଂଖ୍ୟା | ୮ | ୩୮ | ୧୬ | ୫ | ୯ | ୨୦ | ୩ | ୨ | ୧୦୧ |
| | % | ୭.୯ | ୩୭.୬ | ୧୫.୮ | ୫.୦ | ୮.୯ | ୧୯.୮ | ୩.୦ | ୨.୦ | ୧୦୦.୦ |
| ମୋଟ | ସଂଖ୍ୟା | ୧୫ | ୭୦ | ୪୪ | ୧୭ | ୧୯ | ୩୬ | ୫ | ୧୧ | ୨୧୭ |
| | % | ୬.୯ | ୩୨.୩ | ୨୦.୩ | ୭.୮ | ୮.୮ | ୧୬.୬ | ୨.୩ | ୫.୧ | ୧୦୦.୦ |

*ଉତ୍ସ- ପାରିବାରିକ ତଥ୍ୟ ୨୦୨୬*

ଏହା ମଧ୍ୟ ଦେଖାଯାଇଛି ଯେ ମୋଟ ୨୧୭ ସାକ୍ଷର ବ୍ୟକ୍ତିଙ୍କ ମଧ୍ୟରୁ ୩୨.୩% ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଅର୍ଥାତ୍ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପାଇଛନ୍ତି ଯାହା ସାକ୍ଷରମାନଙ୍କ ମଧ୍ୟରେ ସର୍ବାଧିକ ପ୍ରତିଶତ । ଦ୍ୱିତୀୟ ସର୍ବାଧିକ ୨୦.୩% ଉଚ୍ଚ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷାପ୍ରାପ୍ତ କରିଛନ୍ତି । ବିଶ୍ଳେଷଣରୁ ଏହା ମଧ୍ୟ ଜଣାପଡିଛି ଯେ ୨୪% ରୁ ଅଧିକ ସାକ୍ଷରଙ୍କ ପାଖରେ ସ୍ନାତକ ଏବଂ ଉଚ୍ଚ ଯୋଗ୍ୟତା ଅଛି । ଉଚ୍ଚ ଯୋଗ୍ୟତା ଥିବା ଲୋକଙ୍କ ମଧ୍ୟରେ ଡାକ୍ତର ଏବଂ ଅନ୍ୟାନ୍ୟ ବୃତିଗତ ତାଲିମପ୍ରାପ୍ତ ବ୍ୟକ୍ତି ଅଛନ୍ତି । ସାମଗ୍ରିକ ଭାବରେ, ଫଳାଫଳ ସୂଚିତ କରେ ଯେ ପ୍ରଭାବିତ ପରିବାରର ୪୦% ରୁ ଅଧିକ ଲୋକଙ୍କ ପାଖରେ ଉଚ୍ଚ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷାର ସୁବିଧା ଅଛି । (*ସାରଣୀ -୧୦*)

### ସ୍ୱାସ୍ଥ୍ୟ ସ୍ଥିତି ଓ ସ୍ୱାସ୍ଥ୍ୟ ସମ୍ପର୍କିତ ବ୍ୟବହାର

ଓଡିଶାବାସୀଙ୍କୁ ସୁବିଧାଜନକ, ସମାନ ତଥା ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଓଡିଶା ସରକାର ପ୍ରତିବଦ୍ଧ । ଗତ ଏକ ଦଶନ୍ଧି ମଧ୍ୟରେ ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ (NHM) ଏବଂ ରାଜ୍ୟ ବଜେଟ୍ ମାଧ୍ୟମରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଯୋଗାଣକୁ ମଜବୁତ କରିବା ପାଇଁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଅସୁରକ୍ଷିତ ସମ୍ପ୍ରଦାୟର ଆବଶ୍ୟକତା, ରାଜ୍ୟର ଏସସି ଏବଂ ଏସଟି ସମ୍ପ୍ରଦାୟ ସହିତ ପଛୁଆ ବର୍ଗଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସରକାର ଏହି ବ୍ୟବସ୍ଥା କରିଛନ୍ତି ।

ଏହାକୁ ଆଧାରକରି ସ୍ୱାସ୍ଥ୍ୟ ସମ୍ପର୍କିତ ବ୍ୟବହାର ଯେପରିକି ନିକଟବର୍ତ୍ତି ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା, ସ୍ୱାସ୍ଥ୍ୟ ସେବାର ପ୍ରକାର, ଗତ ଏକ ବର୍ଷ ମଧ୍ୟରେ ସାଧାରଣ ରୋଗର ଉପଚାର ନିମନ୍ତେ ଖର୍ଚ୍ଚ ଇତ୍ୟାଦି ସମ୍ପର୍କରେ ପ୍ରଭାବିତ ପରିବାରମାନଙ୍କର ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା । । ସର୍ବେକ୍ଷଣ ସୂଚନା ଅନୁଯାୟୀ ୫୩ ଟି ପରିବାର ମଧ୍ୟରୁ କେବଳ ୧୨ଟି ପରିବାରର ଲୋକମାନେ ସର୍ଭେ ତାରିଖ ପୂର୍ବରୁ ଗତ ୧୨ ମାସ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରେ ପ୍ରଭାବିତ ହୋଇଥିଲେ ।

ଅସୁସ୍ଥତା ଭୋଗୁଥିବା ପରିବାରର ସଦସ୍ୟମାନେ ସରକାରୀ ଓ ଘରୋଇ ଏଲୋପାଥିକ୍ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହୋଇଥିଲେ । ବିଶେଷକରି, ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉପରେ ଅଧିକାଂଶ ଲୋକ ସେମାନଙ୍କର ପ୍ରାଥମିକ ଚିକିତ୍ସା କରାଇଥାଆନ୍ତି ।

### ୫.୪.୨ ପରିବାରର ଜୀବିକା ଓ ଦାରିଦ୍ର ସ୍ଥିତି (ଆୟ, ବ୍ୟୟ ଓ ଦାରିଦ୍ର ସ୍ତର)

#### କ) ପରିବାରର ଆୟ

ଲୋକମାନଙ୍କର ଆୟର ଉତ୍ସ, ବ୍ୟୟ ପ୍ରଣାଳି, ବ୍ୟାଙ୍କସେବାର ଉପଲବ୍ଧତା, ସମ୍ପତ୍ତିର ମାଲିକାନା ଇତ୍ୟାଦି ଆଧାରରେ ଚଳଣିର ସ୍ତର ନିର୍ଣ୍ଣୟ କରାଯାଇଥାଏ । ପରିବାରର ଆୟର ସ୍ଥିତି ମଧ୍ୟ ବ୍ୟୟ ପ୍ରଣାଳିକୁ ପ୍ରଭାବିତ କରିଥାଏ । ତେଣୁ ସର୍ବେକ୍ଷଣ କରାଯାଇଥିବା ଗ୍ରାମର ପ୍ରଭାବିତ ପରିବାରର ଆୟର ସ୍ଥିତି ଉପରେ ତଥ୍ୟ ପ୍ରଦାନ କରାଯାଇଛି । ସର୍ବେକ୍ଷଣ କରାଯାଇଥିବା ପ୍ରଭାବିତ ୫୩ ପରିବାରର ମଧ୍ୟରୁ ଅଧିକାଂଶ ପରିବାର (୩୪%) ବାର୍ଷିକ ୬୦୦୦୦-୧୫୦୦୦୦ ଟଙ୍କା ରୋଜଗାର କରୁଥିଲେ, ୧୩ ପରିବାର (୨୪.୫%) ୧୫୦୦୦୦-୨୫୦୦୦୦ ଟଙ୍କା ଏବଂ ୧୧ ପରିବାର (୨୦.୮%) ବାର୍ଷିକ ୨୫୦୦୦୦-୫୦୦୦୦୦ ଟଙ୍କା ରୋଜଗାର କରୁଥିଲେ । ଏହା ବ୍ୟତୀତ, ୯ ପରିବାର (୧୭.୦%) ୫,୦୦,୦୦୦ ଟଙ୍କାରୁ ଅଧିକ ଆୟ କରୁଥିବା କରିଥିଲେ । କେବଳ ୨ ପରିବାର (୩.୮%) ବାର୍ଷିକ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି । ସାମଗ୍ରିକ ଭାବରେ, ସାରଣୀଟି ପ୍ରତିଫଳିତ କରେ ଯେ ଅଧିକାଂଶ ପରିବାରର ମଧ୍ୟମ ଆୟ ସ୍ତରର ଓ ଆୟ ପରିସରର ସର୍ବନିମ୍ନ ଏବଂ ସର୍ବୋଚ୍ଚ ସୀମାରେ ତୁଳନାତ୍ମକ ଭାବରେ କମ୍ ପରିବାର ଅଛନ୍ତି ।



ଚିତ୍ର- ୭ ପରିବାରର ଆୟର ସ୍ଥିତି

୨୦୧୪ ମସିହାରେ ରଙ୍ଗରାଜନ କମିଟିର ଦାରିଦ୍ର୍ୟତାର ଆକଳନ ସନ୍ଦର୍ଭରେ କୁହାଯାଇପାରେ ଯେ, ସହରାଂଚଳରେ ଗୋଟିଏ ପରିବାର ଯାହାର ବାର୍ଷିକ ହାରାହାରି ବ୍ୟୟ ୬୦୦୦୦/- ଟଙ୍କା ରୁ କମ୍ ହୋଇଥିଲେ ସେମାନେ ବିପିଏଲ୍ ହିସାବରେ ବିଚାରକୁ ନିଆଯିବେ । ବାର୍ଷିକ ହାରାହାରି ବ୍ୟୟ ଟଙ୍କା ୬୦୦୦୦/- କୁ ବିଚାରକୁ ନେଇ ଏବଂ ଏହାକୁ ଆୟ ସହ ତୁଳନା କରି ଏହା ଅନୁମାନ କରାଯାଉଛି ଏହି ପରିମାଣ ବ୍ୟୟ କରିବାକୁ ଜଣେ ବ୍ୟକ୍ତିର ଆୟ, ବ୍ୟୟ ର ତୁଳନା ହେବ ଏବଂ ତଦନୁଯାୟୀ ବିପିଏଲ୍ ଏବଂ ଅଣବିପିଏଲ୍ ହିସାବରେ ଭାଗ କରାଯାଇପାରେ । ତଦନୁଯାୟୀ, ଏହା

ପରିଲକ୍ଷିତ ହେଲା ଯେ ୩ଟି ପ୍ରଭାବିତ ପରିବାର ବାର୍ଷିକ ୬୦୦୦୦/- ଟଙ୍କା ରୁ କମ୍ ବର୍ଗରେ ଅନ୍ତର୍ଭୁକ୍ତ । ଆୟର ସ୍ଥିତି ସମ୍ପର୍କିତ ଉପରୋକ୍ତ ଆଲୋଚନାରୁ ଅବଗତ ହେଲା ଯେ, ସର୍ବେକ୍ଷଣ କରାଯାଇଥିବା ଅଧିକାଂଶ ପରିବାରମାନଙ୍କର ଆର୍ଥିକ ସ୍ଥିତି ଖରାପ ନୁହେଁ ।

### ଖ) ପରିବାରର ବ୍ୟୟ

ଆୟ ସହ ଖର୍ଚ୍ଚର ସମ୍ପର୍କ ସମ୍ବନ୍ଧରେ ଅବଗତ ହେବା ନିମନ୍ତେ ସର୍ବେକ୍ଷଣ କରାଯାଇଥିବା ପରିବାରର ପୂର୍ବବର୍ଷର ଖାଦ୍ୟ ଓ ଖାଦ୍ୟ ବ୍ୟତିତ ଅନ୍ୟାନ ସାମଗ୍ରୀରେ ମାସିକ ବ୍ୟୟ ପ୍ରଣାଳି ସମ୍ପର୍କରେ ବିଶ୍ଳେଷଣ କରାଯାଇଥିଲା । ସର୍ବେକ୍ଷଣ କରାଯାଇଥିବା ପରିବାରରୁ ସଂଗ୍ରହ କରାଯାଇଥିବା ତଥ୍ୟ ସୂଚିତ କରିଥିଲା ଯେ, ପ୍ରଭାବିତ ପରିବାରଗୁଡ଼ିକ ମଧ୍ୟରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ଖର୍ଚ୍ଚ ଧାରାରେ ସ୍ପଷ୍ଟ ପାର୍ଥକ୍ୟ ଦର୍ଶାଉଛି । ଖାଦ୍ୟ ଖର୍ଚ୍ଚ ମୁଖ୍ୟତଃ ନିମ୍ନ ଖର୍ଚ୍ଚ ବର୍ଗରେ କେନ୍ଦ୍ରିତ, ୩୫.୮% ପରିବାର ପ୍ରତି ମାସରେ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ୩୭.୭% ୩,୦୦୦ ଟଙ୍କାରୁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରନ୍ତି । ଆହୁରି ୨୬.୪% ପରିବାର ୫,୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖାଦ୍ୟ ଖର୍ଚ୍ଚ କରନ୍ତି, ଯେତେବେଳେ କୌଣସି ପରିବାର ପ୍ରତି ମାସରେ ୧୦,୦୦୦ ଟଙ୍କାରୁ ଅଧିକ ଖାଦ୍ୟ ଖର୍ଚ୍ଚ ରିପୋର୍ଟ କରନ୍ତି ନାହିଁ ।

ଖାଦ୍ୟ ବ୍ୟତିତ ଅନ୍ୟାନ୍ୟ ଖର୍ଚ୍ଚ ସମ୍ପର୍କରେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡିଛି ଯେ, ଅଧିକାଂଶ ପରିବାର ୫,୦୦୦ ରୁ ୧୦,୦୦୦ ଟଙ୍କା (୫୦.୯%) ଏବଂ ୧୦,୦୦୦ ଟଙ୍କା (୩୫.୮%) ରୁ ଅଧିକ ଖର୍ଚ୍ଚ କରନ୍ତି । ଅଳ୍ପ କେବଳ ପରିବାର ୫,୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରନ୍ତି । ଏହି ବିଶ୍ଳେଷଣ ସୂଚାଇଥାଏ ଯେ, ଖାଦ୍ୟ ବ୍ୟତିତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ, ଲୋକମାନେ ସାମାଜିକ ଉତ୍ସବ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଏବଂ ପିଲାମାନଙ୍କ ପାଠପଢାରେ ଅଧିକ ଖର୍ଚ୍ଚ କରୁଛନ୍ତି ।




ଚିତ୍ର- ୮ ପ୍ରଭାବିତ ପରିବାରମାନଙ୍କର ମାସିକ ବ୍ୟୟ

### ଗ) ଋଣଗ୍ରସ୍ତତା

ଗ୍ରାମାଂଚଳରେ, ଘରର ଆର୍ଥିକ ସ୍ଥିତି ମାପିବା ପାଇଁ ଋଣ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ । ଏହି ପରିପ୍ରେକ୍ଷୀରେ, ପ୍ରଭାବିତ ପରିବାରର ଋଣ ପରିସ୍ଥିତି ସୂଚାଏ ଯେ ୩୩ଟି ପ୍ରଭାବିତ ପରିବାର ସେମାନଙ୍କର ଜରୁରୀକାଳୀନ ଆବଶ୍ୟକତା ପୂରଣ ପାଇଁ ବିଭିନ୍ନ ଉଦ୍ଦେଶ୍ୟରେ ଋଣ ନେଇଛନ୍ତି । ବ୍ୟକ୍ତିଗତ କ୍ଷମତା ଉପରେ ପରିବାରର ପରିବାରର ମୁଖ୍ୟ (୯), ପତି/ପତ୍ନୀ (୨୧) ଏବଂ ବୋହୂ (୩) ଏହି ଋଣ ନେଇଛନ୍ତି । ଋଣର ଉତ୍ସ ବିଷୟରେ, ଜଣାଯାଇଛି ଯେ ସମସ୍ତ ଋଣଗ୍ରସ୍ତ ପରିବାର ସମବାୟ ବ୍ୟାଙ୍କ (୦୫), ଏନଜିଓ (୦୩) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (୨୫) ଭଳି ବିଭିନ୍ନ ଉତ୍ସରୁ ଋଣ ନେଇଛନ୍ତି । ଏହା ସହିତ, ଏହା ମଧ୍ୟ ଜଣାଯାଇଛି ଯେ ସମସ୍ତ ଋଣଭାରଗ୍ରସ୍ତ ପରିବାର ସେମାନଙ୍କର ଉତ୍ପାଦନଶୀଳ ନିବେଶ, ଜରୁରୀକାଳୀନ ଆବଶ୍ୟକତା ପୂରଣ ଏବଂ ଘର ନିର୍ମାଣ ଇତ୍ୟାଦି ପାଇଁ ଋଣ ଦେଇଛନ୍ତି ।

### ଘ) ଦାରିଦ୍ରତାର ସ୍ତର

ସହରାଂଚଳରେ ଦାରିଦ୍ର୍ୟ ହ୍ରାସ ପାଇଁ ନୀତି ଆୟୋଗର ହସ୍ତକ୍ଷେପ ଏବଂ SDG ର ନିୟମ, ଦାରିଦ୍ର୍ୟ ମାପିବା, ଗରିବ ଲୋକଙ୍କୁ ଚିହ୍ନିବା ଏବଂ ଦାରିଦ୍ର ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ସି. ରଙ୍ଗରାଜନ୍ କମିଟି ମଧ୍ୟ ଗ୍ରାମାଂଚଳରେ ମୁଣ୍ଡପିଛା ଖର୍ଚ୍ଚ ୯୭୨ ଟଙ୍କା ଏବଂ ସହରାଂଚଳରେ ୧,୪୦୭ ଟଙ୍କା ସାରା ଭାରତ ସ୍ତରରେ ଦାରିଦ୍ର ସୀମାରେଖା ହିସାବ କରିଛି । ବର୍ତ୍ତମାନର ଅଧ୍ୟୟନରେ, ମୁଣ୍ଡପିଛା ସମାନ ମାସିକ ବ୍ୟୟ ପ୍ରଭାବିତ ପରିବାରରେ ହାରାହାରି ପରିବାରର ଆକାର ୫.୪ ଏବଂ ଶେଷରେ ୬୦,୦୦୦ / - ଟଙ୍କା ନେଇ ବାର୍ଷିକ ପରିବାର ଖର୍ଚ୍ଚରେ ରୂପାନ୍ତରିତ ହୋଇଛି ଓ ଦାରିଦ୍ରତାର ସ୍ତର ଅଧ୍ୟୟନ ପାଇଁ ମାନଦଣ୍ଡ ପାଇଁ ବିବେଚନା କରାଯାଇଛି । ଉପରୋକ୍ତ ପଦ୍ଧତିକୁ ଗ୍ରହଣ କରି ଏହା ପ୍ରକାଶ ପାଇଲା ୨ଟି ଜମି ହରାଉଥିବା ପରିବାର ଦାରିଦ୍ରରେ ସୀମାରେଖା ତଳେ ଅଛନ୍ତି । ଏଠାରେ ଉଲ୍ଲେଖ କରିବାକୁ ହେବ ଯେ ଏହି ଦାରିଦ୍ର୍ୟ ଆକଳନ କେବଳ ବର୍ତମାନର ଅନୁସନ୍ଧାନ ଅଧ୍ୟୟନ ଉଦ୍ଦେଶ୍ୟ ପାଇଁ ପ୍ରସ୍ତୁତ ହୋଇଛି, ତେଣୁ ବିପିଏଲ୍ ପରିବାରଗୁଡିକ ପାଇଁ କୌଣସି ସୁବିଧା ପାଇବାକୁ ଯୋଗ୍ୟ ବ୍ୟକ୍ତି ହେବା ପାଇଁ ପ୍ରଯୁଜ୍ୟ ନୁହେଁ । ବିଶ୍ଳେଷଣ ସୂଚାଇ ଦେଉଛି ଯେ ଜାତିସଂଘ ଏସଡିଜି ସହିତ ଘନିଷ୍ଠତା ହେତୁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଯାହା ସହରାଂଚଳବାସୀଙ୍କୁ ଦାରିଦ୍ର୍ୟ ଦୂର କରିବାରେ ତଥା ସେମାନଙ୍କର ଜୀବନ ମାନ ନିର୍ଦ୍ଧାରଣ କରିବାରେ ସକ୍ଷମ ହୋଇଛି ।

ଏହା ସହିତ, ଅଧ୍ୟୟନରେ ପ୍ରଭାବିତ ପରିବାରଗୁଡ଼ିକର ରାସନ କାର୍ଡ ମାଲିକାନା ଆଧାରରେ ସେମାନଙ୍କର ଦାରିଦ୍ର୍ୟ ସ୍ଥିତି ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା । ବିଶ୍ଳେଷଣରୁ ଜଣାପଡିଛି ଯେ ମୋଟ ୫୩ ପରିବାର ମଧ୍ୟରୁ ୪୨ (୭୯.୨%)ଙ୍କ ପାଖରେ ରାସନ କାର୍ଡ ଅଛି ଏବଂ ସେମାନେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଲାଭ ଉଠାଉଛନ୍ତି ।

### ୫.୪.୩ ପ୍ରଭାବିତ ଅବହେଳିତ ପରିବାର

ଦୁର୍ବଳ ଗୋଷ୍ଠୀ ହେଉଛି ସେହି ଗୋଷ୍ଠୀ ଯାହାକି ଯେକୌଣସି ପରିସ୍ଥିତିରେ ଅସୁରକ୍ଷିତ ହୋଇପାରେ (ଯଥା ଯେଉଁଠାରେ ବୟସ୍କମାନେ ଅକ୍ଷମତା, ଅସୁସ୍ଥତା, ବୟସ, ଲିଙ୍ଗ କିମ୍ବା ଅନ୍ୟାନ୍ୟ ବୈଶିଷ୍ଟ୍ୟ କାରଣରୁ ଘର ପାଇଁ ପର୍ଯ୍ୟାପ୍ତ ଜୀବିକା ଯୋଗାଇବାରେ ଅସମର୍ଥ), ଏବଂ ଯାହାର ଆୟର ଉତ୍ସ ପର୍ଯ୍ୟାପ୍ତ ନୁହେଁ । ଭେଦଭାବର ସମ୍ମୁଖୀନ ହେଉଥିବା ଅସୁରକ୍ଷିତ ଗୋଷ୍ଠୀ ଅନ୍ତର୍ଭୁକ୍ତ ଲୋକମାନେ ହେଉଛନ୍ତି- ମହିଳା, ବୃଦ୍ଧାବସ୍ଥା, ଶାରୀରିକ ଏବଂ ମାନସିକ ଅକ୍ଷମତା ଇତ୍ୟାଦି ବେଳେବେଳେ ପ୍ରତ୍ୟେକ ଗୋଷ୍ଠୀ ସେମାନଙ୍କର ଏକାଧିକ ଦୁର୍ବଳତା ହେତୁ ଏକାଧିକ ପ୍ରତିବନ୍ଧକ ସାମ୍ନା କରନ୍ତି । ଅଧ୍ୟୟନ ସମୟରେ, ଉପରୋକ୍ତ ସାମାଜିକ ସ୍ତରୀକରଣକୁ ବିଚାର କରି ପରିବାରର ଦୁର୍ବଳତା ସ୍ଥିତିକୁ ମୂଲ୍ୟାଙ୍କନ କରାଯାଇଥିଲା




ଚିତ୍ର- ୯ ଅବହେଳିତ ପରିବାର

ଅନୁସନ୍ଧାନରୁ ଜଣାପଡିଛି ଯେ ମୋଟ ସର୍ଭେ କରାଯାଇଥିବା ପରିବାର ମଧ୍ୟରୁ ୭ ଟି ଅନୁସୂଚିତ ଜାତିର ଦୁର୍ବଳ ପରିବାର, ୪ ଟି ପରିବାରର ମହିଳା ମୁଖ୍ୟ ଏବଂ କେବଳ ଗୋଟିଏ ପରିବାରରେ ଦିବ୍ୟାଙ୍ଗ ସଦସ୍ୟ ଅଛନ୍ତି । ଏହା ମଧ୍ୟ ପ୍ରକାଶ ପାଇଛି ଯେ, ୭ ଟି ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଣେ ମାନସିକ ଅନଗ୍ରସର ଏବଂ ଅନ୍ୟମାନେ ଶାରୀରିକ ଭାବରେ ଅକ୍ଷମ । ଉପରୋକ୍ତ ସାରଣୀରୁ, ଏହା ଦେଖାଯାଇଛି ଯେ ପ୍ରଭାବିତ ପରିବାରର ଏକ ନଗଣ୍ୟ ପ୍ରତିଶତ ଦୁର୍ବଳ ବର୍ଗରେ ଅଛନ୍ତି ।

### ୫.୪.୪ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ

ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି ସମ୍ପର୍କରେ, ଏହା ଦେଖାଯାଇଛି ଗ୍ରାମରେ ଦୁଇଟି ମନ୍ଦିର, ଗ୍ରାମେଶ୍ୱରଦେବଙ୍କ ଗୋଟିଏ ଉତ୍ସବ ସ୍ଥାନ, ଗୋଟିଏ ଭଜନ ମଣ୍ଡଳ ଏବଂ ତିନୋଟି ଶ୍ମଶାନ ଭୂମି ଇତ୍ୟାଦି ଅବସ୍ଥିତ । ଏହା ବ୍ୟତୀତ, ପ୍ରକଳ୍ପ ଗ୍ରାମରେ ୩୦ ଟି ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି ଏବଂ ଅଧିକାଂଶ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ।

### ୫.୪.୫ ଜମିର ବ୍ୟବହାର ଏବଂ ଜୀବିକା

ଗ୍ରାମେଶ୍ୱରପୁର ଗ୍ରାମର ରାଜୁଆ ଡାଇଭର୍ସନ ଅଧୀନରେ ଥିବା ବ୍ରଜମୋହନପୁର ସବ-ମାଇନର-୨ ପାଇଁ ମୋଟ ୨.୬୮୮୦ ଏକର ଜମି ଅଧିଗ୍ରହଣ କରାଯିବ । ଏହି ଜମିଗୁଡ଼ିକ ମଧ୍ୟରେ ସାରଦ ଅଣ-ଜଳସେଚିତ, ଓରାମ ଏବଂ ବନ୍ଧକୁଳ କିସମ ଅନ୍ତର୍ଭୁକ୍ତ । ସର୍ଭେରୁ ଜଣାପଡ଼ିଛି ଯେ ପ୍ରଭାବିତ ପରିବାର ବର୍ତ୍ତମାନ ଏହି ଜମିକୁ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି ।

ଏହା ସହିତ, ଏହା ମଧ୍ୟ ଜଣାଯାଇଛି ଯେ ୫୩ ପ୍ରଭାବିତ ପରିବାରମାନଙ୍କ ପାଖରେ ମୋଟ ୭୫.୩୬୭ ଏକର ଜମି ଉପଲବ୍ଧ । ପ୍ରଭାବିତ ପରିବାରର ମାଲିକାନାରେ ଥିବା ମୋଟ ଜମି ମଧ୍ୟରୁ ସର୍ବାଧିକ ୬୨.୩୬୫ ଏକର (୮୨.୭%) ଜମି ଚାଷ ପାଇଁ ବ୍ୟବହୃତ ହେଉଥିଲା ଏବଂ ଜଳସେଚନ ଅଭାବରୁ ୭.୧୩୦ ଏକର (୯.୪%) ଜମି ବ୍ୟବହାର ହେଉନଥିଲା । କେବଳ ୫.୮୭୨ ଏକର (୭.୮%) ଜମି ଆବାସିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି ଏବଂ ପ୍ରଭାବିତ ପରିବାର ଏବେ ସେଠାରେ ରହୁଛନ୍ତି ।

ପ୍ରଭାବିତ ଲୋକଙ୍କ ଜୀବିକା କୃଷି କାର୍ଯ୍ୟକଳାପ, ଦୈନିକ ମଜୁରୀ ଏବଂ ଦରମାପ୍ରାପ୍ତ ଚାକିରି ଉପରେ ନିର୍ଭର କରେ ।

ପଶୁ ସମ୍ପଦ ଏକ ବିକଳ୍ପ ଜୀବିକା ଭାବରେ ବିଚାର କରାଯାଏ ଯାହା ପରିବାରର ତୁରନ୍ତ ଆବଶ୍ୟକତା ପାଇଁ ଅର୍ଥ ଯୋଗାଇଥାଏ । ତେଣୁ ସାମାଜିକ ପ୍ରଭାବ ଆକଳନ ସମୟରେ ପଶୁ ସମ୍ପଦ ସମ୍ପର୍କରେ ତଥ୍ୟ ସଂଗ୍ରହକୁ ପ୍ରାଧାନ୍ୟ ଦିଆ ଯାଇଥିଲା ଏବଂ ତଥ୍ୟ ସୂଚିତ କରିଥିଲା ଯେ, ୧୬ ପରିବାରର ରୋଜଗାରର ଉତ୍ସ ଭାବରେ ଗାଈ ଏବଂ ୨ ପରିବାରର ଛେଳି ରହିଛି । ପଶୁ ସମ୍ପଦର ସଂଖ୍ୟା ଅତି ଦୃତ ଗତିରେ ହ୍ରାସ ପାଉଛି କାରଣ ଲୋକମାନେ ଦିନକୁ ଦିନ ଅଧିକ ଆନନ୍ଦଦାୟକ ଓ ବିଳାସପୂର୍ଣ୍ଣ ଜୀବନଯାପନ କରିବାକୁ ଚାହୁଁଛନ୍ତି ତା ସହିତ ପେଶାରେ ପରିବର୍ତ୍ତନ ହେତୁ ପଶୁଧନ ପାଳନରେ ହ୍ରାସ ପାଉଛି ।

### ୫.୪.୬ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପ (ରୋଜଗାର)

କୌଣସି ଲୋକର ପେଷା ତାହାର ନିଯୁକ୍ତିର ପ୍ରକୃତି ସହିତ ଅର୍ଥନୈତିକ ସ୍ଥିତି ଏବଂ ଚଳଣିର ସ୍ତରକୁ ନିର୍ଦ୍ଧାରିତ କରିଥାଏ । ଉପରୋକ୍ତ କିଛି ତଥ୍ୟକୁ ବିଚାରକୁ ନେଇ, PAP ର ମୁଖ୍ୟ ବୃତ୍ତି ସମ୍ବନ୍ଧୀୟ ସୂଚନା ସଂଗ୍ରହ କରାଯାଇଛି ଯାହା ଦ୍ୱାରା ପ୍ରକଳ୍ପ ସମ୍ବନ୍ଧୀୟ ପ୍ରଭାବଗୁଡିକ ଆକଳନ କରାଯାଇପାରିବ । ପ୍ରଭାବ ମୂଲ୍ୟାଙ୍କନ ଉପରେ ଆଧାର କରି, ଆୟ ଉତ୍ପାଦନ ପଦ୍ଧତି ଏବଂ ପୁନର୍ବାସ ଯୋଜନା ସେହି ଅନୁଯାୟୀ ପ୍ରସ୍ତୁତ ହେବା ଆବଶ୍ୟକ । ତଥ୍ୟରୁ ଅବଗତ ହେଲା ଯେ, ସମୁଦାୟ ୨୪୩ ଜନସଂଖ୍ୟା ମଧ୍ୟରୁ ୧୧୦ ଜଣ (୪୫%) ଦୈନିକ ମଜୁରୀ, ଚାକିରି, ବ୍ୟବସାୟ ଏବଂ ଅନ୍ୟାନ୍ୟ ଆତ୍ମନିର୍ଭରଶୀଳ କାର୍ଯ୍ୟକଳାପ ଭଳି ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ନିୟୋଜିତ । ତଥାପି, ଏହା ଅନୁମାନ କରାଯାଇପାରେ ଯେ ଏହି ୧୧୦ଜଣ ରୋଜଗାର କରୁଥିବା ଲୋକ ୫୩ଟି ପରିବାରରେ ବାସ କରୁଛନ୍ତି ଯାହା ଦର୍ଶାଏ ଯେ ପ୍ରତ୍ୟେକ ପ୍ରଭାବିତ ପରିବାରର ହାରାହାରି ୨ ରୋଜଗାରକାରୀ ସଦସ୍ୟ ଅଛନ୍ତି ।

**ସାରଣୀ ୧୦: ପେଶା ଅନୁଯାୟୀ ପ୍ରଭାବିତ ଲୋକମାନଙ୍କର ବିତରଣ**

| ଗ୍ରାମ | ଲିଙ୍ଗ | କୃଷିକାର୍ଯ୍ୟ | ଦିନ ମଜୁରୀ | ଚାକିରି | ବ୍ୟବସାୟ | ସ୍ୱ-ରୋଜଗାରୀ | ପେନ୍ସନ୍ | ସରକାରୀ ଯୋଜନାରୁ ଆୟ | ସମୁଦାୟ |
|---|---|---|---|---|---|---|---|---|---|
| ବ୍ରଜମୋହନପୁର | ପୁରୁଷ | ୩୭ | ୧୧ | ୧୨ | ୫ | ୧୨ | ୫ | ୩ | ୮୫ |
| | | ୪୩.୫ | ୧୨.୯ | ୧୪.୧ | ୫.୯ | ୧୪.୧ | ୫.୯ | ୩.୫ | ୧୦୦.୦ |
| | ମହିଳା | ୩ | ୦ | ୩ | ୦ | ୧ | ୧ | ୧୭ | ୨୫ |
| | | ୧୨.୦ | ୦.୦ | ୧୨.୦ | ୦.୦ | ୪.୦ | ୪.୦ | ୬୮.୦ | ୧୦୦.୦ |
| | ମୋଟ | ୪୦ | ୧୧ | ୧୫ | ୫ | ୧୩ | ୬ | ୨୦ | ୧୧୦ |
| | | ୩୬.୪ | ୧୦.୦ | ୧୩.୬ | ୪.୫ | ୧୧.୮ | ୫.୫ | ୧୮.୨ | ୧୦୦.୦ |

*ଉତ୍ସ- ସଂଗୃହିତ ପ୍ରାଥମିକ ତଥ୍ୟ ୨୦୨୬*

ଅଧ୍ୟୟନରୁ ଜଣାପଡିଛି ଯେ ମୋଟ କର୍ମଜୀବୀ ଜନସଂଖ୍ୟା (୧୧୦) ମଧ୍ୟରୁ ସର୍ବାଧିକ ୪୦ଜଣ (୩୬.୪%) ଚାଷୀ, ଯାହା ଆୟ ଏବଂ ଖାଦ୍ୟ ପାଇଁ ଜମି ଏବଂ କୃଷି କାର୍ଯ୍ୟକଳାପ ଉପରେ ଉଚ୍ଚ ନିର୍ଭରଶୀଳତାକୁ ସୂଚିତ କରେ। ପ୍ରାୟ ୧୩.୬% ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିୟୋଜିତ ବେତନଭୋଗୀ କର୍ମଚାରୀ ଓ ୪.୫% ବ୍ୟବସାୟିକ କାର୍ଯ୍ୟକଳାପରେ ଜଡିତ। ଏହା ବ୍ୟତୀତ, ଜନସଂଖ୍ୟାର ୫.୫% ପେନସନଧାରୀ ଏବଂ ୧୮.୨% ସାମାଜିକ ସୁରକ୍ଷା ପେନସନ ଯୋଜନାର ହିତାଧିକାରୀ ଅଟନ୍ତି। ଏହା ବ୍ୟତୀତ, ୧୦.୦% ଲୋକ କୃଷି ଏବଂ ଅଣ-କୃଷି କ୍ଷେତ୍ରରେ ଦୈନିକ ମଜୁରିଆ ଭାବରେ ନିୟୋଜିତ। ସାରଣୀ-୧୦ ସର୍ଭେ କରାଯାଇଥିବା ପରିବାରଗୁଡ଼ିକର ବୃତିଗତ ପ୍ରୋଫାଇଲ୍ ଦର୍ଶାଏ।

ବିଶ୍ଳେଷଣରୁ ଦେଖାଯାଇଛି ଯେ କର୍ମଜୀବୀ ଜନସଂଖ୍ୟା ମଧ୍ୟରେ ୭୦ ଜଣ ଅଣ-କୃଷି କାର୍ଯ୍ୟକଳାପରେ ସେମାନଙ୍କର ପ୍ରାଥମିକ ବୃତ୍ତି ଭାବରେ ନିୟୋଜିତ ଅଛନ୍ତି। କିନ୍ତୁ ଯେତେବେଳେ ଆମେ ଦ୍ୱିତୀୟ ଉତ୍ସକୁ ବିଶ୍ଳେଷଣ କଲୁ, ସେତେବେଳେ ଜଣାପଡିଲା ଯେ ସମସ୍ତ ପରିବାର ସେମାନଙ୍କର ମୁଖ୍ୟ ବୃତ୍ତି ସହିତ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ। ତେଣୁ, ଜମି ଅଧିଗ୍ରହଣ ସେମାନଙ୍କ ବର୍ତ୍ତମାନର ଆୟର ଏକ ଅଂଶକୁ ପ୍ରଭାବିତ କରିପାରେ ଯାହାକୁ କ୍ଷତିପୂରଣ ରାଶି ମାଧ୍ୟମରେ ପରିଚାଳିତ କରାଯାଇପାରିବ। ତଥାପି, ପ୍ରଭାବିତ ଜନସଂଖ୍ୟା ମଧ୍ୟରେ, ୫୫ ପ୍ରତିଶତ କୌଣସି ରୋଜଗାକ୍ଷମ କାର୍ଯ୍ୟ କରନ୍ତି ନାହିଁ ଓ ସେମାନେ ପରିବାର ଉପରେ ନିର୍ଭରଶୀଳ।

### ୫.୪.୭ ସ୍ଥାନୀୟ ଜୀବିକାର ଉତ୍ସ

ଖୋର୍ଦ୍ଧା ତହସିଲ ଅଂଚଳରେ ଉଭୟ ଗ୍ରାମାଂଚଳ ଓ ସହରାଂଚଳ ଲୋକମାନଙ୍କର ସ୍ଥାନୀୟ ଜୀବିକା କୃଷି, ଶିଳ୍ପ ଏବଂ ଚାକିରିଭତ୍ତିକ କାର୍ଯ୍ୟକଳାପ ଉପରେ ନିର୍ଭର କରେ। ଗ୍ରାମୀଣ ପରିବାରଗୁଡିକ ସେମାନଙ୍କର ରୋଜଗାର ପାଇଁ ମୁଖ୍ୟତଃ କୃଷି ଉପରେ ନିର୍ଭର କରନ୍ତି। ଏହି ଅଂଚଳର ମୁଖ୍ୟ ଫସଲ ହେଉଛି ଧାନ ଓ ପନିପରିବା ଯାହାକି ଜଳସେଚିତ ଓ ବର୍ଷାଜଳ ଉପରେ ନିର୍ଭର କରୁଥିବା ଜମିରେ କରାଯାଇଥାଏ। ଏହା ବ୍ୟତିତ ଡାଲି, ତୈଳବୀଜ ଓ ଉଦ୍ୟାନ କୃଷି ମଧ୍ୟ ପରିବାରର ରୋଜଗାରରେ ସହାୟକ ହୁଏ। ଭୁବନେଶ୍ୱର ସହର ଓ ଏହାର ଆଖପାଖ ଅଂଚଳରେ ଅଣକୃଷି ଭିତିକ କାର୍ଯ୍ୟ ଉପଲବ୍ଧ ଥିବା ବେଳେ ମଧ୍ୟ ଜିଲ୍ଲାରେ ୩୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏହା ବ୍ୟତିତ ନିକଟସ୍ଥ ଉପକୂଳବର୍ତ୍ତୀ ଅଂଚଳରେ ଲୋକମାନେ ମାଛଚାଷ ଓ ମତ୍ସ୍ୟଭିତ୍ତିକ ଜୀବିକା ମଧ୍ୟ କରିବାର ସୁଯୋଗ ମଧ୍ୟ ରହିଛି। ଗ୍ରାମୀଣ ପରିବାରଗୁଡିକ ପଶୁପାଳନ ଏବଂ ପାମ୍ପାରିକ ହସ୍ତଶିଳ୍ପ ଭଳି କ୍ଷୁଦ୍ର ଉଦ୍ୟୋଗରୁ ମଧ୍ୟ ରୋଜଗାର କରନ୍ତି। କୃଷି ବ୍ୟତିତ, ଭୁବନେଶ୍ୱର ଏବଂ ଏହାର ଆଖପାଖରେ ଶିଳ୍ପାଂଚଳ, ଆଇଟି ପାର୍କ ଓ ଚାକିରୀ କ୍ଷେତ୍ରରୁ ଅଣକୃଷିଜନିତ

ନିଯୁକ୍ତି ଯଥା, ନିର୍ମାଣ, ପରିବହନ, ବ୍ୟବସାୟ ଓ ସେବା କ୍ଷେତ୍ରରେ ମଧ୍ୟ ସୃଷ୍ଟି ହୋଇଛି ଯାହାକି ଲୋକମାନଙ୍କର ଆୟ ବୃଦ୍ଧିରେ ସହାୟକ ହୋଇଛି । କୃଷି ଉଦ୍ୟୋଗ ଏବଂ ଜୀବିକା ସହାୟତାକୁ ପ୍ରୋତ୍ସାହନ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ କୃଷି ଉଦ୍ୟୋଗ ଓ କ୍ଷୁଦ୍ରଚାଷୀଙ୍କ ମଧ୍ୟରେ ଦକ୍ଷତା ବିକାଶ କରିବାର ସୁଯୋଗ ମଧ୍ୟ ରହିଛି ।

**୫.୪.୮ ବାସସ୍ଥାନ ପରିବେଶର ଗୁଣବତ୍ତା :** (ବାସଗୃହର ଅବସ୍ଥା, ମୌଳିକ ସୁବିଧା ସୁଯୋଗ ଏବଂ ସମ୍ପତ୍ତି)

ପରିବାରର ଉନ୍ନତିରେ ବାସଗୃହର ମୁଖ୍ୟ ଭୂମିକା ରହିଛି । ବର୍ତ୍ତମାନର ସମାଜରେ ପକ୍କା ଘର ଲୋକମାନଙ୍କର ଏକ ମୌଳିକ ଆବଶ୍ୟକତା ଭାବରେ ପରିଲକ୍ଷିତ ହେଉଛି । ଏହା ଗ୍ରାମାଂଚଳର ପରିବାରମାନଙ୍କ ପାଇଁ ପରିଚୟ, ସମ୍ମାନ ଏବଂ ସାମାଜିକ ସ୍ଥିତିର ପ୍ରତୀକ ଅଟେ । ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି ପାଇଁ ଓଡିଶା ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି ଏବଂ ଗ୍ରାମୀଣ ଗୃହ କାର୍ଯ୍ୟକ୍ରମ ଅଧୀନରେ ଏକ ସର୍ବଭାରତୀୟ ମିଶନରେ କଚ୍ଚା ଘରେ ରହୁଥିବା ସମସ୍ତ ଗ୍ରାମୀଣ ପରିବାରକୁ ପକ୍କା ଘର ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ-ଆର୍ଥିକ ଅଧ୍ୟୟନରେ ଘରର ଢାଂଚା ଏବଂ ମୌଳିକ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହେବା ମହତ୍ୱପୂର୍ଣ୍ଣ ଅଟେ । ଏହିପରି ପ୍ରଭାବିତ ପରିବାରର ଘରର ଢାଂଚା, ଏହାର ବ୍ୟବହାର, ଘରର ଅବସ୍ଥାର ବିଭିନ୍ନ ଉପାଦାନ, ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ଇତ୍ୟାଦି ସମ୍ପର୍କରେ ଦୃଷ୍ଟି ଦିଆଯାଇଥିଲା ଏବଂ ସର୍ବେକ୍ଷଣ ସମୟରେ ଏ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥିଲା ।

**କ) ଘରର ଅବସ୍ଥା**

ଘରର ପ୍ରକାର ବିଷୟରେ, ସୂଚନାରୁ ଜଣାଯାଇଛି ଯେ ସମସ୍ତ ୫୩ଟି ପରିବାର ସେମାନଙ୍କ ନିଜ ଘରେ ରହୁଛନ୍ତି । ଗୃହ ନିର୍ମାଣ ବିଷୟରେ, ସୂଚନା ମୁତାବକ, ୪୯ଟି ପରିବାର କଂକ୍ରିଟ ଛାତ ଥିବା ଘର ଅଛି ଓ ୪ଟି ପରିବାରର ଆଜବେଷ୍ଟସ୍ ଘର ଅଛି । ଏହାର ଅର୍ଥ, ସମସ୍ତ ପ୍ରଭାବିତ ପରିବାର ପକ୍କା ଘରେ ରହୁଛନ୍ତି । ପ୍ରଭାବିତ ପରିବାରର କାନ୍ଥଗୁଡ଼ିକର ଗଠନ ଦର୍ଶାଉଛି ଯେ, ଅଧିକାଂଶ ୪୯ ଘର (୯୨.୫%) ଇଟା ସହିତ ସିମେଂଟ ନିର୍ମିତ କାନ୍ଥ ବ୍ୟବହାର କରୁଛନ୍ତି । କେବଳ ୪ ଘର (୭.୫%) ମାଟି ସହିତ ଇଟା ପ୍ରକାରର କାନ୍ଥ ବ୍ୟବହାର କରୁଛନ୍ତି, ଯାହା ତୁଳନାତ୍ମକ ଭାବରେ ଦୁର୍ବଳ ଘରଗୁଡ଼ିକରେ ରହୁଥିବା ପରିବାରର ଏକ ଛୋଟ ଅଂଶକୁ ଦର୍ଶାଉଛି ।




ଚିତ୍ର- ୧୦ ପ୍ରଭାବିତ ପରିବାରମାନଙ୍କର ବାସଗୃହର ପ୍ରକାର

**ସାରଣୀ ୧୧ : ପ୍ରଭାବିତ ଲୋକମାନଙ୍କର ବାସଗୃହର ଗଠନ ପ୍ରଣାଳୀ**

| | | କାନ୍ଥର ଗଠନ | | | ଚଟାଣର ଗଠନ | | | |
|---|---|---|---|---|---|---|---|---|
| ଗ୍ରାମ | | ମାଟି ସହିତ ଇଟା | ଇଟା ସହିତ ସିମେଂଟ | ସମୁଦାୟ | ମାଟି | ସିମେଂଟ | ଟାଇଲ୍ | ସମୁଦାୟ |
| ଗ୍ରାମେଶ୍ୱରପୁର | N | ୪ | ୪୯ | ୫୩ | ୪ | ୩୭ | ୧୨ | ୫୩ |
| | % | ୭.୫ | ୯୨.୫ | ୧୦୦.୦ | ୭.୫ | ୬୯.୮ | ୨୨.୬ | ୧୦୦.୦ |

ଘରର ଗଠନ ସମ୍ପର୍କରେ ଜଣାଯାଇଛି ଯେ, ଅଧିକାଂଶ ପରିବାରରେ ଉନ୍ନତ ମାନର ଘର ରହିଛି । ୩୭ଟି ଘରର (୬୯.୮%) ଚଟାଣ ସିମେଂଟ ରେ ତିଆରି, ୧୨ଟି ଘରର (୨୨.୬%) ଚଟାଣ ଟାଇଲ୍ ମହଲା ରେ ନିର୍ମିତ । କେବଳ ୪ଟି ଘରେ (୭.୫%) ମାଟିର ଚଟାଣ ରହିଛି, ଯାହା ସୂଚାଇଥାଏ ଯେ ବହୁତ କମ୍ ପରିବାର କଚ୍ଚା କିମ୍ବା ଅର୍ଦ୍ଧ-କଚ୍ଚା ଘରେ ବାସ କରନ୍ତି । ମୋଟ ଉପରେ, ଅଧିକାଂଶ ପ୍ରଭାବିତ ପରିବାରର ବାସସ୍ଥାନ ତୁଳନାତ୍ମକ ଭାବରେ ଭଲ ଅଟେ ।

### ଖ) ମୌଳିକ ସୁବିଧା ଭିତ୍ତିଭୂମି

ସ୍ୱଚ୍ଛ ଭାରତ ହାସଲ କରିବା, ଓଡିଶାର ଖୋଲା ମଳତ୍ୟାଗକୁ ମୁକ୍ତ କରିବା ତଥା କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ମାଧ୍ୟମରେ ସ୍ୱଚ୍ଛତାର ସ୍ତରରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ବହୁମୁଖୀ ଆଭିମୁଖ୍ୟ ଆରମ୍ଭ କରିଛନ୍ତି । ଏହି ସଂକଳ୍ପକୁ ସୂଚୀତ କରି ତଥ୍ୟ ସଂଗ୍ରହ ପ୍ରକ୍ରିୟା ସମୟରେ ପ୍ରଭାବିତ ପରିବାରର ମୌଳିକ ସୁବିଧା ଏବଂ ପରିମଳ ସୁବିଧାକୁ ମୂଲ୍ୟାଙ୍କନ କରାଯାଇଛି  ।

**ସାରଣୀ ୧୨: ପ୍ରଭାବିତ ପରିବାରମାନଙ୍କର ବାସଗୃହରେ ଉପଲବ୍ଧ ମୌଳିକ ସୁବିଧା**

| ସମୁଦାୟ | ଗୃହପାଳିତ ପଶୁମାନଙ୍କ ପାଇଁ ଘର | ଘରଭିତରେ ଗାଧୁଆଘର | ଘରଭିତରେ କିମ୍ବା ଘର ନିକଟରେ ପାଇଖାନା | ଧୁଆଧୁଇ ନିମନ୍ତେ ସ୍ଥାନ | ବିଦ୍ୟୁତ ସଂଯୋଗ ବ୍ୟବସ୍ଥା |
|---|---|---|---|---|---|
| ୫୩ | ୨୭ | ୨୪ | ୨୬ | ୩୧ | ୫୩ |
| ୧୦୦.୦ | ୫୦.୯ | ୪୫.୩ | ୪୯.୧ | ୫୮.୫ | ୧୦୦.୦ |

*ଉତ୍ସ- ସଂଗୃହିତ ପାରିବାରିକ ତଥ୍ୟ ୨୦୨୬*

ପରିବାରର ମୌଳିକ ସୁବିଧା ସୁଯୋଗ ସମ୍ବନ୍ଧରେ ଅବଗତ ହେଲା ଯେ, ପ୍ରଭାବିତ ହୋଇଥିବା ୫୩ ଟି ପରିବାର ମଧ୍ୟରୁ ଅର୍ଦ୍ଧେକଙ୍କ ପରିବାରରେ ଗୃହପାଳିତ ପଶୁମାନଙ୍କ ରହିବା ନିମନ୍ତେ ଅଲଗା ଘର ଅଛି । ସେହିପରି, ୪୫.୩% ପରିବାରରେ ସେମାନଙ୍କ ଘର ଭିତରେ କିମ୍ବା ନିକଟରେ ଶୌଚାଳୟ ଉପଲବ୍ଧ । ତଥାପି, ୪୯% ପରିବାରରେ ଶୌଚାଳୟ ଏବଂ ଧୋଇବା ସ୍ଥାନ ମଧ୍ଯ ସୁବିଧାଜନକ ଭାବରେ ସେମାନଙ୍କ ଘର ଭିତରେ କିମ୍ବା ନିକଟରେ ଅବସ୍ଥିତ । ଧୋଇବା ସ୍ଥାନ ତୁଳନାତ୍ମକ ଭାବରେ ଅଧିକ ପରିବାରରେ ରହିଛି, ୩୧ ପରିବାର (୫୮.୫%) ଘର ଭିତରେ କିମ୍ବା ନିକଟରେ ଏକ ନିର୍ଦ୍ଦିଷ୍ଟ ଧୋଇବା ସ୍ଥାନ ଅଛି । ପ୍ରଭାବିତ ଗ୍ରାମର ସମସ୍ତ ପରିବାର ପାଇଁ ବିଦ୍ୟୁତ୍ ର ଗୁରୁତ୍ୱପୂର୍ଣ୍ଣ ଉପଯୋଗିତା ସହଜରେ ଉପଲବ୍ଧ । ଏହି ବିଶ୍ଳେଷଣ ସର୍ଭେ ହୋଇଥିବା ପରିବାରଗୁଡ଼ିକର ଅନୁକୂଳ ବାସସ୍ଥାନ ପରିସ୍ଥିତି ଦର୍ଶାଏ । ସାରଣୀ ୧୩ ଏହି ପ୍ରଭାବିତ ପରିବାରଗୁଡ଼ିକରେ ଉପଲବ୍ଧ ନାଗରିକ ସୁବିଧାଗୁଡ଼ିକର ଏକ ବିସ୍ତୃତ ଭାବରେ ପ୍ରଦାନ କରାଯାଇଛି ।

### ଗ) ପାନୀୟଜଳ ଏବଂ ସ୍ୱେରେଜ ବ୍ୟବସ୍ଥା

ସୁଦୃଢ ଏବଂ ସ୍ଥାୟୀ ସହରୀ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଓଡିଶା ସରକାର ସହରାଂଚଳ ପାନୀୟ ଜଳ ସେବାର ସ୍ତରରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପର୍ଯ୍ୟାପ୍ତ ତଥା ଗୁଣାତ୍ମକ ପାନୀୟ ଜଳ ଯୋଗାଣ ଏବଂ ସମସ୍ତ ବର୍ଗର ଲୋକଙ୍କ ଦ୍ୱାରା ସେବାରେ ସମାନ ସୁବିଧା ଉପଲବ୍ଧ ହେବା ସହିତ ରାଜ୍ୟ ସାର୍ବଜନିନ କଭରେଜ୍ ପାଇଁ ଏକ ନିର୍ଦ୍ଦେଶ ଦେଇଛି । ଏହି ପରିପ୍ରେକ୍ଷୀରେ, ଦେଖାଗଲା ଯେ ଅଧିକାଂଶ ଗ୍ରାମବାସୀ ପାନୀୟ ଜଳର ପ୍ରାଥମିକ ଉତ୍ସ ଭାବରେ ନଳକୂପ ଉପରେ ନିର୍ଭର କରନ୍ତି । ଯଦିଓ ପଂଚାୟତ ଜଳ ଯୋଗାଣ ଯୋଜନାରେ ପାଇପ୍ ଜଳ ଯୋଗାଣ ଉପଲବ୍ଧ, ତଥାପି ଗ୍ରାମର ସମସ୍ତ ୱାର୍ଡକୁ ନିୟମିତ ଜଳ ଯୋଗାଣ ଏପର୍ଯ୍ୟନ୍ତ କରାଯାଇ ନାହିଁ ।

**ଘ) ସାଧାରଣ ଭିତ୍ତିଭୂମି** (ସଡକ ଯୋଗାଯୋଗ, ପାନୀୟ ଜଳ ଓ ବିଦ୍ୟୁତ ବ୍ୟବସ୍ଥା)

ଗ୍ରାମେଶ୍ୱରପୁର ଗାଁର ରାସ୍ତା ନେଟୱାର୍କ ବହୁତ ଭଲ, କାରଣ ଅଧିକାଂଶ ରାସ୍ତା ସଂଯୋଗ ପକ୍କା ଅଟେ । ଗାଁରେ ମଧ୍ୟ ବିଦ୍ୟୁତ୍ ସୁବିଧା ଉପଲବ୍ଧ ।

**ଙ) ସର୍ବସାଧାରଣ ସେବା ଭିତ୍ତିଭୂମି** (ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନବାଡି ଓ ସାଧାରଣ ବଂଟନ ବ୍ୟବସ୍ଥା)

ଗ୍ରାମ ଶିକ୍ଷା ଭିତ୍ତିଭୂମି ସମ୍ବନ୍ଧୀୟ ସୂଚନାରୁ ଜଣାପଡିଛି ଯେ ଗାଁରେ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ଉପଲବ୍ଧ ଏବଂ ପ୍ରଭାବିତ ଗ୍ରାମଠାରୁ ୪ କିଲୋମିଟର ଦୂରରେ କଲେଜ ଅବସ୍ଥିତ । ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ଅନୁଧ୍ୟାନ କଲେ, ଦେଖାଗଲା ଯେ ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଗାଁରେ ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅଛି । ଗ୍ରାମଠାରୁ ୧୮ କିଲୋମିଟର ଦୂରରେ ଥିବା ଖୋର୍ଦ୍ଧାରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥିତ । ଏହା ବ୍ୟତୀତ ପ୍ରାଥମିକ ସ୍କୁଲ ଶିକ୍ଷା ପ୍ରଦାନ କରିବା ଏବଂ ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଗାଁରେ ୪ଟି ଅଙ୍ଗନୱାଡି କେନ୍ଦ୍ର ଉପଲବ୍ଧ । ଜିଲ୍ଲା ମୁଖ୍ୟଡାକ୍ତରଖାନା, ହୋମିଓପାଥି ଡିସପେନସାରୀ, ଘରୋଇ ହସ୍ପିଟାଲ ନର୍ସିଂ ହୋମ, ପଶୁଚିକିତ୍ସା କେନ୍ଦ୍ର ଇତ୍ୟାଦି ଭଳି ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସୁବିଧା ମଧ୍ଯ ଗାଁ ଠାରୁ ୧୮ କିଲୋମିଟର ଦୂରରେ ଥିବା ଖୋର୍ଦ୍ଧାରେ ଉପଲବ୍ଧ । ଲୋକମାନେ ଗ୍ରାମପଂଚାୟତ ମୁଖ୍ୟାଳୟ ବ୍ରଜମୋହନପୁରରେ ସାଧାରଣ ବଂଟନ ବ୍ୟବସ୍ଥା (PDS)ର ସୁବିଧା ଉପଲବ୍ଧ ।

**ଚ) ଗ୍ରାମ ସ୍ତରରେ ସେବା ପ୍ରଦାନକାରୀ**

ତଥ୍ୟସଂଗ୍ରହ ସମୟରେ, ବିଭିନ୍ନ ପ୍ରକାରର ଗ୍ରାମସ୍ତରୀୟ ସେବା ସୁବିଧା ପରିଲକ୍ଷିତ ହୋଇଥିଲା । ପ୍ରଭାବିତ ଗ୍ରାମ ମଧ୍ୟରେ/ନିକଟରେ ରାସନ ଦୋକାନ, ସାଇକେଲ ମରାମତି ଦୋକାନ, ହାର୍ଡୱେର ଷ୍ଟୋର ଏବଂ ଉଚିତ ମୂଲ୍ୟ ଦୋକାନ ଇତ୍ୟାଦି ଉପଲବ୍ଧ । ଏହା ବ୍ୟତୀତ, ବ୍ୟକ୍ତିଗତ ସେବା ପ୍ରଦାନକାରୀ ଯେପରିକି ରାଜମିସ୍ତ୍ରୀ (୨ ଟି) ଧୋବା (୧ ଟି), ଦର୍ଜୀ (୨ ଟି), ବିଦ୍ୟୁତ୍ ମିସ୍ତ୍ରୀ (୧ ଟି) ଇତ୍ୟାଦି ଗ୍ରାମବାସୀଙ୍କୁ ସେବା ପ୍ରଦାନ କରୁଛନ୍ତି । ତଥାପି, ଲୋକମାନେ ବିଭିନ୍ନ ସେବା ପାଇଁ ମୁଖ୍ୟତଃ ମନ୍ଦାରବସ୍ତ ବଜାର ଉପରେ ନିର୍ଭର କରନ୍ତି । ଗ୍ରାମରେ ପଂଚାୟତ ଘର, ଡାକଘର ଏବଂ ସମ୍ପ୍ରଦାୟ ହଲ୍ ଉପଲବ୍ଧ କିନ୍ତୁ ଗ୍ରାମଠାରୁ ୧୮ କିଲୋମିଟର ଦୂରରେ ଥିବା ଖୋର୍ଦ୍ଧା ସହରରେ ବ୍ୟାଙ୍କିଂ ଏବଂ ସମବାୟ ସେବା ସୁବିଧା ଉପଲବ୍ଧ । ଗ୍ରାମଟି ପରିବହନ ବ୍ୟବସ୍ଥା ସହିତ ଭଲ ଭାବରେ ସଂଯୁକ୍ତ ଏବଂ ସେମାନେ ୧ କିଲୋମିଟର ଦୂରରେ ସାର୍ବଜନୀନ ପରିବହନ ସୁବିଧା ଉପଭୋଗ କରୁଛନ୍ତି । ନିକଟତମ ରେଳ ଷ୍ଟେସନ ହେଉଛି ତାପଙ୍ଗ, ଗ୍ରାମଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଅବସ୍ଥିତ ।

**ଛ) ପରିବାରର ପାଖରେ ଉପଲବ୍ଧ ଆସବାବପତ୍ର**

ଅଧ୍ୟୟନ ସମୟରେ ପରିବାରରେ ଉପଲବ୍ଧ ଥିବା ଆସବାବପତ୍ର ସମ୍ବନ୍ଧରେ ମଧ୍ୟ ବିଚାରକୁ ନିଆଯାଇଥିଲା କାରଣ ଏହା ପରିବାରର ଚଳଣିର ସ୍ତର ଏବଂ ସାମାଜିକ-ଆର୍ଥିକ ସ୍ଥିତି ସମ୍ପର୍କରେ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥାଏ ।

**ସାରଣୀ ୧୩ ପରିବାରରେ ଥିବା ଆସବାବ ପତ୍ରର ସ୍ଥିତି**

| ଆସବାବପତ୍ର | ସଂଖ୍ୟା | ଆସବାବପତ୍ର | ସଂଖ୍ୟା | ଆସବାବପତ୍ର | ସଂଖ୍ୟା |
|---|---|---|---|---|---|
| ଟିଭି | ୫୨ | ମୋବାଇଲ ଫୋନ | ୫୧ | ଚାରିଚକିଆ | ୪ |
| ରେଫ୍ରିଜେରେଟର | ୩୭ | ସାଇକେଲ | ୪୪ | ରନ୍ଧନ ଗ୍ୟାସ | ୫୩ |
| ଏୟାର କଣ୍ଡିସନ | ୮ | ଦୁଇ ଚକିଆ | ୪୦ | ବାସନ କୁସନ | ୫୩ |
| ଫ୍ୟାନ | ୫୩ | ତିନିଚକିଆ | ୦ | ଗହଣା ଗାଣ୍ଠି | ୪୮ |

*ଉତ୍ସ- ପ୍ରାଥମିକ ତଥ୍ୟ ୨୦୨୬*

ଏହା ପରିଲକ୍ଷିତ ହେଲା ଯେ ଅଧିକାଂଶ ପରିବାରରେ ବିଭିନ୍ନ ପ୍ରକାରର ଆସବାବପତ୍ର ଉପଲବ୍ଧ ଅଛି । ସାରଣୀ-୧୨ ରେ ପ୍ରଭାବିତ ମୌଜାରେ ପରିବାରର ମାଲିକାନାରେ ଥିବା ଆସବାବପତ୍ର ସମ୍ପର୍କରେ ଉଲ୍ଲେଖ କରାଯାଇଛି ।

ତଥ୍ୟ ଅନୁଯାୟୀ, ଅଧିକାଂଶ ପରିବାର ପାଖରେ ଟିଭି, ପଙ୍ଖା, ସାଇକେଲ, ମୋବାଇଲ୍ ଫୋନ୍, ରୋଷେଇ ଗ୍ୟାସ୍, ବାସନକୁସନ ଏବଂ ଅଳଙ୍କାର ଅଛି । ଏହା ବ୍ୟତୀତ ୪୦ ପରିବାର ପାଖରେ ସ୍ଥାନୀୟ ଯାତାୟତ ପାଇଁ ଦୁଇ ଚକିଆ ଯାନ ଏବଂ ୪ ପରିବାର ପାଖରେ ଚାରି ଚକିଆ ଯାନ ଅଛି । ତଥାପି, ଏହା ଦେଖାଯାଇଛି ଯେ ମୋବାଇଲ୍ ଫୋନ୍, ଟେଲିଭିଜନ, ପଙ୍ଖା, ସାଇକେଲ୍ ରୋଷେଇ ଗ୍ୟାସ୍ ଏବଂ ବାସନକୁସନ ହେଉଛି ସବୁଠାରୁ ସାଧାରଣ ସାମଗ୍ରୀ ଯାହା ଅଧିକାଂଶ ପ୍ରଭାବିତ ପରିବାରଙ୍କ ପାଖରେ ଉଲ୍ଲେଖନିୟ ଉପଲବ୍ଧ ।

ପଶୁପାଳନ ଜୀବିକା ବିକଳ୍ପଗୁଡ଼ିକର ବିକଳ୍ପ ଭାବରେ ବିବେଚନା କରାଯାଏ ଯାହା ପରିବାର ପାଇଁ ତୁରନ୍ତ ସୁରକ୍ଷା ଟଙ୍କା ଯୋଗାଇଥାଏ । ଏହି ସମସ୍ତ ବିଚାର ସହିତ ଆମର ଅନୁସନ୍ଧାନକାରୀ ଦଳ ସର୍ବେକ୍ଷଣ କରାଯାଇଥିବା ପରିବାରଗୁଡିକର ପଶୁପାଳନ ଉପରେ ଦୃଷ୍ଟି ଦେବାକୁ ଚେଷ୍ଟା କରିଥିଲେ । ତଥ୍ୟ ଅନୁଯାୟୀ, ୫୩ ପରିବାର ମଧ୍ୟରୁ ୧୬ଟି ପରିବାରରେ ଗାଈ, ୨ ପରିବାରର ଛେଳି ଏବଂ ୪ ପରିବାରର କୁକୁଡ଼ା ପାଳନ ଆୟର ଉତ୍ସ । ଏଗୁଡ଼ିକ ବ୍ୟତୀତ, ପ୍ରଭାବିତ ପରିବାରଗୁଡ଼ିକ ଅନ୍ୟ କୌଣସି ପଶୁ ପାଳନ କରୁନାହାଁନ୍ତି । । ପଶୁପାଳନ ଜନସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି ଯେହେତୁ ମଣିଷ ଏକ ଅତ୍ୟାଧୁନିକ ଜୀବନଶୈଳି ଆଡକୁ ଗତି କରୁଛି ଏବଂ ବୃତ୍ତିଗତ ଢାଂଚାରେ ପରିବର୍ତନ ସହିତ ପଶୁପାଳନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ହୋଇଛି ।

### ୫.୪.୯ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଏବଂ ମହିଳାମାନଙ୍କ ଭାଗିଦାରିତା

ଲିଙ୍ଗଗତ ସମାନତାର ନୀତି ଭାରତୀୟ ସମ୍ବିଧାନରେ ଅନ୍ତର୍ଭୁକ୍ତ ହୋଇଛି । ଏହା ମହିଳାମାନଙ୍କୁ ସମାନତା ପ୍ରଦାନ କରିଥାଏ ଏବଂ ମହିଳାଙ୍କ ସପକ୍ଷରେ ସକରାତ୍ମକ ଭେଦଭାବ ଗ୍ରହଣ କରିବାକୁ ରାଜ୍ୟକୁ କ୍ଷମତା ପ୍ରଦାନ କରିଥାଏ । ମହିଳା ଏବଂ ବାଳିକାଙ୍କ ପ୍ରତି ହେଉଥିବା ସମସ୍ତ ଭେଦଭାବକୁ ସମାପ୍ତ କରିବାକୁ SDG ୫ ଆହ୍ୱାନ ଦେଇଛି, କାରଣ ଏହା କେବଳ ମୌଳିକ ମାନବ ଅଧିକାର ନୁହେଁ, ବରଂ ଅର୍ଥନୈତିକ ଅଭିବୃଦ୍ଧି ତଥା ବିକାଶରେ ମହିଳା ସଶକ୍ତିକରଣର ଭୂମିକାକୁ ଦୃଷ୍ଟିରେ ରଖି ଏକ ସ୍ଥାୟୀ ଭବିଷ୍ୟତ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

ତଥାପି, ସମ୍ପ୍ରଦାୟର ନିଷ୍ପତ୍ତି ନେବାରେ ମହିଳାଙ୍କ ଅଂଶଗ୍ରହଣ ପଂଚାୟତରାଜ ସଂଗଠନରେ ଜଣେ ସଦସ୍ୟ ଭାବରେ ଜଡିତ ହେବା, ଅଙ୍ଗନୱାଡି କର୍ମୀ / ଏନ୍ଏମ୍ ଭାବରେ ସେମାନଙ୍କର ଭୂମିକା, ସ୍ୱୟଂ ସହାୟକ ଗୋଷ୍ଠୀ (SHGs) ରେ ଅଂଶଗ୍ରହଣ ଏବଂ ପରିବାରର ଅର୍ଥନୈତିକ ସୁସ୍ଥତା ପାଇଁ ପ୍ରତ୍ୟକ୍ଷ ଅବଦାନରେ ଦେଖିବାକୁ ମିଳେ । ଏହି ପରିପ୍ରେକ୍ଷୀରେ ତଥ୍ୟରୁ ଜଣାଯାଇଛି ଯେ ପ୍ରମୁଖ କ୍ଷେତ୍ରରେ, ଘରର ନିଷ୍ପତି ଉଭୟ ପୁରୁଷ ଏବଂ ମହିଳା ସଦସ୍ୟ ମିଳିତ ଭାବରେ ନେଇଥାନ୍ତି । କିନ୍ତୁ, ଯେତେବେଳେ ପିଲାମାନଙ୍କ ସ୍ୱାସ୍ଥ୍ୟସେବା ଏବଂ ଦୈନନ୍ଦିନ ପରିବାର କାର୍ଯ୍ୟକଳାପର କଥା ଆସେ, ମହିଳାମାନେ ହିଁ ନିଷ୍ପତି ଗ୍ରହଣକାରୀ । ଏହା ପ୍ରଦର୍ଶିତ କରୁଛି ଯେ, ଘରୋଇ କାର୍ଯ୍ୟକ୍ରମ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କର ସମାନ ଭୂମିକା ଅଛି । ସାରଣୀ ୧୪ ରେ ଲିଙ୍ଗଭିତ୍ତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି ।

**ସାରଣୀ ୧୪- ପରିବାର ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା**

| ନିଷ୍ପତ୍ତି | ପୁରୁଷ | | ମହିଳା | | ଉଭୟ | | ମୋଟ | |
|---|---|---|---|---|---|---|---|---|
| | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % |
| ଅର୍ଥନୈତିକ ବିଷୟ | ୧୪ | ୨୬.୪ | ୬ | ୧୧.୩ | ୩୩ | ୬୨.୩ | ୫୩ | ୧୦୦.୦ |
| ପିଲାମାନଙ୍କ ଶିକ୍ଷା | ୬ | ୧୧.୩ | ୧୭ | ୩୨.୧ | ୩୦ | ୫୬.୬ | ୫୩ | ୧୦୦.୦ |
| ପିଲାମାନଙ୍କ ସ୍ୱାସ୍ଥ୍ୟ ସେବା | ୩ | ୫.୭ | ୨୩ | ୪୩.୪ | ୨୭ | ୫୦.୯ | ୫୩ | ୧୦୦.୦ |
| ପରିବାର ଆସବାବପତ୍ର କ୍ରୟ | ୦ | ୦.୦ | ୧୩ | ୨୪.୫ | ୪୦ | ୭୫.୫ | ୫୩ | ୧୦୦.୦ |
| ଦୈନନ୍ଦିନ ପାରିବାରିକ କାର୍ଯ୍ୟକ୍ରମ | ୦ | ୦.୦ | ୩୭ | ୬୯.୮ | ୧୬ | ୩୦.୨ | ୫୩ | ୧୦୦.୦ |
| ସାମାଜିକ ଉତ୍ସବ ଓ ବିବାହ | ୩ | ୫.୭ | ୪ | ୭.୫ | ୪୬ | ୮୬.୮ | ୫୩ | ୧୦୦.୦ |
| ପରିବାର ପାଇଁ ମହିଳାମାନେ ଆୟ କରିବା | ୧୩ | ୨୪.୫ | ୮ | ୧୫.୧ | ୩୨ | ୬୦.୪ | ୫୩ | ୧୦୦.୦ |
| ଜମି ଏବଂ ସମ୍ପତି ବିଷୟରେ | ୧୨ | ୨୨.୬ | ୬ | ୧୧.୩ | ୩୫ | ୬୬.୦ | ୫୩ | ୧୦୦.୦ |
| ଅନ୍ୟାନ୍ୟ | ୦ | ୦.୦ | ୩ | ୫.୭ | ୫୦ | ୯୪.୩ | ୫୩ | ୧୦୦.୦ |

*ଉତ୍ସ- ପ୍ରାଥମିକ ତଥ୍ୟ ୨୦୨୬*

ଆଜିକାଲି ମହିଳା ସଶକ୍ତିକରଣ ଏବଂ ସାମାଜିକ ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତି ପ୍ରକ୍ରିୟାରେ ପୁରୁଷ ସମକକ୍ଷ ମହିଳାମାନଙ୍କୁ ସାମିଲ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ସମ୍ପ୍ରଦାୟ ସ୍ତରରେ ମହିଳା ଅଂଶଗ୍ରହଣକୁ ସମ୍ପ୍ରଦାୟ ସ୍ତରୀୟ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କର ଅଂଶଗ୍ରହଣ, ସଦସ୍ୟ ଭାବରେ PRI ରେ ସାମିଲ ହେବା, ଅଙ୍ଗନୱାଡି କର୍ମୀ / ANM ଭାବରେ ମହିଳାମାନେ, ସ୍ୱୟଂ ସହାୟକ ଗୋଷ୍ଠୀରେ ମହିଳାମାନେ ଏବଂ ପରିବାରକୁ ପ୍ରତ୍ୟକ୍ଷ ଆର୍ଥିକ ଯୋଗଦାନ ଦେବା ବୋଲି ବିବେଚନା କରାଯାଇପାରେ ।




**ଚିତ୍ର- ୧୧ ସମ୍ପ୍ରଦାୟ ସ୍ତରରେ  ପ୍ରଭାବିତ ପରିବାରମାନଙ୍କରେ ମହିଳାଙ୍କ ଅଂଶଗ୍ରହଣ**

ସୂଚନାରୁ ଏହା ଜଣାପଡିଛି ଯେ, କେବଳ ୭ ପରିବାରରେ (୧୩.୨%) ମହିଳା ସଦସ୍ୟ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭୂମିକା ଗ୍ରହଣ କରନ୍ତି, ଯେତେବେଳେ ୪୫ ପରିବାରରେ (୮୪.୯%) ମହିଳା ସଦସ୍ୟମାନେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଜଡିତ । ତଥାପି, ଏହା ଦେଖାଯାଇଛି ଯେ ୨୬ ପରିବାରରେ (୪୯.୧%) ମହିଳା ସଦସ୍ୟ ପରିବାର ଅର୍ଥନୀତିରେ ଯୋଗଦାନ ଦେଉଛନ୍ତି । ଏହାବ୍ୟତୀତ, ୨ ପରିବାରରେ (୩.୮%) ମହିଳା ପଂଚାୟତର ସଦସ୍ୟ ଅଟନ୍ତି (ଚିତ୍ର-୧୧) ।

### ୫.୪.୧୦ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ପାର୍ଶ୍ୱଚିତ୍ର

ବିକାଶମୂଳକ ପଦକ୍ଷେପ ପାଇଁ ଜମି ଅଧିଗ୍ରହଣ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରଭାବ ପକାଇଥାଏ । ରେଳ ଲାଇନ ପ୍ରକଳ୍ପର ସାମାଜିକ ପରିଣାମର ମୂଲ୍ୟାଙ୍କନ କରିବା ପାଇଁ ଏକ ତୁଳନାତ୍ମକ ବିଶ୍ଳେଷଣ କରିବା ନିମନ୍ତେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଠାରୁ ମତାମତ ସଂଗ୍ରହ କରିବାର ଆବଶ୍ୟକତା

ଅଛି । । ତେଣୁ ପ୍ରଭାବିତ ଗ୍ରାମରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ନମୁନା ସଂଗ୍ରହ ପ୍ରଣାଳିରେ ୧୦ଟି ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଠାରୁ ମଧ୍ୟ ମତାମତ ସଂଗ୍ରହ କରାଯାଇଥିଲା । ଏହି ପରିବାରମାନଙ୍କ ତଥ୍ୟ ନିମ୍ନରେ ସାରଣୀରେ ଉପସ୍ଥାପିତ ହୋଇଛି ।

ଅଧ୍ୟୟନରୁ ଏହା ଜଣାପଡିଛି ଯେ ପରୋକ୍ଷରେ ପ୍ରଭାବିତ ୧୦ ପରିବାରରେ ୫୨ ଜଣ ସଦସ୍ୟ ଅଛନ୍ତି; ସେଥିମଧ୍ୟରୁ ୨୯ (୫୫.୭୬%) ପୁରୁଷ ଏବଂ ୨୩ (୪୪.୨୪%) ଜଣ ମହିଳା । ଏହି ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଗୁଡିକର ସାମାଜିକ ବର୍ଗୀକରଣରୁ ଜଣାପଡିଛି ଯେ ସେଠାରେ ୮ ଟି ଓବିସି ବର୍ଗର ପରିବାର ଓ ୨ଟି ଅନୁସୂଚିତ ଜାତି ବର୍ଗର ପରିବାର ଅଛନ୍ତି ଓ ସମସ୍ତ ପରିବାର ହିନ୍ଦୁ ଧର୍ମର ଅଟନ୍ତି । ପରିବାରର ସଦସ୍ୟମାନଙ୍କର ବୈବାହିକ ସ୍ଥିତି ଦର୍ଶାଏ ଯେ ମୋଟ ୫୨ ସଦସ୍ୟଙ୍କ ମଧ୍ୟରୁ ୨୬ (୫୭%) ବିବାହିତ, ୨୫ ଜଣ ଅବିବାହିତ ଏବଂ ଜଣେ ସ୍ୱାମୀ ଠାରୁ ଅଲଗା ରହୁଛନ୍ତି । ଲୋକଙ୍କ ଶିକ୍ଷାଗତ ସ୍ଥିତିକୁ ନେଇ ତଥ୍ୟରୁ ଜଣାପଡିଛି ଯେ ମୋଟ ଜନସଂଖ୍ୟାର ପ୍ରାୟ ୮୫% ସାକ୍ଷର ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ (୩୨.୭%)ମାଟ୍ରିକ୍ ଓ ଅନ୍ୟମାନେ ମାଟ୍ରିକ ସ୍ତରରୁ କମ ଶିକ୍ଷା ସମାପ୍ତ କରିଛନ୍ତି । ତଥ୍ୟରୁ ଏହି ଅନୁମାନ କରାଯାଇପାରେ ଯେ, ଏହି ପରିବାରର ଲୋକମାନେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରି ନ ଥିବା ସତ୍ତ୍ୱେ ଅଧିକାଂଶ ଲୋକ ଶିକ୍ଷିତ ଅଟନ୍ତି ।

ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକର ବୃତ୍ତି ବିଷୟରେ ସୂଚନା ଦର୍ଶାଉଛି ଯେ ସେଠାରେ ୧୮ ଜଣ (୩୪.୬%) ଲୋକ ରୋଜଗାର କରନ୍ତି ଏବଂ ସେମାନଙ୍କ ମଧ୍ୟରେ ସର୍ବାଧିକ ୧୧ ଜଣ ଲୋକ କୃଷିକାର୍ଯ୍ୟ କରନ୍ତି, ୪ଜଣ ଦିନମଜୁରୀ କାର୍ଯ୍ୟରେ ନିୟୋଜିତ ଓ ୨ଜଣ ବେତନ ପ୍ରାପ୍ତ ଚାକିରିରେ ନିୟୋଜିତ ଅଛନ୍ତି । ଏହା ବ୍ୟତୀତ ପରୋକ୍ଷରେ ପ୍ରଭାବିତ ପରିବାରର ସଦସ୍ୟମାନେ ଅନ୍ୟ କୌଣସି ବୃତ୍ତିରେ ନିୟୋଜିତ ନାହାଁନ୍ତି । ଅଧ୍ୟୟନ କରାଯାଇଥିବା ପରିବାରର ବାର୍ଷିକ ଆୟ ସମ୍ପର୍କିତ ତଥ୍ୟରୁ ଜଣା ଗଲା ଯେ, ୧୦ ଟି ପରିବାରର ମଧ୍ୟରୁ ୧ଟି ପରିବାର ବାର୍ଷିକ ୬୦୦୦୦ ଟଙ୍କାରୁ କମ୍ ରୋଜଗାର କରନ୍ତି, ୪ଟି ପରିବାର ୬୦୦୦୦ ଟଙ୍କାରୁ ୧.୫ ଲକ୍ଷ ଟଙ୍କା ଓ ୫ଟି ପରିବାର ୨ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରନ୍ତି ।

ଅଧ୍ୟୟନ କରାଯାଇଥିବା ୧୦ ପରିବାରର ଗୃହ ଅବସ୍ଥା ଦର୍ଶାଏ ଯେ ସମସ୍ତ ପରିବାରର ପକ୍କା ଘର ଅଛି । ୬ଟି ପରିବାରରେ ଶୌଚାଳୟ ରହିଥିବା ବେଳେ ୨ଟି ପରିବାରରେ ଗାଧୁଆ ଘର ସେମାନଙ୍କ ଘରର ପରିସରରେ ଅଛି । ସମସ୍ତ ପରିବାରରେ ବିଦ୍ୟୁତ୍ ଉପଲବ୍ଧ ଏବଂ ସର୍ବେକ୍ଷଣରୁ ଜଣାପଡିଛି ଯେ ପାନୀୟ ଜଳର ମୁଖ୍ୟ ଉତ୍ସ ହେଉଛି ପାଇପ ଜଳ । ସମସ୍ତ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକ ଖାଦ୍ୟ ସୁରକ୍ଷା ଯୋଜନା ଅଧିନରେ ଲାଭ ପାଉଛନ୍ତି ।

ସେ ଯାହାହେଉ, ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସାମାଜିକ-ଆର୍ଥିକ ଅବସ୍ଥା ରୁ ଜଣା ଯାଉଛି ଯେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ଚଳଣି ରୁ ଉତ୍ତମ ଚଳଣି ମଧ୍ୟରେ ଅଛି ।

# ଅଧ୍ୟାୟ-୬

# ପ୍ରକଳ୍ପର ସାମାଜିକ ପ୍ରଭାବ ଓ ପରିବାରମାନଙ୍କ ମତାମତ

## ୬.୧ ପ୍ରଭାବ ନିର୍ଦ୍ଧାରଣ କରିବାର ପଦ୍ଧତି

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ମୁଖ୍ୟ ଉପାଦାନ ହେଉଛି ଜନସାଧାରଣଙ୍କ ଉପରେ ପଡୁଥିବା ପ୍ରକଳ୍ପର ପ୍ରଭାବକୁ ନିର୍ଦ୍ଧାରଣ କରିବା । ଏହି ପରିପ୍ରେକ୍ଷୀରେ ପ୍ରଭାବିତ ପରିବାରମାନଙ୍କର ମତାମତ ଜାଣିବା ପାଇଁ ବିଭିନ୍ନ ପଦ୍ଧତି ଯଥା ଘରୋଇ ସାକ୍ଷାତକାର, କୈନ୍ଦ୍ରିକ ଦଳଗତ ଆଲୋଚନା, ସହଭାଗୀ ଗ୍ରାମ ଅଧ୍ୟୟନର କୌଶଳକୁ ପ୍ରଭାବିତ ଗ୍ରାମ ଗୁଡିକରେ ପ୍ରୟୋଗ କରାଯାଇଥିଲା ଏବଂ ପ୍ରକଳ୍ପର ପ୍ରଭାବ ଜାଣିବା ପାଇଁ ସଂଗୃହିତ ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା । ବ୍ୟକ୍ତିଗତ ହିତାଧିକାରୀଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଥିବା ଏବଂ ପ୍ରକଳ୍ପର ପ୍ରଭାବ ଜାଣିବା ପାଇଁ ସର୍ଭେ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମ ସ୍ତରରେ ସୂଚନା ସଂଗୃହିତ ହୋଇଥିଲା । ଏହା ବ୍ୟତିତ ପ୍ରତି ଅଂଚଳରେ କେତେକ ଜମି ହରାଉନଥିବା ପରିବାରଗୁଡିକର ମଧ୍ୟ ସାକ୍ଷାତକାର ନିଆଯାଇଥିଲା, ଯେପରିକି ପରୋକ୍ଷଭାବେ କ୍ଷତିଗ୍ରସ୍ତ ପରିବାରଗୁଡିକ ଉପରେ ପଡୁଥିବା ପ୍ରଭାବ ଆକଳନ କରାଯାଇ ପାରିବ । ତେଣୁ ଏହି ଅଧ୍ୟାୟରେ ପ୍ରକଳ୍ପ କ୍ଷତିଗ୍ରସ୍ତ ପରିବାରଗୁଡିକ ଏବଂ ପରୋକ୍ଷଭାବେ କ୍ଷତିଗ୍ରସ୍ତ ପରିବାରଗୁଡିକ ଉପରେ ପଡୁଥିବା ବିଭିନ୍ନ ପ୍ରଭାବ ଏବଂ ପରିବାରମାନଙ୍କର ଚିନ୍ତାଧାରା ବିଷୟରେ ବର୍ଣ୍ଣନା କରାଯାଇଛି

## ୬.୨ ପ୍ରକଳ୍ପର ସାମାଜିକ ପ୍ରଭାବ

### ୬.୧.୧ ଜମି ଏବଂ ଜମି ଭିତ୍ତିକ ଜୀବିକା ନିର୍ବାହ ଉପରେ ପ୍ରଭାବ

ବିଶ୍ଳେଷଣ ଅନୁଯାୟୀ, ପ୍ରଭାବିତ ପରିବାରଗୁଡିକର ବର୍ତ୍ତମାନ ୭୫.୩୬୭ ଏକର ବେସରକାରୀ ଜମି ରହିଛି ଏବଂ ତନ୍ମଧ୍ୟରୁ ୨.୬୮୮୦ ଏକର (ମୋଟ ଜମିର ୩.୬%) ଜମି ଅଧିଗ୍ରହଣ କରାଯିବ । କିନ୍ତୁ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଦ୍ଵାରା ଏହା ଆକଳିତ ହୋଇଥିଲା ଯେ ପ୍ରଭାବିତ ପରିବାରମାନଙ୍କର ଆୟ ବିଶେଷତଃ କୃଷି କାର୍ଯ୍ୟ ଉପରେ ନିର୍ଭର କରୁଥିବାରୁ ଅଳ୍ପ ଅଂଶର ଏହି ଜମି ଅଧିଗ୍ରହଣ କରାଗଲେ ସେମାନଙ୍କର ଜୀବନଜୀବିକାକୁ କିଛିମାତ୍ରାରେ ପ୍ରଭାବିତ କରିବ । ଜମି ଅଧିଗ୍ରହଣ ହେତୁ ସେମାନଙ୍କ ଫସଲ ଉତ୍ପାଦନ କମ୍ ହେବ । ତେଣୁ, ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଭାବିତ ପରିବାରଗୁଡ଼ିକୁ ସେମାନଙ୍କ ଜମି ଏବଂ ଜୀବିକା ହରାଇବା ପାଇଁ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ଉଚିତ ।

### ୬.୧.୨ ରୋଜଗାର ଓ ଅର୍ଥନୈତିକ ସ୍ଥିତି ଉପରେ ପ୍ରଭାବ

ଗ୍ରାମର କିଛି ଲୋକ କୃଷି ଏବଂ ଅଣ-କୃଷି କ୍ଷେତ୍ରରେ ମଜୁରୀ ଶ୍ରମିକ କାର୍ଯ୍ୟରେ ନିଯୁକ୍ତ ଏବଂ ସେମାନଙ୍କ ପରିବାରର ଆୟ ମୁଖ୍ୟତଃ ଦୈନିକ ମଜୁରୀ ଏବଂ ସମ୍ବନ୍ଧିତ କାର୍ଯ୍ୟକଳାପରୁ ଆସିଥାଏ । ତଥାପି, ଏହା ଆକଳନ କରାଯାଇଛି ଯେ ପ୍ରସ୍ତାବିତ କେନାଲ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ନିଯୁକ୍ତି ଏବଂ ଅର୍ଥନୀତି ଉପରେ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ । କିନ୍ତୁ ଏହା କୁହାଯାଇପାରେ ଯେ ମଜୁରୀ ଶ୍ରମିକ କାର୍ଯ୍ୟରେ ନିଯୁକ୍ତ ସ୍ଥାନୀୟ ଲୋକମାନେ ପ୍ରକଳ୍ପରୁ ଲାଭ ପାଇବା ପାଇଁ ସେମାନଙ୍କ ଦକ୍ଷତା ଅନୁସାରେ ପ୍ରକଳ୍ପ କାର୍ଯ୍ୟକଳାପରେ ନିଯୁକ୍ତ ହେବା ଉଚିତ । ତେଣୁ, ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଅର୍ଦ୍ଧ-କୁଶଳୀ ଏବଂ ଅଣକୁଶଳୀ ବର୍ଗର କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେବାକୁ ପଡିବ ଏବଂ କାର୍ଯ୍ୟ ସମ୍ପାଦନରେ ନିଯୁକ୍ତ ଠିକାଦାରମାନଙ୍କୁ ସେହି ଅନୁସାରେ ନିର୍ଦ୍ଦେଶ ଦିଆଯାଇପାରିବ ।

### ୬.୧.୩ ବାସଗୃହ ଉପରେ ପ୍ରଭାବ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ, ଏହା ଜଣାଯାଇଛି ଯେ ଏହି କେନାଲ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଯୋଗୁ କୌଣସି ବାସଗୃହ କିମ୍ବା ଅନ୍ୟ ସଂରଚନା କ୍ଷତିଗ୍ରସ୍ତ ହେବ ନାହିଁ ।

### ୬.୧.୪ ସାମୁହିକ ଭିତ୍ତିଭୂମି ଏବଂ ସେବା ସମୁହ ଉପରେ ପ୍ରଭାବ

ତଥ୍ୟ ସଂଗ୍ରହ ସମୟରେ ଦେଖାଗଲା ଯେ ପ୍ରକଳ୍ପର ନିର୍ମାଣ ବର୍ତ୍ତମାନର ସର୍ବସାଧାରଣ ଭିତ୍ତିଭୂମି ପ୍ରଭାବିତ ହେବ ନାହିଁ । ତଥାପି, ନିର୍ମାଣ ପର୍ଯ୍ୟାୟ ସମୟରେ, ନିଯୁକ୍ତି ସୁଯୋଗ ଏବଂ ସ୍ଥାନାନ୍ତରଣ ଯୋଗୁଁ ସ୍ଥାନୀୟ ଅଂଚଳରେ ଥିବା ଭିତ୍ତିଭୂମି ଏବଂ ଉପଯୋଗୀତା ଗୁଡ଼ିକର ବ୍ୟବହାର ବୃଦ୍ଧି ପାଇପାରେ । ଅବଶ୍ୟ, ଏହି ପ୍ରଭାବ ଉଭୟ ପରିମାଣ ଏବଂ ଅବଧି ଦୃଷ୍ଟିରୁ ସ୍ୱଳ୍ପ ସମୟ ପାଇଁ ହେବ ବୋଲି ଆଶା କରାଯାଏ । ଏହା ସହିତ, ପ୍ରକଳ୍ପ ପ୍ରଭାବିତ ଅଂଚଳରେ ଥିବା ଅନେକ ରାସ୍ତାର ଉନ୍ନତିକରଣ କରିବ ବୋଲି ଆଶା କରାଯାଉଛି, ଯାହା ପ୍ରଭାବକୁ ପ୍ରତିହତ କରିବ । ଏହି କାରଣଗୁଡ଼ିକ ପାଇଁ, ପ୍ରଭାବକୁ ନକାରାତ୍ମକ ଏବଂ କ୍ଷୁଦ୍ର ଭାବରେ ମୂଲ୍ୟାୟନ କରାଯାଇଛି ।

### ୬.୧.୫ ସ୍ଥାନୀୟ ପରମ୍ପରା ଉପରେ ପ୍ରଭାବ

ବ୍ରଜମୋହନପୁର ସବ-ମାଇନର୨ କେନାଲ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଯୋଗୁ ସାଂସ୍କୃତିକ ସମ୍ପତ୍ତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ, କାରଣ ଏହି ପର୍ଯ୍ୟାୟ ଜମି ଅଧିଗ୍ରହଣ ଯୋଗୁ କୌଣସି ପରିବାର ବିସ୍ଥାପିତ ହୋଇନାହାଁନ୍ତି । କିନ୍ତୁ, ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ପ୍ରକଳ୍ପ ପ୍ରଭାବ ବିଷୟରେ କମ୍ ସଚେତନତା ପ୍ରକଳ୍ପ ଲାଭ ବିଷୟରେ ଅବାସ୍ତବ ଆଶା ସୃଷ୍ଟି କରିପାରେ ଯାହା ଫଳରେ ପରିବାର ସଦସ୍ୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ଯାହା ପରିବାରର ସଂହତି ଏବଂ ଆନ୍ତଃବ୍ୟକ୍ତିଗତ ସମ୍ପର୍କରେ ସମସ୍ୟା ସୃଷ୍ଟି କରିପାରେ । ପୁଣି, ପ୍ରଭାବିତ ପରିବାର ପାଇଁ କ୍ଷତିପୂରଣ ସହାୟତା ବଂଟନ ସମ୍ପର୍କରେ ପରିବାର ସଦସ୍ୟଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଭାଙ୍ଗିବାର ସମ୍ଭାବନା ରହିପାରେ ।

### ୬.୧.୬ ଦାରିଦ୍ର୍ୟଆଡ଼କୁ ଗତିକରାଉଥିବା କ୍ଷତି

ମାନବ ସମାଜକୁ ବିସ୍ଥାପିତ କରୁଥିବା ସମସ୍ତ ବିକାଶମୂଳକ ପ୍ରକଳ୍ପ ଯୋଗୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନେ ଦୁର୍ବଳ ହେବା ଏବଂ ଦାରିଦ୍ର୍ୟ ଆଡ଼କୁ ମୁହାଁଇବା ଭଳି ବିପଦର ସମ୍ଭାବନା ରହିଥାଏ । ଏହି ସାମ୍ଭବ୍ୟ ବିପଦ ଗୁଡିକ ସାଧାରଣତଃ ଜମି ହରାଇବା, ବୃତ୍ତି ହରାଇବା, ଘର ହରାଇବା, ବିଭିନ୍ନ ସୁବିଧାସୁଯୋଗରୁ ବଂଚିତ ହେବା, ଖାଦ୍ୟ ନିରାପତ୍ତା ବିପନ୍ନ ହେବା, ମୃତ୍ୟୁହାରରେ ବୃଦ୍ଧି, ସର୍ବସାଧାରଣ ସମ୍ପତିକୁ ବ୍ୟବହାରରେ ହ୍ରାସ ଘଟିବା ଏବଂ ଗୋଷ୍ଠିରେ ସାମାଜିକ ସଂପର୍କ ପ୍ରତିଷ୍ଠା କରିବାର ସୁଯୋଗ ହରେଇବା ଇତ୍ୟାଦି । ଯଦି ଉପଯୁକ୍ତ ପୁର୍ନବାସ ଓ ଥଇଥାନ ବ୍ୟବସ୍ଥା ଗ୍ରହଣ କରାନଯାଏ, ଅନ୍ତତଃ ପକ୍ଷେ ସେମାନଙ୍କର ବିସ୍ଥାପିତ ପୂର୍ବ ଅବସ୍ଥା ଯଦି ପୁନଃସ୍ଥାପନ ନ କରାଯାଏ ତେବେ ଏହିସବୁ ବିପଦ ଗୁଡିକ ଦାରିଦ୍ର୍ୟ ଏବଂ ଅସନ୍ତୋଷ ସୃଷ୍ଟି କରିବ (ମାଇକେଲ ଚାର୍ଣ୍ଣିଆ ୨୦୦୦) । ବର୍ତ୍ତମାନ ପରିପ୍ରେକ୍ଷୀରେ, ପ୍ରଫେସର ମାଇକେଲ ଏମ. ଚାର୍ଣ୍ଣିଆଙ୍କ ଆଇ.ଆର.ଆର ମଡେଲ ଅଧ୍ୟୟନ କରିବାକୁ ଏକ ପ୍ରୟାସ କରାଯାଇଥିଲା, ଯାହା ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସହିତ ଜଡିତ ପ୍ରମୁଖ ଦାରିଦ୍ରତା ବିପଦଗୁଡିକ ଚିହ୍ନଟ ହୋଇପାରିବ ଏବଂ ଏହାର ବିସ୍ତୃତ ଆଲୋଚନା ନିମ୍ନରେ ଉପସ୍ଥାପିତ ହୋଇଛି ।

<u>ଭୂମିହୀନତା:</u> ଏହି ପ୍ରକଳ୍ପ ଦ୍ୱାରା କୌଣସି ପରିବାର ଭୂମିହୀନ ହେବେ ନାହିଁ । ଏହି ଅଧିଗ୍ରହଣ ପ୍ରକ୍ରିୟା ଯୋଗୁଁ କୌଣସି ପରିବାର ଭୂମିହୀନ ରହିବେ ନାହିଁ । ପ୍ରସ୍ତାବିତ ପ୍ରକଳ୍ପ ପାଇଁ କେବଳ ଏକ ଛୋଟ ଅଂଶ, ବିଶେଷକରି ୫୩ ପରିବାରରୁ

୨.୬୮୮୦ ଏକର ଜମିକୁ ଅଧିଗ୍ରହଣ କରାଯିବ । ଫଳସ୍ୱରୂପ, ଏହି ଅଧିଗ୍ରହଣ ପାଇଁ ଭୂମିହୀନ ହେବାର କୌଣସି ଗୁରୁତ୍ୱପୂର୍ଣ୍ଣ ବିପଦ ନାହିଁ ।

ରୋଜଗାରହୀନତା: ଏହି ପ୍ରସ୍ତାବିତ ଜମି ଅଧିଗ୍ରହଣରେ କୌଣସି ପ୍ରକାରର ରୋଜଗାର ହରାଇବା ଭଳି ବିପଦ ନାହିଁ କାରଣ ପ୍ରଭାବିତ ପରିବାରମାନଙ୍କର ଜମି କ୍ଷତିର ପରିମାଣ ବହୁତ କମ୍ ଅଟେ ।

ବାସଗୃହହୀନତା: ବ୍ରଜମୋହନପୁର କେନାଲ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଯୋଗୁ, କୌଣସି ପରିବାର ବାସସ୍ଥାନ ହରାଇବାର ସମ୍ଭାବନା ନାହିଁ ।

ଖାଦ୍ୟ ନିରାପତ୍ତା: ଉପରୋକ୍ତ ଆଲୋଚନାରୁ ଜଣାଯାଉଛି ଯେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୫୩ଟି ପରିବାର କେବଳ ୨.୬୮୮୦ ଏକର ଜମି ହରାଇବେ । ତେଣୁ ଏହି ସ୍ୱଳ୍ପ ପରିମାଣର ଜମି ହରାଇବା ଯୋଗୁ ବର୍ତମାନର ପରିସ୍ଥିତିରେ ଦାରିଦ୍ର୍ୟ/ ଖାଦ୍ୟ ସଂକଟ ଜନିତ ବିପଦ ସୃଷ୍ଟି ହେବ ନାହିଁ ।

ସାଧାରଣ ସମ୍ପତି ଏବଂ ସେବାଗୁଡିକର ବ୍ୟବହାରକୁ ହରାଇବା: ଏହି କେନାଲ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣରେ କୌଣସି ସାଧାରଣ ସମ୍ପତି କିମ୍ବା ସମ୍ପ୍ରଦାୟ ସେବା ସୁବିଧା କ୍ଷତିଗ୍ରସ୍ତ ହେବ ନାହିଁ କିନ୍ତୁ ସ୍ୱଳ୍ପ ସମୟ ପାଇଁ ଏହା ଉପରେ ଅଧିକ ଚାପ ପଡିବାର ସମ୍ଭାବନା ରହିଛି ।

ସାମାଜିକ ବିଭାଜନ: ଯେହେତୁ ଏହି ଜମି ଅଧିଗ୍ରହଣରେ କୌଣସି ପରିବାର ବିସ୍ଥାପିତ ହେବେ ନାହିଁ, ତେଣୁ ବର୍ତ୍ତମାନର ସାମାଜିକ ସ୍ଥିତି, ସାମାଜିକ ସଂଗଠନର ଢାଂଚା, ପାରସ୍ପରିକ ସମ୍ପର୍କ, ଗୋଷ୍ଠୀ ଏବଂ ପାରସ୍ପରିକ ସାହାଯ୍ୟର ସୁବିଧାଗୁଡିକ ବାଧାପ୍ରାପ୍ତ ହେବନାହିଁ ବୋଲି ମୂଲ୍ୟାୟନ କରାଯାଇଛି ।

କିନ୍ତୁ ଏହି ପ୍ରକଳ୍ପ ଏକ ସରଳରୈଖିକ ପ୍ରକଳ୍ପ ଏବଂ ଲୋକମାନେ ଏହାଦ୍ୱାରା କେବଳ ସ୍ୱଳ୍ପ ପରିମାଣର ଜମି ହରାଉଛନ୍ତି । ତେଣୁ ଏହି ପ୍ରକଳ୍ପରେ ସ୍ଥାନୀୟ ଲୋକଙ୍କ ପାଇଁ ସେପରି ଦାରିଦ୍ର୍ୟ ଆଡ଼କୁ ମୁହାଁଇବା ଭଳି ବିପଦର ସମ୍ଭାବନା ନାହିଁ ।

## ୬.୩ ପ୍ରଭାବିତ ପରିବାରମାନଙ୍କ ପ୍ରକଳ୍ପ ବିଷୟରେ ମତାମତ

ରାଜୁଆ ଡାଇଭରର୍ସନ ୱ୍ୱେୟାର ଅଧିନରେ ବ୍ରଜମୋହନପୁର ସବ୍-ମାଇନର-୨ ପ୍ରକଳ୍ପ ନିମନ୍ତେ ଏହି ପର୍ଯ୍ୟାୟର ଜମି ଅଧିଗ୍ରହଣ ପୂର୍ବରୁ ପ୍ରକଳ୍ପ ପ୍ରତି ପ୍ରଭାବିତ ଲୋକମାନଙ୍କର ଭାବନା/ ଚିନ୍ତାଧାରା ଏବଂ ଏହାର ପ୍ରଭାବକୁ ଆକଳନ କରିବା ଆବଶ୍ୟକ ରହିଛି । ତେଣୁ ପରବର୍ତି ପର୍ଯ୍ୟାୟରେ ତର୍ଜମା କରିବା ନିମନ୍ତେ ପ୍ରଭାବିତ ପରିବାରମାନଙ୍କର ଭାବନା/ ଚିନ୍ତାଧାରାକୁ ଲିପିବଦ୍ଧ କରାଯାଇଛି । ଏହି ଅଧ୍ୟାୟରେ ଲୋକମାନଙ୍କର ପ୍ରକଳ୍ପ ସମ୍ପର୍କିତ ଭାବନା/ ଚିନ୍ତାଧାରା ବିଷୟରେ ଆଲୋଚନା କରାଯାଇଛି ।

### ୬.୩.୧ ପ୍ରକଳ୍ପ ବିଷୟରେ ସଚେତନତା

ଅଧିକାଂଶ ପ୍ରଭାବିତ ପରିବାରମାନେ ପ୍ରତିକ୍ରିୟା ଦେଇଥିଲେ ଯେ ସେମାନେ ବ୍ରଜମୋହନପୁର ସବ୍-ମାଇନର-୨ ପ୍ରକଳ୍ପ ବିଷୟରେ ଜାଣନ୍ତି ଏବଂ ଏହି ପ୍ରକଳ୍ପ ଅଧୀନରେ ସେମାନଙ୍କର ଜମି ଅଧିଗ୍ରହଣ କରାଯିବାକୁ ଉଦ୍ଦିଷ୍ଟ ଥିଲା । ଯଦିଓ ସେମାନେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ବିଷୟରେ ଜାଣନ୍ତି, ତଥାପି ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନଥିବା ଜମିର କ୍ଷତିପୂରଣ ମୂଲ୍ୟ ସମ୍ପର୍କରେ ଯଥେଷ୍ଟ ଦ୍ୱନ୍ଦ୍ୱରେ ଅଛନ୍ତି ।

### ୬.୩.୨ ପ୍ରକଳ୍ପର ଉପାଦେୟତା: ସାମାଜିକ ଓ ଅର୍ଥନୈତିକ

ପ୍ରଭାବିତ ଜନସଂଖ୍ୟା ଉପରେ ପ୍ରକଳ୍ପର ଲାଭ ମଧ୍ୟ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଅଧ୍ୟୟନ ସମୟରେ ମୂଲ୍ୟାଙ୍କନ କରାଯାଇଥିଲା । ଦେଖାଯାଇଥିଲା ଯେ ସର୍ବେକ୍ଷଣ କରାଯାଇଥିବା ସମସ୍ତ ୫୩ଟି ପରିବାର ସାମାଜିକ ତଥା ଅର୍ଥନୈତିକ ଫାଇଦା ଆଶା କରି ଏହି ପ୍ରକଳ୍ପ ବିଷୟରେ ଏକ ସକାରାତ୍ମକ ଦୃଷ୍ଟିକୋଣ ପ୍ରକାଶ କରିଛନ୍ତି । ଆର୍ଥିକ ଲାଭ ସମ୍ପର୍କରେ; ସେମାନେ ମତ ଦେଇଥିଲେ ଯେ, ପ୍ରକଳ୍ପ ଯୋଗୁ ସ୍ଥାନୀୟ ଅଂଚଳରେ ଜମି ମୂଲ୍ୟ ବୃଦ୍ଧି ପାଇବ, କୃଷି ଜମିରୁ ଭଲ ଫସଲ ଉତ୍ପାଦନ କରି ପରିବାରର ଆୟ ବୃଦ୍ଧି ପାଇବ, ବିକଳ୍ପ ଜଳସେଚନ ଖର୍ଚ୍ଚ ହ୍ରାସ ପାଇବ ଏବଂ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକୁ ଉତ୍ତମ କ୍ଷତିପୂରଣ ପାଇବେ ।




**ଚିତ୍ର- ୧୨ କେନାଲ ପ୍ରକଳ୍ପର ସାମାଜିକ ତଥା ଅର୍ଥନୈତିକ ଉପାଦେୟତା**

ସେହିପରି, ସାମାଜିକ ଲାଭ ସମ୍ପର୍କରେ ସେମାନେ ମତ ଦେଇଥିଲେ ଯେ, ପ୍ରକଳ୍ପ ଉନ୍ନତ ଫସଲ ଉତ୍ପାଦନ (୭୧.୭%) ମାଧ୍ୟମରେ ପରିବାରର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବ ଏବଂ ଫସଲରୁ ଆୟ ବୃଦ୍ଧି (୩୪%) ଯୋଗୁଁ ଜୀବନଧାରଣ ମାନରେ ଉନ୍ନତି ଆଣିବ । ଏହା ଦର୍ଶାଉଛି ଯେ, ଅଧିକାଂଶ ପ୍ରଭାବିତ ଲୋକ ପ୍ରକଳ୍ପର ସମ୍ଭାବ୍ୟ ସକାରାତ୍ମକ ଫଳାଫଳ ବିଷୟରେ ଆଶାବାଦୀ ଅଛନ୍ତି ।

### ୬.୩.୩ ପ୍ରକଳ୍ପର ପ୍ରତିକୂଳ ପ୍ରଭାବ:

ପ୍ରଭାବିତ ପରିବାର ଦ୍ୱାରା ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରତିକୂଳ ମତ ପ୍ରକାଶ କରାଯାଇ ନାହିଁ । ତଥାପି, କିଛି ପରିବାର ପରାମର୍ଶ ଦେଇଛନ୍ତି ଯେ ନିର୍ମାଣ ସମୟ ମଧ୍ୟରେ ବର୍ଷା ଋତୁରେ ସମ୍ଭାବ୍ୟ ଜଳବନ୍ଦୀ ବିଷୟରେ ପ୍ରକଳ୍ପ କର୍ତ୍ତୃପକ୍ଷ ସତର୍କ ରହିବା ଉଚିତ, କାରଣ ଏହା କୃଷି କାର୍ଯ୍ୟକଳାପକୁ ବାଧା ଦେଇପାରେ । ଏହା ବ୍ୟତୀତ, ସେମାନେ ଦାବି କରିଛନ୍ତି ଯେ କୃଷି ଉପକରଣ ଏବଂ ଉତ୍ପାଦିତ ଫସଲ ପରିବହନ ପାଇଁ କେନାଲ ଉପରେ ଆବଶ୍ୟକୀୟ ସ୍ଥାନରେ କଲଭର୍ଟ ନିର୍ମାଣ କରିବା ଆବଶ୍ୟକ ।

### ୬.୩.୪ ପ୍ରଭାବିତ ପରିବାରମାନଙ୍କର କ୍ଷତିପୂରଣ ପାଇଁ ଆକାଂକ୍ଷା ଓ ଅଗ୍ରାଧିକାର:

ନିୟମରେ ଉଲ୍ଲେଖିତ ବିଭିନ୍ନ ଅଧିକାର ଅନୁଯାୟୀ ପ୍ରଭାବିତ ପରିବାରମାନଙ୍କର ଆଶାଆକାଂକ୍ଷାକୁ ଚିହ୍ନଟ କରିବା ଏବଂ ଆକଳନ କରିବା ଏହି ଅଧ୍ୟୟନର ମୁଖ୍ୟ ଲକ୍ଷ୍ୟ । ତଦନୁଯାୟୀ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ଲାଭ ବିଷୟରେ ପ୍ରଭାବିତ

ସମସ୍ତ ପରିବାରମାନଙ୍କର ପସନ୍ଦକୁ ଜାଣିବା ପାଇଁ ଏକ ଉଦ୍ୟମ କରାଯାଇଛି । ଏହା ଜାଣିବା ପାଇଁ ପ୍ରତିଟି ପରିବାରଙ୍କୁ ଯୋଗାଯୋଗ କରାଯାଇଥିଲା ।

କ) ଜମି ବଦଳରେ କ୍ଷତିପୂରଣ ପାଇଁ ଇଚ୍ଛା ପୋଷଣ

ଅଧ୍ୟୟନରୁ ଜଣାପଡିଛି ଯେ ଜମି ହରାଇବା ପରିବର୍ତ୍ତେ, ପ୍ରଭାବିତ ଲୋକମାନେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଠାରୁ ନଗଦ କ୍ଷତିପୂରଣ ଆଶା କରୁଥିଲେ, ଯାହା ଦ୍ୱାରା ସେମାନଙ୍କ ପରିବାରର ଜୀବିକା ନିର୍ବାହ ସୁନିଶ୍ଚିତ ହୋଇପାରିବ । ସୂଚନା ଅନୁଯାୟୀ, ସମସ୍ତ ପ୍ରଭାବିତ ପରିବାର ସେମାନଙ୍କ ଜମି ହରାଇବା ପାଇଁ ନ୍ୟାୟସଙ୍ଗତ ଏବଂ ଉଚିତ କ୍ଷତିପୂରଣ ଆଶା କରୁଥିଲେ ।

ଖ) ପ୍ରକଳ୍ପ ସହାୟତା ପାଇଁ ଇଚ୍ଛାପୋଷଣ

ପ୍ରକଳ୍ପ ସହାୟତା ସମ୍ପର୍କରେ ସୂଚନା ମୁତାବକ, ସମସ୍ତ ପ୍ରଭାବିତ ପରିବାର ସେମାନଙ୍କର ଜମି ନଷ୍ଟ ପାଇଁ ନଗଦ ଅର୍ଥ ପାଇବା ପାଇଁ ମତ ଦେଇଛନ୍ତି । ଦଳଗତ ଆଲୋଚନା ସମୟରେ ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ ପ୍ରଭାବିତ ପରିବାରମାନେ କ୍ଷତିପୂରଣ ରାଶି "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ପୁନଃ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩" ରେ ବର୍ଣ୍ଣିତ ଧାରା ଓ ଏହାର ବର୍ଦ୍ଧିତ କ୍ଷତିପୂରଣ ରାଶି ଅନୁଯାୟୀ ସ୍ଥିର କରାଯିବ ବୋଲି ଆଶା କରିଛନ୍ତି ।

ଗ) ଆୟ ପୁନଃସଂସ୍ଥାନ ସହାୟତା

ଅଧିକାଂଶ ପ୍ରଭାବିତ ପରିବାରମାନଙ୍କର ପସନ୍ଦ ହେଉଛି ପରିବାର ପ୍ରତିପୋଷଣ ପାଇଁ ଆୟ ପୁନଃସଂସ୍ଥାନ ସହାୟତା, ଯାହାଦ୍ୱାରା କି ସେମାନଙ୍କ ପରିବାରର ଜୀବନଜୀବିକା ସୁରକ୍ଷିତ ହୋଇପାରିବ । କିନ୍ତୁ, ଦେଖାଯାଇଥିଲା ଯେ କେନାଲ ପ୍ରକଳ୍ପ କ୍ଷେତ୍ରରେ ବର୍ତ୍ତମାନ କରାଯାଉଥିବା ଜମି ଅଧିଗ୍ରହଣ ଯୋଗୁଁ କୌଣସି ପରିବାର ସେମାନଙ୍କର ବର୍ତ୍ତମାନର ଆୟର ଉତ୍ସକୁ ସଂପୂର୍ଣ୍ଣଭାବରେ ହରାଉନାହାନ୍ତି । ତେଣୁ, ଆୟ ପୁନରୁଦ୍ଧାର ସହାୟତା ପାଇଁ କୌଣସି ଦାବି ହୋଇନାହିଁ ।

### ୬.୩.୫ ପ୍ରଭାବିତ ପରିବାରମାନଙ୍କର ଅଧିକାର ସୁବିଧା ପାଇଁ ଆଇନଗତ ବ୍ୟବସ୍ଥା:

**କ)** <u>ଜମିର ବଜାର ମୂଲ୍ୟ</u> - ଆଇନର ଧାରା ୨୬(୧) ଅନୁସାରେ ଜମିର ବଜାରମୂଲ୍ୟ ଭାରତୀୟ ଷ୍ଟାମ୍ପ ଆକ୍ଟ ୧୮୯୯ ଅଧୀନରେ ହେଉଥିବା ଜମି ବିକ୍ରି ରେଜିଷ୍ଟ୍ରେସନ ଅନୁସାରେ ସ୍ଥିର ହେବ । ଜମି ଯେଉଁଠି ଅବସ୍ଥିତ, ସେହି ଅଂଚଳରେ ସରକାରୀ ସ୍ୱୀକୃତି ପାଇଥିବା ଦର କିମ୍ବା ଅନୁମୋଦିତ ହୋଇଥିବା ନିର୍ଣ୍ଣାୟକ ଦର (Bench Mark Valuation) ଅନୁସାରେ ଜମିର ବଜାର ମୂଲ୍ୟ, ୨ଟିରୁ ଯେଉଁଠି ଅଧିକ ହୋଇଥିବ, ସେହି ଅନୁସାରେ କରାଯିବ । ଦ୍ୱିତୀୟତଃ ବିଗତ ୩ ବର୍ଷ ମଧ୍ୟରେ ସେହି ଅଂଚଳରେ ବିକ୍ରି ହୋଇଥିବା ସମାନ ପ୍ରକାର ଜମିର ସବୁଠାରୁ ଅଧିକ ଦାମ୍‌ର ୫୦%ରୁ ଅଧିକ ମୂଲ୍ୟଗୁଡିକର ହାରାହାରି ମୂଲ୍ୟ (ଉପରୋକ୍ତ ମୂଲ୍ୟଗୁଡିକ ମଧ୍ୟରୁ ଯେଉଁଠି ଅଧିକ ହୋଇଥିବ ତାହାକୁ ବିଚାରକୁ ନିଆଯିବ) । ଆଇନଗତ ବିଧାନ ଅନୁସାରେ ଯେଉଁ ତାରିଖରୁ ପ୍ରାରମ୍ଭିକ ବିଜ୍ଞାପନ ଧାରା - ୧୧(୧) ଆଧାରରେ ପ୍ରକାଶ ପାଇବ, ସେହିଦିନ ଜମିର ମୂଲ୍ୟ ଯେତିକି ଥିବ ତାହାହିଁ କ୍ଷତି ପୂରଣ ରାଶି ପାଇଁ ମାନକ ହେବ ।

**ଖ)** *<u>ଜମିର ବଜାରମୂଲ୍ୟ ବଢାଇ ପାରୁଥିବା ସହାୟକ:</u>* ପ୍ରକଳ୍ପ ଯେଉଁ ସ୍ଥାନରେ ହେଉଛି, ନିକଟତମ ସହରଠାରୁ ସେହି ସ୍ଥାନର ଦୂରତାକୁ ଭିତିକରି ସହରାଂଚଳ ପାଇଁ ୧ ଗୁଣ ଏବଂ ଗ୍ରାମାଂଚଳ ପାଇଁ ଏହା ୧ ରୁ ୨ ଗୁଣ ହେବ । ବଜାରମୂଲ୍ୟ ବହୁଗୁଣିତ କିପରି ହେବ, ସେହି ଢାଂଚର ବ୍ୟାଖ୍ୟା ଯଦି ଆମେ ସହରାଂଚଳରୁ ଗ୍ରାମାଂଚଳ ଆଡକୁ ଯିବା,ବଜାର ମୂଲ୍ୟ ବହଗୁଣିତ କରୁଥିବା ଏହି ସହାୟକ ବିଷୟ ଗୁଡିକ ଧୀରେ ଧୀରେ ବଢିବଢି ଯିବେ

| କ୍ରମିକ ନଂ | ସହରାଞ୍ଚଳ ଠାରୁ ଥିବା ଦୂରତା (କି.ମିରେ) | ବହୁଗୁଣିତ କରିବାପାଇଁ ସହାୟକ |
|---|---|---|
| ୧ | ୦-୧୦ | ୧.୦୦ |

| | | |
|---|---|---|
| ୨ | ୧୧-୨୦ | ୧.୨୦ |
| ୩ | ୨୧-୩୦ | ୧.୪୦ |
| ୪ | ୩୧-୪୦ | ୧.୮୦ |
| ୫ | ୪୦ରୁ ଉର୍ଦ୍ଧ୍ୱ | ୨.୦୦ |

**ଗ)** *<u>ଜମି କିମ୍ବା ଘର ସଂଲଗ୍ନ ସଂପତିର ମୂଲ୍ୟ</u>* - ଆଇନର ଧାରା ୨୯(୧) ଅନୁସାରେ ଜିଲ୍ଲାପାଳ, ଅଧିକୃତ ହେବାକୁ ଥିବା ଘର, ଅନ୍ୟ ସ୍ଥାବର ସଂପର୍ତ୍ତି କିମ୍ବା ଜମି ଓ ଘର ସଂଲଗ୍ନ ଥିବା ସଂପତିର ବଜାର ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ, ଆବଶ୍ୟକ ସ୍ଥଳେ ଜଣେ ଦକ୍ଷ ଇଂଜିନିୟର କିମ୍ବା ସେହି କ୍ଷେତ୍ର ପାଇଁ ପ୍ରଯୁଜ୍ୟ ବିଶାରଦଙ୍କର ସହାୟତା ନେବେ । ଗଛ ଏବଂ ଗଛଗୁଡିକର ମୂଲ୍ୟାଙ୍କନ ପାଇଁ କୃଷିବିତ୍, ଜଙ୍ଗଲ ବିଷୟର ବିଶାରଦ, ଉଦ୍ୟାନବିତ୍, ବୟନଶିଳ୍ପବିତ୍ କିମ୍ବା ଆଉ କୌଣସି କ୍ଷେତ୍ରର ଦକ୍ଷତା ଥିବା ବିଶାରଦ ଯାହାଙ୍କୁ ସେ ଆବଶ୍ୟକ ଭାବିବେ ତାଙ୍କୁ ନେଇପାରିବେ ।

**ଘ)** *<u>୧୦୦% କ୍ଷତିପୂରଣ</u>* - ଧାରା ୩୦ ଅନୁସାରେ ଜିଲ୍ଲାପାଳ ଯେଉଁ କ୍ଷତିପୂରଣ ରାଶି ପ୍ରଦାନ କରିବେ, ତାହା ଜମିର ବଜାର ମୂଲ୍ୟରେ ୧୦୦% × ସହରାଂଚଳ ଠାରୁ ଦୂରତାକୁ ଭିତିକରି ସ୍କେଲ୍ (ସହାୟତା) ୧ରୁ ୨ ପର୍ଯ୍ୟନ୍ତ ଗୁଣନ କରାହେବ ।

**ଙ)** *<u>ଅତିରିକ୍ତ ୧୨% ସୁଧ</u>* - ଆଇନର ଧାରା ୩୦(୩) ଅନୁସାରେ ଜିଲ୍ଲାପାଳ ବଜାରମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ ବଜାର ମୂଲ୍ୟ ଉପରେ ବାର୍ଷିକ ୧୨% ହାରରେ ଅତିରିକ୍ତ ବଜାର ମୂଲ୍ୟ ହିସାବ କରିବେ ।

**ଚ)** *<u>ଅତିରିକ୍ତ ୧୨% ହିସାବ କରିବାର ତାରିଖ</u>* – ବଜାର ମୂଲ୍ୟର ଅତିରିକ୍ତ ୧୨% ହିସାବ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କରାଯିବ । ଆଇନ୍‌ର ଧାରା ୪(୨) ଅନୁସାରେ ସେହି ସମୟସୀମା ହେଉଛି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ବିଜ୍ଞପ୍ତି ପ୍ରକାଶିତ ହେବାଦିନଠାରୁ କ୍ଷତିପୂରଣ ରାଶି ପ୍ରଦାନ କରିବା କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ଜମି ଦଖଲକୁ ନେବା, ଯେଉଁଟା ପ୍ରଥମେ ହେବ, ସେହିଦିନ କୁ ହିସାବ କରାଯିବ ।

### ୬.୩.୬ ପ୍ରକଳ୍ପ ପ୍ରଭାବର ନିର୍ଦ୍ଦିଷ୍ଟ ସୂଚକ ଉପରେ ପରିବାରମାନଙ୍କର ଧାରଣା

ପରିବାରଗୁଡ଼ିକର ସାକ୍ଷାତକାରର ଶେଷ ପର୍ଯ୍ୟାୟରେ ପ୍ରତ୍ୟେକ ମତଦାତାଙ୍କୁ ପ୍ରକଳ୍ପର ପ୍ରଭାବକୁ ନେଇ ସେମାନଙ୍କର ମତାମତ ବିଷୟରେ ପ୍ରଶ୍ନ ପଚରା ଯାଇଥିଲା ଏବଂ ସେମାନେ ଦେଇଥିବା ମତାମତଗୁଡ଼ିକୁ ବିଭିନ୍ନ ସେପାନଭୁକ୍ତ କରାଯାଇଥିଲା ଯଥା- ଅତିମାତ୍ରାରେ ଏକମତ, ଏକମତ, ଏକମତନୁହେଁ । କେତେକ ନିର୍ଦ୍ଦିଷ୍ଟ ଧାରାରେ ପ୍ରକଳ୍ପର ପ୍ରଭାବ ଉପରେ ପ୍ରତିଟି ଉତ୍ତରଦାତାଙ୍କର ମତାମତକୁ ଏକମତ/ଏକମତ ନୁହଁନ୍ତି ଏହି ଭିତ୍ତିରେ ଉଲ୍ଲେଖ କରାଯାଇଛି ।

<u>ପ୍ରକଳ୍ପ ଫସଲ ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିବ</u>: ପ୍ରଭାବିତ ପରିବାରଙ୍କ ମଧ୍ୟରୁ ୭୦% ରୁ ଅଧିକ ଏହି ଧାରଣା ସହିତ ସହମତ ଯେ କେନାଲ ଜଳସେଚନ ସୁବିଧା ଯୋଗୁଁ କୃଷି ଜମିର ଫସଲ ଉତ୍ପାଦନ ବୃଦ୍ଧି କରିବ ।

<u>ଜମିର ଜଳସେଚନ ପାଇଁ ଲାଭଦାୟକ</u>: ସମସ୍ତ ଉତ୍ତରଦାତା ଅଧିକ ଫସଲ ଉତ୍ପାଦନ କରିବା ଏବଂ ବିକଳ୍ପ ଜଳସେଚନ ଉତ୍ସର ମୂଲ୍ୟ ହ୍ରାସ କରିବା ପାଇଁ ପ୍ରକଳ୍ପର ସମ୍ଭାବନା ଉପରେ ଦୃଢ଼ ସହମତ । ସେମାନେ ଆଶା କରୁଛନ୍ତି ଯେ ଏହି କ୍ଷୁଦ୍ର କେନାଲ ନିର୍ମାଣ କମାଣ୍ଡ ଅଂଚଳକୁ ବୃଦ୍ଧି କରି ସମସ୍ତ ଋତୁରେ ଫସଲ ଉତ୍ପାଦନ ପାଇଁ ସହାୟକ ହେବ ।

<u>ସ୍ଥାନୀୟ ଅଂଚଳରେ କୃଷି ଜମି ମୂଲ୍ୟ ବୃଦ୍ଧି</u> : ସମସ୍ତ ଉତ୍ତରଦାତା ସହମତ ହୋଇଛନ୍ତି ଯେ ଉନ୍ନତ ଜଳସେଚନ ସୁବିଧା ଏବଂ କୃଷି ଜମିର ଉନ୍ନତ ଉତ୍ପାଦନ ଯୋଗୁଁ କେନାଲ ପାର୍ଶ୍ୱରେ ସଂପତି ମୂଲ୍ୟ ବୃଦ୍ଧି ପାଇପାରେ । ଏହା ଚାଷ କରୁଥିବା ପରିବାରକୁ ଲାଭ ଦେଇପାରେ ।

<u>ଉତ୍ତମ କ୍ଷତିପୂରଣ ପ୍ରଦାନ</u>: ସମସ୍ତ ଉତ୍ତରଦାତା ଏକମତ ହୋଇଥିଲେ କିମ୍ବା ଦୃଢ ଭାବରେ ସହମତ ହୋଇଥିଲେ ଯେ ଏହି ପ୍ରକଳ୍ପ ସେମାନଙ୍କ ଜମି ନଷ୍ଟ ହେବା ବଦଳରେ ଉତ୍ତମ କ୍ଷତିପୂରଣ ପ୍ରଦାନ କରିବ ।

ସାଧାରଣ ସମ୍ପତ୍ତି ନଷ୍ଟ: ସମସ୍ତ ପ୍ରଭାବିତ ପରିବାର ଏହି ଧାରଣା ସହିତ ଅସହମତ ଅଟନ୍ତି କାରଣ କେନାଲ ନିର୍ମାଣ ଯୋଗୁଁ କୌଣସି ସାଧାରଣ ସମ୍ପତ୍ତି ପ୍ରଭାବିତ ହେବ ନାହିଁ ।

ବାସଗୃହର କ୍ଷତି: ଏହି ପର୍ଯ୍ୟାୟ ଜମି ଅଧିଗ୍ରହଣରେ କୌଣସି ବାସଗୃହର କ୍ଷତି ହେଉନଥବାରୁ ଏ ସମ୍ବନ୍ଧରେ କୌଣସି ମତାମତ ଆସିନଥିଲା ।

ଉପରୋକ୍ତ ମତାମତରୁ ଜଣାଯାଉଛି ଯେ ପ୍ରଭାବିତ ଲୋକଙ୍କ ଉପରେ ପ୍ରକଳ୍ପର ସାମଗ୍ରିକ ପ୍ରଭାବ ସକରାତ୍ମକ ହେବ ।

### ୬.୪ ପରୋକ୍ଷ ଭାବରେ ପ୍ରଭାବିତ ପରିବାରମାନଙ୍କ ମତାମତ.

୧୦ଟି ପରୋକ୍ଷ ଭାବରେ ପ୍ରଭାବିତ ପରିବାରଙ୍କ ସର୍ଭେରୁ ଜଣାପଡିଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଅଂଚଳରେ ନିର୍ମାଣ ହେବାକୁଥିବା ବ୍ରଜମୋହନପୁର କେନାଲ ପ୍ରକଳ୍ପ ବିଷୟରେ ଜାଣନ୍ତି । ପ୍ରକଳ୍ପର ଲାଭ ବିଷୟରେ ଅଧିକାଂଶ ମତ ଦେଇଥିଲେ ଯେ ଏହି ପ୍ରକଳ୍ପ ପରିବାର ଏବଂ ଗ୍ରାମ ପାଇଁ ଲାଭଦାୟକ ହୋଇପାରେ । କେନାଲ ନିର୍ମାଣ ସେମାନଙ୍କ ସ୍ଥାନୀୟ ଅର୍ଥନୀତିର ବିକାଶ କରିବ । ସେମାନେ ବିଶ୍ୱାସ କରନ୍ତି ଯେ ସବ୍-ମାଇନର କେନାଲ ନିର୍ମାଣ ସ୍ଥାନୀୟ ଅର୍ଥନୀତିର ବିକାଶରେ ଯୋଗଦାନ ଦେବ, କୃଷି ଜମିରେ ଜଳସେଚନ ସମସ୍ୟାର ସମାଧାନ କରିବ, ଫସଲ ଉତ୍ପାଦନ ବୃଦ୍ଧି କରିବ ଏବଂ ଚାଷୀମାନଙ୍କୁ ନିଶ୍ଚିତ ଜଳସେଚନ ସୁବିଧା ସହିତ ସମସ୍ତ ଋତୁରେ ଅଧିକ ଜମି ଚାଷ କରିବାକୁ ସକ୍ଷମ କରିବ ।

ଏହା ବ୍ୟତୀତ, ସେମାନେ କୃଷି ଜମିକୁ ଟ୍ରାକ୍ଟର ଏବଂ ଅନ୍ୟାନ୍ୟ କୃଷି ଉପକରଣ ପରିବହନକୁ ସହଜ କରିବା ପାଇଁ କେନାଲରେ କଲଭର୍ଟ ନିର୍ମାଣ କରି ଏକ ଉପଯୁକ୍ତ ସମାଧାନ ଦାବି କରିଥିଲେ ।

### ୬.୫ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ.ଆଇ.ଏମ.ପି)

ଭାରତ ସରକାରଙ୍କ"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩" ର ଧାରା-୪ ଅନ୍ତର୍ଗତ ଉପଧାରା-୬ ରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେକୌଣସି ପ୍ରକଳ୍ପର ପ୍ରତିକୂଳ ପ୍ରଭାବଗୁଡିକ ସମାଧାନ କରିବା ପାଇଁ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ । ଏହା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ର ଏକ ମୁଖ୍ୟ ଅଂଶ, ଯଦ୍ୱାରା ନକରାତ୍ମକ ପ୍ରଭାବଗୁଡିକର ସୁପରିଚାଳନା ଯୋଜନା ପ୍ରସ୍ତୁତି କରିବା ସହିତ ଏହାର କାର୍ଯ୍ୟକାରିତା, ଅର୍ଥବ୍ୟବସ୍ଥା ଓ ସମୟସାରଣୀର ସୁବନ୍ଦୋବସ୍ତ କରାଯାଇଥାଏ । ଉକ୍ତ ଯୋଜନାଗୁଡିକ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ଯଥା- ପ୍ରାଥମିକ ପର୍ଯ୍ୟାୟ, କାର୍ଯ୍ୟକାରୀ ପର୍ଯ୍ୟାୟ, ଶେଷ ପର୍ଯ୍ୟାୟ ଗୁଡିକର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥାଏ । ପ୍ରତିକୂଳ ପ୍ରଭାବର ସମାଧାନ ନିମନ୍ତେ କାର୍ଯ୍ୟକ୍ରମଗୁଡିକ ପାଇଁ ସଠିକ୍ କୌଶଳ ଅବଲମ୍ବନ କରିବା ନିମନ୍ତେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାକୁ ସରକାର ନିର୍ଦ୍ଦେଶ ଦେଇଥାନ୍ତି ।

ବର୍ତ୍ତମାନର ବ୍ରଜମୋହନପୁର କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ପରିଚାଳନା ଯୋଜନାଟି "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩"ତଥା ଓଡିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ଜମି ଅଧିଗ୍ରହଣ ନିୟମ-୨୦୧୬ ଅନୁଯାୟୀ ପ୍ରସ୍ତୁତ କରାଯାଇଅଛି । ଉକ୍ତ ଅଧ୍ୟୟନରେ ପ୍ରକଳ୍ପର ପ୍ରତିକୂଳ ପ୍ରଭାବର ସମାଧାନ, ଦାୟିତ୍ୱ ବଂଟନ, ସମୟସୀମା ଓ ତଦାରଖ ନିମନ୍ତେ ପ୍ରସ୍ତୁତ ଯୋଜନାଗୁଡିକର ସବିଶେଷ ବିବରଣୀ ସହ ନିମ୍ନ ସାରଣୀରେ ବର୍ଣ୍ଣନା କରାଯାଇଅଛି ।

## ସାରଣୀ-୧୫ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

| କ୍ର.ନଂ | ମୁଖ୍ୟ ପ୍ରଭାବ ପରିମାପ | ଅନୁଧ୍ୟାନ କରାଯାଇଥିବା ପ୍ରକଳ୍ପର ପ୍ରତିକୂଳ ପ୍ରଭାବ | ପ୍ରଭାବର ପ୍ରକାର | ପ୍ରସ୍ତାବିତ ପ୍ରତିହତ ଯୋଜନା | ଦାୟିତ୍ୱ | ସମୟ ସାରଣୀ |
|---|---|---|---|---|---|---|
| ୧ | ଜମି ଓ ଜମି-ଭିତ୍ତିକ ଜିବୀକା | ➢ ଜମି ହରାଇବା<br>➢ ଫସଲ ହରାଇବା<br>➢ କ୍ଷତିପୂରଣ ପ୍ରଦାନରେ ବିଳମ୍ବ | ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ | ➢ ପ୍ରକଳ୍ପ ଅଧିକାରୀ ନୂତନ ଜମି ଅଧିଗ୍ରହଣ ନିୟମ-୨୦୧୩ ଅନୁଯାୟୀ ନ୍ୟାୟୋଚିତ କ୍ଷତିପୂରଣ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ମୂଳକ ପଦେକ୍ଷପ ଗ୍ରହଣ କରିବେ ।<br>➢ କ୍ଷତିପୂରଣ ରାଶିର ଉଚିତ ମୂଲ୍ୟ ପ୍ରଦାନ । | ଖୋର୍ଦ୍ଧା ଜଳସେଚନ ବିଭାଗର ପ୍ରକଳ୍ପ ପରିଚାଳନା ଅଧିକାରୀ ଓ ରାଜ୍ୟ ସରକାର | ପ୍ରକଳ୍ପ ନିର୍ମାଣ ପୂର୍ବରୁ ଓ ନିର୍ମାଣ ସମୟରେ |
| ୨ | ଅର୍ଥ ବ୍ୟବସ୍ଥା | ➢ କ୍ଷତିଗ୍ରସ୍ଥ ପରିବାରଗୁଡିକ ପାଇବାକୁ ଥିବା କ୍ଷତିପୂରଣ ଅର୍ଥ ନିଷ୍ଫଳ କାର୍ଯ୍ୟରେ ଅପବ୍ୟବହାର ହେବାର ସମ୍ଭାବନା ରହିଛି । | ଗୁରୁତ୍ୱପୂର୍ଣ୍ଣ ଏବଂ ଅସ୍ଥାୟୀ | ➢ କ୍ଷତିଗ୍ରସ୍ତ ପରିବାରଗୁଡିକ କ୍ଷତିପୂରଣ ଅର୍ଥ ସବୁକୁ ସଠିକ ଭାବରେ ସଦୁପଯୋଗ କରିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହିତ ସେମାନଙ୍କର ଅଭିଜ୍ଞତା ଓ ସଚେତନତାକୁ ଆଖି ଆଗରେ ରଖି ଅର୍ଥ ବିନିଯୋଗ ପରାମର୍ଶ କାର୍ଯ୍ୟକ୍ରମ ଆବଶ୍ୟକ । | ଖୋର୍ଦ୍ଧା ଜଳସେଚନ ବିଭାଗର ପ୍ରକଳ୍ପ ଅଧିକାରୀ, | ପ୍ରକଳ୍ପ ନିର୍ମାଣ ସମୟରେ ଓ କ୍ଷତିପୂରଣ ରାଶି ବଂଟନ ପରେ |
| ୩ | ଚାଷଜମି ଉପରେ ପ୍ରଭାବ | ➢ କେନାଲ ନିର୍ମାଣ ସମୟରେ ପାଣି ଜମିବା ସମସ୍ୟା ଦେଖାଦେଇପାରେ<br>➢ ପ୍ରକଳ୍ପ କାର୍ଯ୍ୟ ସମୟରେ ଉତ୍ପନ୍ନ ଅଳିଆ ସାମଗ୍ରୀ ଜମା ହେବା କାରଣରୁ ଫସଲ ଉତ୍ପାଦକତା ହାନି<br>➢ କେନାଲ ଖନନ ସମୟରେ ଭାରୀଯାନର ବ୍ୟବହାର ଯୋଗୁ ଫସଲ ନଷ୍ଟ | ଗୁରୁତ୍ୱପୂର୍ଣ୍ଣ ଏବଂ ଅସ୍ଥାୟୀ | ➢ ଫସଲ ଅମଳ ହ୍ରାସ ପାଇଁ ଉପଯୁକ୍ତ କ୍ଷତିପୂରଣ<br>➢ ଜମିରୁ ବାଲି ଗାଡି ପଥର ଇତ୍ୟାଦି ସ୍ଥାନାନ୍ତର<br>➢ କେନାଲ ଖନନ ସମୟରେ ଯନ୍ତ୍ରପାତିଗୁଡ଼ିକର ସତର୍କତାର ସହ ବ୍ୟବହାର ନିଶ୍ଚିତ କରନ୍ତୁ । | ପ୍ରକଳ୍ପ ଅଧିକାରୀ, ରାଜ୍ୟ ସରକାର | ପ୍ରକଳ୍ପ ନିର୍ମାଣ ପୂର୍ବରୁ ଓ ନିର୍ମାଣ ସମୟରେ |

| | | | | | | |
|---|---|---|---|---|---|---|
| ୪ | ଚାଷଜମିକୁ କୃଷି ଉପକରଣ ନେବା ଅଣିବାରେ ଅସୁବିଧା | ➢ ଚାଷ ଜମିକୁ ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଉପକରଣ ଓ ଅମଳ ଫସଲ ନେବା ଆଣିବାରେ ଅସୁବିଧା । | ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ | ➢ କୃଷି ଉପକରଣ ଏବଂ ଅମଳ ହୋଇଥିବା ଫସଲ ଯାତାୟାତ ପାଇଁ ଆବଶ୍ୟକ ଦୂରତାରେ କଲଭର୍ଟ ନିର୍ମାଣ କରାଯିବା ଉଚିତ । | ପ୍ରକଳ୍ପ ଅଧିକାରୀ | ପ୍ରକଳ୍ପ ନିର୍ମାଣ ସମୟରେ ବା ପରେ |

## ୬.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକାରୀ ନିମନ୍ତେ ସାଙ୍ଗଠନିକ ବ୍ୟବସ୍ଥା

ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ସାମ୍ଭବ୍ୟ ନକରାତ୍ମକ ପ୍ରଭାବ ଗୁଡ଼ିକୁ ପ୍ରତିହତ କରିବା ପାଇଁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ ଅତ୍ୟନ୍ତ ଜରୁରୀ ସହିତ ଉପଯୁକ୍ତ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରଦତ ନୂତନ ଜମି ଅଧିଗ୍ରହଣ, ପୂର୍ନବାସ ଓ ଥଇଥାନ ଆଇନ୍ ଅନୁଯାୟୀ ପ୍ରଭାବିତ ଅଂଚଳର କ୍ଷତି ଗୁଡ଼ିକର ଭରଣା କରିବା ସହିତ ଆବଶ୍ୟକତାକୁ ନେଇ ବିକାଶ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ସବ୍-କଲେକ୍ଟର, ଜମି ଅଧିଗ୍ରହଣ ଅଧିକାରୀ, ପ୍ରକଳ୍ପର ପ୍ରଶାସକ, ପ୍ରକଳ୍ପ ସ୍ତରର ପୁନର୍ବାସ ଏବଂ ପୁନଃ ବିସ୍ଥାପନ କମିଟି, ରାଜ୍ୟ ସ୍ତରୀୟ ଆର ଆଣ୍ଡ ଆର ମନିଟରିଂ କମିଟି, ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀମାନେ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ପୂର୍ନବାସ, ଥଇଥାନ ଓ କ୍ଷତିପୂରଣ ପ୍ରଦାନ ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକ ସୁଚାରୁରୂପେ ପରିଚାଳନା କରିବା ସହ ତଦାରଖ କରିବା ପାଇଁ ବନ୍ଦୋବସ୍ତ ରହିଅଛି । ଏହାଛଡା ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକ ଠିକ୍ ଭାବେ ଅନୁଧ୍ୟାନ କରିବା ପାଇଁ ତୃତୀୟ ପକ୍ଷ ଅନୁଷ୍ଠାନ ଯଥା ବେସରକାରୀ ସଂସ୍ଥାର ଆବଶ୍ୟକତା ରହିଛି । ଉକ୍ତ ତୃତୀୟ ପକ୍ଷ ସଂସ୍ଥା ସ୍ୱାଧୀନ ଭାବେ ସମୟାନୁକ୍ରମେ ନିରପେକ୍ଷ ତଦନ୍ତ କରି ପ୍ରତିକୂଳ ପ୍ରଭାବର ପ୍ରତିହତ ବ୍ୟବସ୍ଥାଗୁଡ଼ିକର ସଠିକ କାର୍ଯ୍ୟକାରୀତା ଉପରେ ଗୁରୁତ୍ୱ ଦେବେ ।

# ଅଧ୍ୟାୟ-୭
# ପ୍ରକଳ୍ପ ଖର୍ଚ୍ଚ ଓ ଲାଭର ବିବରଣୀ ଓ ସୁପାରିଶ

## ୭.୧ ପ୍ରକଳ୍ପ ମୂଲ୍ୟ ଲାଭର ବିଶ୍ଲେଷଣ

ସାମାଜିକ ଲାଭ-କ୍ଷତିର ବିଚାର କରିବା ପ୍ରକଳ୍ପ ସହ ସଂଶ୍ଳିଷ୍ଟ ସମସ୍ତ ଉପାଦେୟ ଓ ହାନିକାରକ ଦିଗଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ଦିଗରେ ଏକ ପ୍ରକ୍ରିୟା ଅଟେ । ପ୍ରସ୍ତାବିତ ପ୍ରକଳ୍ପ ଅଂଚଳର ଅଧିବାସୀମାନଙ୍କ ପାଇଁ ପ୍ରକଳ୍ପ ସୁଯୋଗ ଏବଂ ଲାଭର ସମ୍ଭାବନା ସୃଷ୍ଟି କରିଥାଏ, କିନ୍ତୁ ସେହି ସମୟରେ ଏହା ମଧ୍ୟ ନକରାତ୍ମକ ପ୍ରଭାବ ପକାଇଥାଏ । ପ୍ରତ୍ୟକ୍ଷ ଓ ପରୋକ୍ଷ ମୂଲ୍ୟ, କ୍ଷଣସ୍ଥାୟୀ ମୂଲ୍ୟ, ସୁଯୋଗର ମୂଲ୍ୟ ଏବଂ ସମ୍ଭାବ୍ୟ ଆପଦ ଏହି ଲାଭ-କ୍ଷତି ବିଚାରର ପରିସରଭୁକ୍ତ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ମିଳୁଥିବା ରାଜସ୍ୱ ଏବଂ ଆର୍ଥିକ ମାପକ ରୁପେ ସାମୟିକ ଲାଭ ମଧ୍ୟ ସମସ୍ତ ତାଲିକାଭୁକ୍ତ ବିଷୟ ପ୍ରତି ପ୍ରଯୁଜ୍ୟ ଅଟେ । କ୍ଷୟକ୍ଷତିକୁ ଅଣଦେଖା କରିବା ବା ଲାଭକୁ ଅଧିକ ଗୁରୁତ୍ୱ ଯେପରି ନ ଦିଆଯାଏ ସେଥିପ୍ରତି ଯତ୍ନଶୀଳ ହେବା ଉଚିତ । ପରିଶେଷରେ ଏକତ୍ର କରାଯାଇଥିବା କ୍ଷୟକ୍ଷତି ଏବଂ ଲାଭର ଫଳାଫଳକୁ ସଂଖ୍ୟାତ୍ମକ ଭାବେ ତୁଳନା କରି ପ୍ରକଳ୍ପ କାର୍ଯ୍ୟ ହାତକୁ ନେବା ଉଚିତ କି ନାହିଁ ତାହା ନିଷ୍ପତ୍ତି ନେବା ଉଚିତ

ବିକାଶମୂଳକ ପ୍ରକଳ୍ପ ଯେଉଁଥିରେ ଲୋକମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ହେଉଛନ୍ତି ସେଥିପାଇଁ ସାମାଜିକ ଲାଭ-କ୍ଷତିର ବିଚାର ପ୍ରତି ଯତ୍ନଶୀଳ ହେବା ଉଚିତ । ପ୍ରକଳ୍ପର ନିର୍ମାଣ ଦୀର୍ଘସୂତ୍ରୀ ଲାଭ ପ୍ରଦାନ କରିବ ମାତ୍ର ଆଶଙ୍କା କରାଯାଉଥିବା ସମସ୍ୟା ଏବଂ ପ୍ରଭାବକୁ ପ୍ରତିହତ କରିବା ଦିଗରେ କିଛି ଅର୍ଥ ବିନିଯୋଗ ହେବା ଉଚିତ । ତେଣୁ ପ୍ରକଳ୍ପର ଲାଭ-କ୍ଷତିର ତର୍ଜମା କରିବା ନିତ୍ୟାନ୍ତ ଜରୁରୀ । ଯେହେତୁ ଏହା ପ୍ରକଳ୍ପ ପାଇଁ ଜମି ଦେଉଥିବା ଲୋକମାନଙ୍କର ଓ ପରୋକ୍ଷରେ ପ୍ରଭାବିତ ଲୋକମାନଙ୍କର ସାମାଜିକ-ପରମ୍ପରାଗତ ଏବଂ ଅର୍ଥନୈତିକ ସମସ୍ୟାଗୁଡ଼ିକ ସହ ଜଡ଼ିତ ତାହା ସଠିକ ଭାବେ ଚିହ୍ନିତ ହେବା ଏବଂ ପ୍ରଶମିତ ହେବା ଆବଶ୍ୟକ । ପ୍ରକୃତ ପକ୍ଷରେ ସମସ୍ୟାର ହ୍ରାସ ଓ ପ୍ରକଳ୍ପ ପ୍ରଭାବର ପ୍ରଶମନ ପାଇଁ ସଠିକ ପଦକ୍ଷେପ ହିଁ ଚିରନ୍ତନୀ ଲାଭପ୍ରଦ ଅଟେ ।

- ପ୍ରକଳ୍ପ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ ଲୋକମାନଙ୍କର ବିକାଶ ନିମନ୍ତେ ପ୍ରକଳ୍ପ ଅଧିକାରୀ କିଛି ଅର୍ଥ ବ୍ୟୟ କରିବାକୁ ପଲିସି ସ୍ତରରେ ନିଷ୍ପତ୍ତି ନେବା ଉଚିତ ।
- ଲୋକମାନଙ୍କର ବିକାଶ ନିମନ୍ତେ କରାଯାଉଥିବା ଏହି ବ୍ୟୟ ପ୍ରକଳ୍ପ ପାଇଁ ଲାଭଦାୟକ କାରଣ ଏହା ଅଂଶୀଦାରମାନଙ୍କୁ ପରିଚାଳନା କରିବାରେ ସହାୟକ ହୋଇଥାଏ ନଚେତ୍ ସେମାନେ ପ୍ରକଳ୍ପ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି ଏବଂ ପ୍ରକଳ୍ପରେ ବିଳମ୍ବ ଯୋଗୁଁ ପ୍ରକଳ୍ପକୁ ଅଧିକ ମୂଲ୍ୟ ଦେବାକୁ ପଡ଼ିପାରେ । ତେଣୁ ଲୋକମାନଙ୍କର ବିକାଶ ନିମନ୍ତେ କରାଯାଉଥିବା ଏହି ବ୍ୟୟ ଦୀର୍ଘସୂତ୍ରରେ ପ୍ରକଳ୍ପ ପାଇଁ ହେଉଥିବା ଲାଭ ତୁଳନାରେ ନଗଣ୍ୟ ଅଟେ ।
- ପ୍ରକଳ୍ପ କାର୍ଯ୍ୟ ପରିସମାପ୍ତି ପରେ ହିଁ ଆଶା କରାଯାଉଥିବା ଲାଭ ମିଳିପାରିବ କିନ୍ତୁ ବ୍ୟୟସାଧ୍ୟ ହେଲେ ବି ପ୍ରକଳ୍ପର କିଛି ଅର୍ଥ ପ୍ରଭାବିତ ଅଂଚଳର ବିକାଶ ପାଇଁ ରଖିବା ଉଚିତ ଯଦ୍ୱାରା ଏହା ସଫଳତାର ସହ ପ୍ରକଳ୍ପ ଚାଲିବା ପାଇଁ ଦୀର୍ଘମିଆଦୀ ଲାଭ ଦେବ ।

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଅଧୀନରେ ବ୍ରଜମୋହନପୁର ସବ-ମାଇନର-୨ ନିର୍ମାଣର ଲାଭକୁ ଆମେ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏହି ପ୍ରକଳ୍ପ ଚାଷୀମାନଙ୍କୁ ଅନିୟମିତ ମୌସୁମୀ ବର୍ଷାରୁ ସେମାନଙ୍କର ଖରିଫ ଫସଲକୁ ରକ୍ଷା କରିବାକୁ ଏବଂ ବର୍ଷସାରା ଚାଷ କରିବାକୁ ସକ୍ଷମ କରିବ । ନିଶ୍ଚିତ ଜଳସେଚନ ଉପଲବ୍ଧତା ସହିତ, ଚାଷୀମାନେ ଉନ୍ନତ କୃଷି ପଦ୍ଧତି ଗ୍ରହଣ କରିବେ, ଫସଲ ବିବିଧତା ବୃଦ୍ଧି କରିବେ ଏବଂ ପନିପରିବା ଚାଷ ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି । ଏହା ବିବିଧ କୃଷି ଉତ୍ପାଦନ ଓ ପରିବାର ସ୍ତରୀୟ ଖାଦ୍ୟ ଅସୁରକ୍ଷାକୁ ଦୂର କରିବାରେ ଏବଂ ଅତିରିକ୍ତ ଆୟ ସୃଷ୍ଟି କରିବାରେ ସାହାଯ୍ୟ କରିବ । ସାମଗ୍ରିକ ଭାବରେ, ପ୍ରକଳ୍ପ ବର୍ଦ୍ଧିତ ଜଳସେଚନ ସହାୟତା ମାଧ୍ୟମରେ କୃଷି ଉତ୍ପାଦକତାକୁ ସୁଦୃଢ଼ କରି ସ୍ଥାନୀୟ ଜନସଂଖ୍ୟାକୁ ଲାଭ ପହଂଚାଇବ । ଏଥିରୁ ସ୍ପଷ୍ଟ ହୁଏ ଯେ ପ୍ରସ୍ତାବିତ ପ୍ରକଳ୍ପଟି ନିଃସନ୍ଦେହରେ ଲୋକମାନଙ୍କର ହିତ ପାଇଁ ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ପରିକଳ୍ପିତ ।

## ୭.୨ ସୁପାରିଶ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଲୋକମାନଙ୍କ ଆବଶ୍ୟକତା ଓ ଆଶା ଅନୁଯାୟୀ କାଯ୍ୟାକାରୀ ଯୋଜନା ପ୍ରସ୍ତୁତି ଦିଗରେ କାର୍ଯ୍ୟକାରୀ ସଂସ୍ଥା ପାଇଁ ନିର୍ଦ୍ଦିଷ୍ଟ ରୂପେ ଲାଭଦାୟକ ହେବ । ଯେହେତୁ ଏହି ଅଧ୍ୟୟନଟି ଘରକୁ ଘର ଯାଇ କରାଯାଇଛି ଏଥିରେ ଲୋକମାନଙ୍କର ତଥା ଗୋଷ୍ଠିର ଅନୁଭବ ଓ ଅନୁଭୂତି ଏବଂ ଚିନ୍ତାଧାରାକୁ ବୁଝିବାର ଯଥେଷ୍ଟ ସୁଯୋଗ ରହିଛି । ଏହି ରିପୋର୍ଟରେ ସ୍ଥାନିତ ତଥ୍ୟ ଅନୁଧ୍ୟାନକାରୀ ଦଳର ସଦସ୍ୟମାନେ ପ୍ରକଳ୍ପ ସମ୍ବନ୍ଧୀୟ ବ୍ୟକ୍ତିଗତ ମତାମତ ସହ ଲାଭ ଓ କ୍ଷତି ଉପରେ କୈନ୍ଦ୍ରିକ ଦଳଗତ ଆଲୋଚନା ମାଧ୍ୟମରେ ବିଭିନ୍ନ ବର୍ଗର ଲୋକଙ୍କ ଠାରୁ ସଂଗ୍ରହ କରିଥିଲେ ।

ଏହି ରିପୋର୍ଟରେ ସ୍ଥାନିତ ସୁପାରିଶଗୁଡ଼ିକ ଗୋଷ୍ଠି ସହ ସଭା ଏବଂ କୈନ୍ଦ୍ରିକ ଦଳଗତ ଆଲୋଚନାରୁ ଉଦ୍ଧୃତ । କିନ୍ତୁ ଏହି ସୁପାରିଶଗୁଡ଼ିକ ସ୍ଥିର ନୁହେଁ ବା ଗୋଷ୍ଠି ଚାପରେ ଆସିନାହିଁ ବରଂ କାର୍ଯ୍ୟକାରୀ ସଂସ୍ଥା ଗୋଷ୍ଠି ସହ ଅଧିକ ସଂଶ୍ଳିଷ୍ଟ ହୋଇ ଏଥିରେ ଉନ୍ନତି ଆଣିପାରିବେ । ମିଳିଥିବା ତଥ୍ୟ ଅନୁଯାୟୀ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିମ୍ନୋକ୍ତ ପଦକ୍ଷେପ ନିଆଯାଇପାରିବ:

- <u>କୃଷି ଉପକରଣ ପରିବହନ ପାଇଁ ବ୍ୟବସ୍ଥା</u>: ପ୍ରଭାବିତ ପରିବାରମାନଙ୍କ ମତରେ, ଏହି କେନାଲ ଚାଷ ଜମିକୁ ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ବଡ଼ କୃଷି ଉପକରଣର ନେବା ଆଣିବାରେ ଅସୁବିଧା ସୃଷ୍ଟି କରିପାରେ । ତେଣୁ, ସମ୍ପ୍ରଦାୟ ସହିତ ଅଧିକ ପରାମର୍ଶ କରି ଏକ ବିକଳ୍ପ ରାସ୍ତା ନିର୍ମାଣ କରାଯିବା ଉଚିତ, କିମ୍ବା କୃଷି ଉପକରଣର ଯାତାୟାତ କରିବା ପାଇଁ କେନାଲ ଉପରେ ଏକ କଲଭର୍ଟ ନିର୍ମାଣ କରାଯିବା ଉଚିତ ।

- <u>କେନାଲ ଖନନ ସମୟ ମଧ୍ୟରେ ଯନ୍ତ୍ରପାତିଗୁଡ଼ିକର ସତର୍କତାର ସହିତ ବ୍ୟବହାର</u>: କେନାଲ ଖନନ ସମୟ ମଧ୍ୟରେ, ଠିକାଦାରମାନେ ଭାରୀ ଯନ୍ତ୍ରପାତି ବ୍ୟବହାର କରିବେ । ତେଣୁ, ପ୍ରକଳ୍ପ କର୍ତ୍ତୃପକ୍ଷ ସତର୍କ ରହିବା ଉଚିତ ଏବଂ ଏପରି ଯନ୍ତ୍ରପାତିଗୁଡ଼ିକର ସତର୍କତାର ସହିତ ବ୍ୟବହାର ନିଶ୍ଚିତ କରିବା ଉଚିତ, କାରଣ ଏହା ଅନ୍ୟଥା ନିକଟସ୍ଥ କୃଷି କାର୍ଯ୍ୟକଳାପକୁ ବାଧା ଦେଇପାରେ । ଅନିବାର୍ଯ୍ୟ ପରିସ୍ଥିତିରେ, ଜମି ମାଲିକଙ୍କଠାରୁ ପୂର୍ବ ସମ୍ମତି ଗ୍ରହଣ କରାଯିବା ଉଚିତ ଏବଂ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ ।

- <u>କ୍ଷତି ହୋଇଥିବା ଜମି ପାଇଁ ନ୍ୟାୟସଙ୍ଗତ ଏବଂ ସମୟୋଚିତ କ୍ଷତିପୂରଣ</u>: ପ୍ରକଳ୍ପ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଉଚିତ ଯେ ପ୍ରଭାବିତ ପରିବାରଗୁଡ଼ିକୁ ଆର୍ଥିକ ସଙ୍କଟ ଏଡାଇବା ପାଇଁ RFCTLARR ଆଇନ ଅନୁଯାୟୀ ପ୍ରଚଳିତ ବଜାର ହାରରେ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ ।

